(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ନଭେମ୍ବର ୨/୨୦୨୧ (୮+୮=୧୬ ପୃଷ୍ଠା) | Berhampur, Tuesday, November 2/2021 | ★★★

୧୭ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

Lenovo

# Light up festivities with Lenovo

Get benefits worth upto ₹11089 @ just ₹2099*

1 Year Additional Warranty | 3 Years Premium Care | Lenovo 100 Stereo Analog Headset




intel. CORE i5

IdeaPad Slim 5i powered by 11th Gen Intel® Core™ i5 processor.

*T&C apply

Get yours at www.lenovo.com

Lenovo reserves the right to alter product offerings and specifications at any time without notice. Models pictured are for illustration purposes only. Lenovo is not responsible for photographic or typographic errors. Information advertised has no contractual effect. Lenovo and the Lenovo logo are trademarks of Lenovo. Intel, the intel Logo, Intel Inside, Intel Core and Core Inside are trademarks of Intel Corporation or its subsidiaries in the U.S. and/or other countries. © Lenovo 2021 All rights reserved.

VISIT YOUR NEAREST LENOVO EXCLUSIVE STORE TODAY!

ଧରିତ୍ରୀ DHARITRI
ମଙ୍ଗଳବାର, ୨ ନଭେମ୍ବର, ୨୦୨୧



# ବ୍ରହ୍ମପୁରରେ ପେଟ୍ରୋଲ ଲିଟର ୧୧୨ ଟଙ୍କାରୁ ଅଧିକ

■ ଡିଜେଲ ୧୦୮.୯୦ ପଇସା
■ଗ୍ୟାସ ସିଲିଣ୍ଡର ୯୪୭ ଟଙ୍କା ଡେ଼ଇଁଲା

**ବ୍ରହ୍ମପୁର ଅଫିସ,୧।୧୧**



ବ୍ରହ୍ମପୁର ମହାନଗର ଓ ପାର୍ଶ୍ୱ ଅଞ୍ଚଳରେ ସୋମବାର ପୁଣି ତୈଳ ଦର ବୃଦ୍ଧି ଘଟିଛି। ପେଟ୍ରୋଲ ଲିଟର ୧୧୨ ଟଙ୍କା ୨୬ ପଇସା ଓ ଡିଜେଲ ଲିଟର ୧୦୮ ଟଙ୍କା ୯୦ ପଇସା ହୋଇଛି। ସେହିପରି ରନ୍ଧନ ଗ୍ୟାସ ସିଲିଣ୍ଡର ୯୪୭ ଟଙ୍କାରୁ ଅଧିକ ହୋଇଥିବା ଜଣାପଡ଼ିଛି। ପେଟ୍ରୋଲିୟମ ସାମଗ୍ରୀର ମହଙ୍ଗା ମାଡ଼ ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି। ଫଳରେ କେନ୍ଦ୍ର ଏନଡିଏ ସରକାର ବିରୋଧରେ ଜନମତ ବଢ଼ିବାରେ ଲାଗିଛି। ଦେଶର ଆର୍ଥିକ ନୀତି ଠିକଣା ଭାବରେ ପରିଚାଳନା କରିବାରେ ମୋଦି ସରକାରଙ୍କ ବିଫଳତାକୁ ବିଭିନ୍ନ ମହଲ କଡ଼ା ସମାଲୋଚନା କରୁଛନ୍ତି।

ଅପରପକ୍ଷରେ ପେଟ୍ରୋଲିୟମ୍ ସାମଗ୍ରୀର ଆକାଶ ଛୁଆଁ ମୂଲ୍ୟ ବୃଦ୍ଧିକୁ ପ୍ରସଙ୍ଗ କରି ରଜ୍ୟରେ ରବିବାରରୁ ଶାସକ ବିଜେଡି ରାଜରାସ୍ତାକୁ ଓହ୍ଲାଇଛି। ସୋମବାର ସବୁ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମହିଳା ବିଜେଡି ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ ଓ ପ୍ରତିବାଦ ସମାବେଶ ହୋଇଯାଇଛି। ୫ ତାରିଖରେ ଯୁବ ଓ ଛାତ୍ର ବିଜେଡି କର୍ମୀମାନେ ପେଟ୍ରୋଲ ପମ୍ପ ଆଗରେ ଆନ୍ଦୋଳନ କରିବାର ଘୋଷଣା କରାଯାଇଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟି ରଖି ଆନ୍ଦୋଳନ ସୂତ୍ରପାତ କରାଯାଇଥିବା ରାଜନୈତିକ ବିଶ୍ଳେଷକ ମତ ରଖିଛନ୍ତି।

୨୦୧୯ ସାଧାରଣ ନିର୍ବାଚନ ପରଠାରୁ ବିଭିନ୍ନ ସାମଗ୍ରୀ ଏବଂ ପେଟ୍ରୋଲ, ଡିଜେଲ ଓ ଗ୍ୟାସ୍ ଦର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅଢ଼େଇ ବର୍ଷ ହେବ ବିଜେଡି ପ୍ରତିବାଦ ନ କରି ନୀରବ ରହିଥିଲା କାହିଁକି ବୋଲି ବାମପନ୍ଥୀ ଦଳ ପ୍ରଶ୍ନ କରିଛି। ରାଜ୍ୟ ସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ କରି ନିର୍ବାଚିତ କରାଇ ଉଭୟ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ସଲାସୁତୁରା ଥିବା ପ୍ରମାଣିତ କରିଥିବା ସିପିଏମ୍ ଜିଲା କମିଟି ସମ୍ପାଦକ ଟେରେଛା ବାଣ ମାରିଛନ୍ତି। ଅନ୍ୟପକ୍ଷରେ ମମିତା ମେହେର ହତ୍ୟା ଘଟଣା ଏବଂ ମୁଖ୍ୟ ଅଭିଯୁକ୍ତଙ୍କ ସହିତ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ କରି ଭାଜପା ରଜ୍ୟ ସାରା ଆନ୍ଦୋଳନ ସହ ମନ୍ତ୍ରୀଙ୍କ ଇସ୍ତଫା ଓ ତାଙ୍କୁ ଗିରଫ ଦାବି କରୁଛି। ସେହି ପ୍ରସଙ୍ଗ ଏଡ଼ାଇବା ନିମନ୍ତେ ବିଜେଡି ଏବେ ଆନ୍ଦୋଳନ ନାଟକ ରଚିଥିବା ଭାଜପା ସମାଲୋଚନା କରିଛି।

## ସଂକ୍ଷେପରେ

### ଦାଦାବଟି ମାଗିବା ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧।୧୧:** ଦାଦାବଟି ମାଗିବା ସହ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଆ ବସନ୍ତବିହାରରେ ରହୁଥିବା ପ୍ରଶାନ୍ତ କୁମାର ସେଠୀ(୨୯)। ପ୍ରଶାନ୍ତଙ୍କ ନାଁରେ ବିଭିନ୍ନ ଥାନାରେ ସଙ୍ଗିନ ମାମଲା ରହିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ପୋଲିସ ମାମଲା ନମ୍ବର ୩୫୯/୨୧ରେ ପ୍ରଶାନ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଥିବା କହିଛି। ପ୍ରକାଶ ଯେ ସଦର ଥାନା ସାତକୁଟଣି ଗ୍ରାମର ସୁଶାନ୍ତ କୁମାର ସାହୁଙ୍କୁ ଅଭିଯୁକ୍ତ ପ୍ରଶାନ୍ତ ୩୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସୁଶାନ୍ତ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ଜଣଙ୍କ ତାଙ୍କୁ ଫୋନରେ ନାନାପ୍ରକାର ଧମକଚମକ ଦେଉଥିଲେ। ଶେଷରେ ଗତ ୩ଦିନ ତଳେ ପ୍ରଶାନ୍ତ ସାତକୁଟଣି ଗ୍ରାମକୁ ଯାଇ ପୁଣିଥରେ ସୁଶାନ୍ତଙ୍କୁ ଦାଦାବଟି ମାଗିଥିଲେ। କିନ୍ତୁ ସୁଶାନ୍ତ ଦେବାକୁ ମନା କରି ଦେଇଥିଲେ। ପ୍ରଶାନ୍ତ ଏକ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଆହତ ହୋଇ ଭୟଭୀତ ଥିବା ସୁଶାନ୍ତ ଶେଷରେ ସୋମବାର ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ସୋମବାର ପୋଲିସ କାବୁ କରିଥିଲା ବୋଲି କହିଛି।

### ନାବାଳିକା ଅପହରଣ ମାମଲା, ଅଭିଯୁକ୍ତ ଗିରଫ

**ଆସିକା,୧।୧୧(ଡି.ଏନ୍.ଏ.):** ଆସିକା ଥାନା ଅଞ୍ଚଳରେ ୨୦୧୯ରେ ହୋଇଥିବା ଏକ ନାବାଳିକା ଅପହରଣ ମାମଲାର ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଭୁବନେଶ୍ୱରରୁ ଗିରଫ କରିଛି । ସେ ହେଲେ ଏହି ଥାନା ଅଞ୍ଚଳର ପି. ଶୁଭମ ପାତ୍ର । ପୋଲିସ ଅଭିଯୁକ୍ତ ଓ ନାବାଳିକାଙ୍କୁ ଆଣି ଡାକ୍ତରୀ ପରୀକ୍ଷା କରାଇବା ସହ ନାବାଳିକାଙ୍କ ବୟାନ ରେକର୍ଡ କରିଛି । ଅଭିଯୁକ୍ତଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍ସୋ ଅଦାଲତରେ ହାଜର କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନାବାଳିକା ଜଣକ କଲେଜ ପଢିବାକୁ ଯାଇ ଘରକୁ ଫେରିନଥିଲେ । ଏ ନେଇ ପରିବାର ଲୋକେ ଆସିକା ପୋଲିସରେ ଅଭିଯୋଗ କରିଥିଲେ। ନଂ. ୭୫/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା ।

### ଜୁଆଆଡ୍ଡାରେ ଚଢ଼ାଉ, ୪ ଗିରଫ

**କାଶୀନଗର,୧।୧୧(ଡି.ଏନ.ଏ.):** କାଶୀନଗର ଥାନା ଦୁଦୁରା ପଞ୍ଚାୟତର ଇଦୁଡ଼ି ଗ୍ରାମ ରାଧାକୃଷ୍ଣ ମନ୍ଦିର ପଛପଟେ ଜୁଆ ଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଏହି ଘଟଣାରେ ୪ ଜୁଆଡ଼ିଙ୍କୁ ପୋଲିସ ଥାନାରେ ଅଟକ ରଖିବା ସହ ସେମାନଙ୍କଠାରୁ ୧୫୭୫୦ ଟଙ୍କା ଜବତ କରାଯାଇଛି।

### ୨୦୪ ୟୁନିଟ୍ ରକ୍ତ ସଂଗ୍ରହ

**ହିଞ୍ଜିଳିକାଟୁ,୧।୧୧(ଡ଼ି.ଏନ୍.ଏ):** ହିଞ୍ଜିଳିକାଟୁ ବ୍ଲକ ବିଜେଡ଼ି ପକ୍ଷରୁ ରବିବାର ପୋଟିଲିମାସ୍ଥିତ ଖମ୍ବେୟାଦୋରା ଜୁନିଅର କଲେଜ ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୦୪ସ୍ୱେଚ୍ଛାକୃତଙ୍କ ଠାରୁ ରକ୍ତସଂଗ୍ରହ କରାଯାଇଥିଲା। ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ପ୍ରଧାନ ଓ ବ୍ଲକ ଅଧ୍ୟକ୍ଷ ଏନ ରଘୁନାଥଙ୍କ ନେତୃତ୍ୱରେ ୨୧ ପଞ୍ଚାୟତରୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଓ ବିଜେଡ଼ିର ଜିଲା ଜୀବନ ବିନ୍ଦୁ ସଂଯୋଜକ ସୁବାସ ଚନ୍ଦ୍ର ମହାରଣା ଏଥିରେ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ଉପସଭାପତି ଡ଼ି ବିଶ୍ୱନାଥ, ବ୍ଲକ ଯୁବ ବିଜେଡ଼ି ସଭାପତି ମନୋଜ କୁମାର ସାବତଙ୍କ ସମେତ ଦଳୀୟ ନେତା ଓ କର୍ମୀ ଅଂଶ ଗହଣ କରିଥିଲେ।

### ୩ ଓଜେଏସ୍ ଅଧିକାରୀଙ୍କ ତାଲିମ

**ବ୍ରହ୍ମପୁର ଅଫିସ,୧।୧୧:** ୨୦୧୯ ବ୍ୟାଚର ୩ ଜଣ ଓଜେଏସ୍ ଅଧିକାରୀ ବ୍ରହ୍ମପୁର ସ୍ଥିତ ଜିଲା କୋର୍ଟରେ ତାଲିମ ଆରମ୍ଭ କରିଛନ୍ତି। ଅଧିକାରୀମାନେ ହେଲେ ସଞ୍ଜୀବ କୁମାର ମହାନ୍ତି, ସ୍ୱୟଂଶିକ୍ତା ପତି ଓ ସନ୍ଧ୍ୟା ସୁଚରିତା। ଏହି ଅଧିକାରୀମାନେ ବ୍ରହ୍ମପୁର ଏସ୍‌ଡିଜେଏମ୍ ଜିତେନ୍ଦ୍ରୀୟ କୁମାର ପାଣିଗ୍ରାହୀଙ୍କ କୋର୍ଟରେ ସୋମବାର ତାଲିମ ଆରମ୍ଭ କରିଛନ୍ତି। ୨ମାସ ପରେ ବ୍ରହ୍ମପୁର ସିଭିଲ୍ କୋର୍ଟରେ ତାଲିମ ନେବେ । ପୂର୍ବରୁ ଏମାନେ କଟକ ସ୍ଥିତ ଜୁଡିସିଆଲ୍ ଏକାଡେମିରେ ତାଲିମ ନେଇଛନ୍ତି। ତାଲିମ ଶେଷ ପରେ ଅଧିକାରୀମାନେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଭାବେ ବିଭିନ୍ନ ସ୍ଥାନରେ ନିଯୁକ୍ତି ହେବେ।

## ଗଞ୍ଜାମ କବିତାଘର ସାହିତ୍ୟ ଉତ୍ସବ

**ବ୍ରହ୍ମପୁର ଅଫିସ, ୧।୧୧**

ବ୍ରହ୍ମପୁର ଆଙ୍କୁଲୀ ଶ୍ମଶାନେଶର ମଣ୍ଡପରେ ଗଞ୍ଜାମ କବିତା ଘର ଲିଟେରାରି ଟ୍ରଷ୍ଟର ସପ୍ତମ ସାହିତ୍ୟ ଉତ୍ସବ ଜ୍ଞାନଜ୍ୟୋତି ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ପ୍ରଥମ ଅଧିବେଶନ 'କବିତା ପର୍ବ'ରେ ବରିଷ୍ଠ ଆଇନଜୀବୀ କବି ସୁଧାଂଶୁ ଶେଖର ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତ୍ରପୁର ଅବିନାଶ ଶତପଥୀ ଉଦ୍‌ଘାଟକ, ଶିକ୍ଷାବିତ ଭାଗୀରଥି ପଣ୍ଡା ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିବା ବେଳେ ମଞ୍ଚ ସଞ୍ଚାଳନ କରିଥିଲେ କବିୟିତ୍ରୀ ଜୟନ୍ତୀ ବେହେରା। ରାଜେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଦ୍ୱିତୀୟ ପର୍ବ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଗାଳ୍ପିକ ବିଷ୍ଣୁ ସାହୁ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ଲେଖିକା ଡ. ଝାନ୍‌ସୀ ସିଂହ ମୁଖ୍ୟବକ୍ତା, ଡ. ଦୟାସିନ୍ଧୁ ପରିଡା ସମ୍ମାନିତ ବକ୍ତା ଓ କବି ଗଦାଧର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଭାଗୀରଥି ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉତ୍ସବରେ ଅନୁଷ୍ଠାନ ମୁଖପତ୍ର 'ଭାଗୀରଥି କବିତାର ଗଙ୍ଗା'ସହ ବହୁ ଲେଖକଙ୍କ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

ସମ୍ବର୍ଦ୍ଧନାରେ କବି ବଳରାମ ମାଝିଙ୍କୁ ରାଜ୍ୟସ୍ତରୀୟ କବିତା ସମ୍ମାନ, କବି ଜ୍ୟୋତ୍ସ୍ନା କୁମାରୀ ପ୍ରଧାନଙ୍କୁ ଜିଲାସ୍ତରୀୟ କବିତା ସମ୍ମାନ , କବି ଗୋପୀନାଥ ଦାଶଙ୍କୁ ତାଙ୍କରି ପୁସ୍ତକ 'ମାଟିର ମୋହ ' ପାଇଁ ସ୍ୱର୍ଗତା ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ ଏବଂ ସମ୍ପାଦକ ଶଶିକାନ୍ତ ଦାଶଙ୍କୁ ଶ୍ରେଷ୍ଠ ସମ୍ପାଦକ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଗଳ୍ପରେ ପରିକ୍ଷିତ ସାହୁ ଓ ଭାରତୀ ପାତ୍ରଙ୍କୁ କଥାକାର ସମ୍ମାନ, ଗଦାଧର ପାତ୍ରଙ୍କୁ ଯୁବ ଗାଳ୍ପିକ ସମ୍ମାନ, ଲଳିତ କୁମାର ସାଇଁଙ୍କୁ ଗଳ୍ପ ପୁସ୍ତକ ସମ୍ମାନ, ଧର୍ମରାଜ ମାଝି ଓ ସୁନୀତା ପ୍ରଧାନଙ୍କୁ ଗଳ୍ପ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିଶୁ ଲେଖକ ସମ୍ମାନରେ କବି ଶରତ ଚନ୍ଦ୍ର ପଣ୍ଡା ଓ ସୁଶ୍ରୀ ରୁଦ୍ରରୂପା ବ୍ରହ୍ମା , ସଜଳ ସମ୍ମାନରେ ସୀମାଞ୍ଚଳ ପଣ୍ଡା ଓ ତ୍ରିଲୋଚନ ଦାଶ ଏବଂ ଜ୍ଞାନାନନ୍ଦ ସାଗର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା ।



ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ବ୍ରହ୍ମପୁରରେ ମହିଳା ବିଜେଡିର ଆନ୍ଦୋଳନ



ମହିଳା ବିଜେଡିର ଶୋଭାଯାତ୍ରା ଓ ବିକ୍ଷୋଭ।

■ ଦରଦାମ ବୃଦ୍ଧିର ପ୍ରତିବାଦ
■ମୋଦି ସରକାର ବିରୋଧରେ ବର୍ଷିଲେ ଜିଲା ସଭାନେତ୍ରୀ

**ବ୍ରହ୍ମପୁର ଅଫିସ,୧।୧୧**

ଗଞ୍ଜାମ ଜିଲା ମହିଳା ବିଜେଡି ପକ୍ଷରୁ ସୋମବାର ବ୍ରହ୍ମପୁରରେ ବିଶାଳ ଶୋଭଯାତ୍ରା ଓ ଉପଜିଲାପାଳଙ୍କ ଅଫିସ ଆଗରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଏବଂ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଲଗାମଛଡ଼ା ଦରବୃଦ୍ଧିର ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା। ଜିଲା ସଭାନେତ୍ରୀ ଆଇନଜୀବୀ ସଂଘମିତ୍ରା ଦଳାଇ ଏହାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା କମାପଲୀ ଛକରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ରାସ୍ତା ପରିକ୍ରମା ବେଳେ ଭାଜପା ନେତୃତ୍ୱାଧୀନ କେନ୍ଦ୍ରରେ ମୋଦି ସରକାର ବିରୋଧରେ ନାରାବାଜି ଦେଇଥିଲେ।

ବିକ୍ଷୋଭ ସ୍ଥଳରେ ଆୟୋଜିତ ପ୍ରତିବାଦ ସଭାରେ ସଂଘମିତ୍ରା ଦରଦାମ ନିୟନ୍ତ୍ରଣରେ ବିଫଳ ହୋଇଥିବା ଏନ୍‌ଡିଏ ସରକାର ବିରୋଧରେ ବର୍ଷିଥିଲେ। ପ୍ରତିବାଦ ସଭାରେ ବିଜେଡି ମହିଳା ନେତ୍ରୀ ଜ୍ୟୋତ୍ସ୍ନା ନାୟକ, ମମତା ବିଷୋୟୀ, କେ.ମାଧବୀ, ସୋନାଲି ଗନ୍ତାୟତ, ପି.ଆଶାରାଣୀ, ଲକ୍ଷ୍ମୀପ୍ରିୟା ପାଢ଼ୀ, ମନିତା ଦାସ, କେ. ମାଧବୀ, ଉମା ମିଶ୍ର, ଏମ.ସୁଜାତା ପାତ୍ର, ଲିଲି ବେହେରା ଓ ଅନ୍ୟମାନେ ଉଦ୍‌ବୋଧନରେ ତୁରନ୍ତ ଦରବୃଦ୍ଧି ରୋକିବାକୁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ବିକ୍ରମ ପଣ୍ଡା, ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ସୁବାସ ମହାରଣା ଓ ସଞ୍ଜିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା।

## ଭାଜପା ମହିଳା ମୋର୍ଚ୍ଚାର ଏତଲା

**କାଶୀନଗର,୧।୧୧(ଡି.ଏନ.ଏ.)**

ମମିତା ମେହେର ହତ୍ୟାକାଣ୍ଡ ସମ୍ପର୍କରେ କାଶୀନଗର ଭାଜପା ମହିଳା ମୋର୍ଚ୍ଚା ତରଫରୁ ଥାନାରେ ଅଭିଯୁକ୍ତମାନଙ୍କ ବିରୋଧରେ ଏତଲା ଦିଆଯାଇଛି। ଏହାର ନେତୃତ୍ୱ ନେଇଥିଲେ ଜିଲା ସାଧାରଣ ସମ୍ପାଦକ ଅରୁଣିମା ସାହୁ। ଜିଲା ଭାଜପା ଯୁବ ମୋର୍ଚ୍ଚା ସନ୍ତୋଷ କୁମା ରଜେନା, ମହିଳା ନେତ୍ରୀ କନ୍ୟା କୁମାରୀ ସାହୁ, ପ୍ରଶାନ୍ତ ସାହୁ, ପୂର୍ବତନ କାଉନସିଲର ଏସ.ମାଲ୍ୟାମ୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଅଳଙ୍କାର ଜବତ, ୪ ଗିରଫ

**ରମ୍ଭା,୧।୧୧**

ଚୋରି କରିବା ଅଭିଯୋଗରେ ରମ୍ଭା ଥାନା ପୋଲିସ ସୋମବାର ୩ ଜଣଙ୍କ ସୁନା ଅଳଙ୍କାର କିଣିଥିବା ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରମ୍ଭା ଥାନା ଇଲାକାର ଅଇଁଠାଣ ଗ୍ରାମର ତୋଫାନ ଦାସ, ଲାଉପୁଟର ରଘୁନାଥ ପ୍ରଧାନ, ପ୍ରଫୁଲ ପ୍ରଧାନ ଓ ଚୋରି ସାମଗ୍ରୀ କିଣି ରଖିଥିବା ରମ୍ଭା ପାନ୍ଥ ନିବାସ ନିକଟସ୍ଥ ରମ୍ଭା ସହରର ମୁଖ୍ୟ ରାସ୍ତା ମିଞ୍ଜିନିପାଟଣାର ନିରଞ୍ଜନ ନାୟକ। ସେମାନଙ୍କଠାରୁ ଏକ ସୁନା ମାଳି ଜବତ କରାଯାଇଛି। ଏ ନେଇ ନଂ. ୪୭୪/୨୧ରେ ମାମଲା ରୁଜୁ କରାଯାଇଛି। ଗତ ୧୦ ତାରିଖ ରାତିରେ କଣ୍ଟିଆଗଡ଼ ଗ୍ରାମର କାଲୁ ପଲାଇଙ୍କ ପରିବାର ଲୋକ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଏକ ଟିଣ ପେଡ଼ିକୁ ଉଠାଇ ନେଇ ଯାଇଥିଲେ। ସେଥିରେ ଥିବା ସୁନା ଅଳଙ୍କାରକୁ ଛାଡି ପେଡିଟିକୁ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇଥିଲେ।

## ୧୭ ଓ ୧୮ରେ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ

**ବ୍ରହ୍ମପୁର ଅଫିସ,୧।୧୧**

ଗଞ୍ଜାମ ଜିଲା ସଂସ୍କୃତି ପରିଷଦ ଓ ଓଡ଼ିଶା ନାଟକ ସମାରୋହ ସମିତି ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ଶିଶୁ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ଅନ୍ୱେଷା କଳା କେନ୍ଦ୍ରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ଅନିଲ କୁମାର ପାତ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାର କଳା, ନୃତ୍ୟ ଓ ନାଟ୍ୟ ଅନୁଷ୍ଠାନର ସଭ୍ୟାସଭ୍ୟ ଯୋଗଦେଇ ନାଟକ ଉତ୍ସବର ସଫଳତା ଉପରେ ଆଲୋଚନା କରିଥିଲେ। ଆସନ୍ତା ୧୭ ଓ ୧୮ ତାରିଖରେ ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନଠାରେ ଏହି ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏହି ୨ ଦିନିଆ ମହୋତ୍ସବରେ ଜିଲାର ବିଭିନ୍ନ ସ୍କୁଲର ଶିଶୁ କଳାକାର ଓ କେତେକ ନୃତ୍ୟ ଏବଂ ନାଟ୍ୟ ଅନୁଷ୍ଠାନର ଶିଶୁ କଳାକାରଙ୍କୁ ନେଇ ୮ ନାଟକ ମଞ୍ଚସ୍ଥ ହେବା ନେଇ ବୈଠକରେ ସ୍ଥିର ହୋଇଥିଲା।

## ପୂର୍ବତନ ମେୟର କୋର୍ଟରେ ହାଜର

**ବ୍ରହ୍ମପୁର ଅଫିସ,୧।୧୧**

**ଜମି ହଡ଼ପ ମାମଲାରେ ସାକ୍ଷ୍ୟ ଗ୍ରହଣ**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁଙ୍କୁ ସୋମବାର କଡ଼ା ସୁରକ୍ଷା ବଳୟରେ ଏଡିଜେ-୨ ସଂଘମିତ୍ରା ଶର୍ମାଙ୍କ କୋର୍ଟରେ ହାଜର କରାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ସି.ଏଚ୍. ତ୍ରିନାଥଙ୍କୁ ମଧ୍ୟ କୋର୍ଟରେ ହାଜର କରାଯାଇଥିଲା। ୨୦୧୭ରେ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଅଞ୍ଚଳରେ ଜମି ହଡ଼ପ ନେଇ ଏମାନଙ୍କ ନାମରେ ମାମଲା ହୋଇଥିଲା। ଏହି ମାମଲାରେ ସୋମବାର କୋର୍ଟରେ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ତତ୍କାଳୀନ ଗୋଳନ୍ଥରା ଥାନା କନଷ୍ଟେବଲ ବଳଭଦ୍ର ପାତ୍ରଙ୍କ ବୟାନ ରେକର୍ଡ କରାଯାଇଥିଲା। ମଙ୍ଗଳବାର ମଧ୍ୟ ସାକ୍ଷ୍ୟ ଗ୍ରହଣ ପାଇଁ ଦିନଧାର୍ଯ୍ୟ କରାଯାଇଛି। ତତ୍କାଳୀନ କନିଷି ସରପଞ୍ଚ ଲୋକନାଥ ଦଳେଇଙ୍କୁ କୋର୍ଟ ନୋଟିସ କରି ସାକ୍ଷ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଅତିରିକ୍ତ ପି.ପି. ବିକ୍ରମ କୁମାର କୁଣ୍ଡୁ ସୂଚନା ଦେଇଛନ୍ତି। ମଙ୍ଗଳବାର ଲୋକନାଥ କୋର୍ଟରେ ସାକ୍ଷ୍ୟ ଦେବେ। ମୁଦାଲାଙ୍କ ତରଫରୁ ଆଇନଜୀବୀ କପିଳେଶ୍ୱର ପଟ୍ଟନାୟକ, କୃଷ୍ଣପ୍ରସାଦ ପଟ୍ଟନାୟକ, ଶିବନାରାୟଣ ସାହୁ ଓ ସରୋଜ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ସଫେଇ କର୍ମଚାରୀଙ୍କୁ ପୋଷାକ, ଶୁଖିଲା ଖାଦ୍ୟ ବଣ୍ଟନ

**ବ୍ରହ୍ମପୁର ଅଫିସ,୧।୧୧**

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୪ ନଂ ୱାର୍ଡରେ ଅନିଲ ନାୟକ ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ସୋମବାର ୧୦୦ ସଫେଇ କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଯାଇଛି। ପୂର୍ବତନ କର୍ପୋରେଟର ଅନିଲ କୁମାର ନାୟକଙ୍କ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଫେଇ କର୍ମଚାରୀଙ୍କୁ ଲୁଗା, ଚାଦର, ପୋଷାକ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ବାନାମ୍ବର ନାୟକ, ଶ୍ୟାମ ସୁନ୍ଦର ନାୟକ, ଦେବେନ୍ଦ୍ର ନାୟକ, ପ୍ରଭାକର ନାୟକ, ମନୋରଞ୍ଜନ ଲିମାଇ, ସୁନୀଲ ନାୟକ, ଜ୍ୟୋତି ଘଡେଇ ଓ ଆଦିତ୍ୟ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବେଶିକା ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା।

**ବ୍ରହ୍ମପୁର ଅଫିସ,୧।୧୧**

**ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ରେରଣା-୨୦୨୧**

ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନ ପକ୍ଷରୁ ସୋମବାର ଜ୍ରୁବୁଲି ଟାଉନ ହଲ୍ ପରିସରରେ ଆର୍ଯ୍ୟଭଟ୍ଟ ପ୍ରେରଣା-୨୦୨୧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ସୁଧୀର ରାଉତ ସଭାପତିତ୍ୱ କରିଥିଲେ। ଆଇଜର ବ୍ରହ୍ମପୁର ନିର୍ଦ୍ଦେଶକ କେ.ଭି.ଆର.ଚାରୀ ମୁଖ୍ୟ ଅତିଥି, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ରାଜ୍ୟସଭାର ପ୍ରାକ୍ତନ ଅତିରିକ୍ତ ସଚିବ ସତ୍ୟନାରାୟଣ ସାହୁ ଯୋଗ ଦେଇଥିଲେ। ଉତ୍ସବରେ ଆଇଆଇଟି, ଏନ୍‌ଆଇଟି, ଆଇଜର, କେଭିପିୱାଇ, ନାଇଜର, ସିଏସଆଇଆର, ଆଇଏସ୍‌ଆଇ ପ୍ରଭୃତି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆର୍ଯ୍ୟଭଟ୍ଟ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଗରିବ ଛାତ୍ର ପି.ମନୋଜ କୁମାରଙ୍କ କୃତିତ୍ୱକୁ ନେଇ ପ୍ରଶଂସା କରାଯାଇଥିଲା। ଗରିବ ଛାତ୍ର ମନୋଜଙ୍କୁ ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନ କିଭଳି ଆର୍ଥିକ ସାହାଯ୍ୟ ସହ ମାଗଣାରେ ପାଠ ପଢାଇଲେ। ଏହାପରେ ମନୋଜ ଆଇଆଇଟି ମେନ୍ ଆଡଭାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଥିଲେ ତାଙ୍କୁ ନେଇ ଆର୍ଯ୍ୟଭଟ୍ଟ ନିର୍ଦ୍ଦେଶକ ମନୋଜଙ୍କୁ କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ମହାନ୍ତି, ସୁକାନ୍ତ ଗୌଡ଼, ଭୀର ରାଜୁ ପାତ୍ର, ଶୁଭେନ୍ଦୁ ପାତ୍ର, ମନୋଜ ଡାକୁଆ, ପ୍ରକାଶ ରାଓ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସିପିଆଇ ବ୍ରହ୍ମପୁର ଶାଖା ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୧।୧୧**

ସିପିଆଇର ବ୍ରହ୍ମପୁର ଶାଖା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାନଗର ରାସ୍ତାଘାଟ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ଏହାର ପ୍ରତିକାର କରାଯାଉ ନ ଥିବା ପ୍ରତିବାଦରେ ବିଏମ୍‌ସି ଆଗରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ମିଳନୀକୁ ବରିଷ୍ଠ ବାମପନ୍ଥୀ ନେତା ତଥା ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରଶାନ୍ତ ପାଇଯୋଶୀ ଉଦଘାଟନ କରିଥିଲେ। କେନ୍ଦ୍ର ଭାଜପା ଓ ରାଜ୍ୟ ବିଜେଡି ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ପାର୍ଟି କ୍ୟାଡରମାନେ ସ୍ୱର ଉତ୍ତୋଳନ କରିବାକୁ ପାଇଯୋଷୀ ଆହ୍ୱାନ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଜିଲା ସମ୍ପାଦକ ପ୍ରକାଶ ପାତ୍ର ଘୋଷଣା କରିଥିଲେ।

ଜୋନ କମିଟି ସମ୍ପାଦକ ସୁଧାଂଶୁ ପଣ୍ଡା ପାର୍ଟି ପତାକା ଉତ୍ତୋଳନ କରିଥିବା ବେଳେ ଶ୍ରମିକ ନେତା ମହମ୍ମଦ ଉସମାନ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। କାମଦେବ ନାହାକ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଲୋଚନାରେ ବିଘ୍ନେଶ୍ୱର ସାହୁ, କାଳୀ କିଙ୍କର ପାତ୍ର, ଆର.ବିଜୟ ଲକ୍ଷ୍ମୀ, ପ୍ରଭାତୀ ଦେବୀ, ରବିନ୍ଦ୍ର ନାୟକ ପ୍ରମୁଖ ଭାଗ ନେଇଥିଲେ। ଆଗାମୀ ବର୍ଷ ପାଇଁ ପାଇଁ ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶାଖା ସମ୍ପାଦକ ଭାବେ ମହମ୍ମଦ ଉସମାନ ଓ କାମଦେବ ନାହାକ ସହ ସମ୍ପାଦକ ହୋଇଛନ୍ତି।

## ଗଞ୍ଜାମକୁ ୮ ସ୍ୱର୍ଣ୍ଣ, ୭ ରୌପ୍ୟ, ୩ କାଂସ୍ୟ

**ବ୍ରହ୍ମପୁର ଅଫିସ,୧।୧୧**

ସ୍କେଟିଂ ଆସୋସିଏଶନ ଓଡ଼ିଶା ଆନୁକୂଲ୍ୟରେ ଅକ୍ଟୋବର ୨୯ରୁ ୩୧ ପର୍ଯ୍ୟନ୍ତ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଏକ ଘରୋଇ ବିଦ୍ୟାଳୟରେ ଦ୍ୱିତୀୟ ରାଜ୍ୟ ରୋଲର ସ୍କେଟିଂ ଚମ୍ପିୟନଶିପ୍ ଓ ଅଷ୍ଟମ ରାଜ୍ୟସ୍ତରୀୟ (୨୦୨୧-୨୨) ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲା ବ୍ରହ୍ମପୁର ସିଲ୍‌କି ରୋଲର ସ୍କେଟିଂ କ୍ଲବ ପକ୍ଷରୁ ବିଭିନ୍ନ ବର୍ଗରେ ପ୍ରାୟ ୮ ସ୍କେଟର ଭାଗ ନେଇଥିଲେ। ଭାଗ ନେଇଥିବା ସ୍କେଟରଙ୍କ ମଧ୍ୟରୁ ରୋଲର ସ୍କେଟିଂ ବାଳିକା ବିଭାଗରେ ୯-୧୧ ବର୍ଷ ବର୍ଗରେ ସ୍କେଟର ଅନ୍ୱେଷା ବିଷୋୟୀ ୩ ସ୍ୱର୍ଣ୍ଣ ଓ ୧୧- ୧୪ ବର୍ଷ ବର୍ଗରେ ସମୀକ୍ଷା ନାୟକ ତିନୋଟି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗରେ ୭-୯ବର୍ଷ ବର୍ଗରେ ଶୁଭ୍ରଜିତ ସାହୁ ୩ଟି ସ୍ୱର୍ଣ୍ଣ, ଅୟେଶ୍ ମହାପାତ୍ର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ, ୧୧-ରୁ ୧୪ ବର୍ଷ ବର୍ଗରେ ଆଶୁତୋଷ ପାଢ଼ୀ ଗୋଟିଏ ସ୍ୱର୍ଣ୍ଣ, ୨ ଗୋଟିଏ ରୌପ୍ୟ, ଦେବାଙ୍ଗ ରାଉତ ଗୋଟିଏ କାଂସ୍ୟ,



କୋଚଙ୍କ ଗହଣରେ ସଫଳତା ହାସଲ କରିଥିବା ସ୍କେଟର ।

**ରୋଲର ସ୍କେଟିଂ ପ୍ରତିଯୋଗିତା ଚୟନ ଶିବିର**

ସେହିପରି ୧୭ ବର୍ଷରୁ ଅଧିକ ବର୍ଗରେ ଗୌତମ ଗୌଡ଼ ୨ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ଓର୍ବଂ ସ୍କେଟିଂର ଚୟନ ବିଭାଗରେ ଭାଗ ନେଇଥିବା ପ୍ରତିଯୋଗୀ ଶ୍ରଦ୍ଧା ପ୍ରିୟଦର୍ଶିନୀ ଜାତୀୟ ପ୍ରତିଯୋଗିତା ନିମନ୍ତେ ଚୟନ ହୋଇଛନ୍ତି। ଏଥିରେ ସଫଳ ହୋଇଥିବା ପ୍ରତିଯୋଗୀମାନେ ଡିସେମ୍ବର ୧୦ରୁ ୨୨ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ରୋଲର ସ୍କେଟିଂ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ ହେବାକୁ ଥିବା ୫୯ ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେବେ। ଏନେଇ ବ୍ରହ୍ମପୁର ସିଲ୍‌କି ରୋଲର ସ୍କେଟିଂ କ୍ଲବ ବ୍ରହ୍ମପୁର କୋଚ ଗୌତମ ଗୌଡ଼ ଓ ଶ୍ରୀମନ୍ତ ପାଢ଼ୀ ସ୍କେଟରଙ୍କୁ ଶୁଭେଚ୍ଛା ଜଣାଇବା ସହ ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ସ୍କେଟରଙ୍କ ନିୟମିତ ଅଭ୍ୟାସକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

## ପାସେଞ୍ଜର ଟ୍ରେନ୍‌ରେ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ଦାବି

**ବ୍ରହ୍ମପୁର ଅଫିସ,୧।୧୧**

ପଲାସା-ଭୁବନେଶ୍ୱର ପାସେଞ୍ଜର ଟ୍ରେନ୍‌ରୁ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ ଦାବିରେ ସୋମବାର ସଂସ୍କାରବାଦୀ ଅନୁଷ୍ଠାନ ପକ୍ଷରୁ ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ସଭାପତି ତ୍ରିନାଥ ମହାରଣା କହିଛନ୍ତି, କରୋନା ସମୟରେ ରେଲ୍‌ୱେ ସ୍ୱତନ୍ତ୍ର ଟ୍ରେନ୍ ନାମରେ ଯାତ୍ରୀଙ୍କଠାରୁ ଅଧିକ ଭଡା ଆଦାୟ କରୁଛି। ସାଧାରଣ ଯାତ୍ରୀଙ୍କ କ୍ଷେତ୍ରରେ ଏହା ସମସ୍ୟା ହେଉଛି। ଏଣୁ ପଲାସା-ଭୁବନେଶ୍ୱର ସ୍ୱତନ୍ତ୍ର ଓ ଗୁଣପୁର-ପୁରୀ ସ୍ୱତନ୍ତ୍ର ନାମିତ ଟ୍ରେନ୍‌ରେ ସଂରକ୍ଷଣ ବ୍ୟବସ୍ଥା ବାତିଲ କରି ଅଣସଂରକ୍ଷିତ ଟିକଟ ପାଇଁ ସଂଘ ଦାବି କରିଛି। ତତ୍‌ସହିତ ବରିଷ୍ଠ ନାଗରିକଙ୍କୁ ପୂର୍ବଭଳି ରିହାତି ଓ ବ୍ରହ୍ମପୁର-ପୁରୀ ସିଧାସଳଖ ପାସେଞ୍ଜର ଟ୍ରେନ୍ ଚଳାଚଳ ପାଇଁ ଦାବି ହୋଇଛି। ନଚେତ୍ ଆଗାମୀ ଦିନରେ ଧାରଣା ଦିଆଯିବ ବୋଲି ସଂଘ କହିଛି। ବିକ୍ଷୋଭରେ ସଂଘ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ମହାନ୍ତିଙ୍କ ସମେତ ହିମାଂଶୁ କୁମାର ପଟ୍ଟନାୟକ, ଶିବ ପ୍ରସନ୍ନ ମିଶ୍ର, ବିଶ୍ୱନାଥ ବେହେରା, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



**ମଦ ବିଜ୍ଞାପନ ପାଇଁ ଟ୍ରୋଲ**
ଏକ ମଦ ବ୍ରାଣ୍ଡର ପ୍ରମୋଶନ ପାଇଁ ବିଜ୍ଞାପନ ଶୁଟିଂ କରି ଟ୍ରୋଲ୍ ହୋଇଛନ୍ତି ଅଭିନେତ୍ରୀ କାଜଲ ଅଗ୍ରୱାଲ। ୦୫

୦୬ **ବଟଲରଙ୍କ ଶତକ**
ଶ୍ରୀଲଙ୍କା ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଇଂଲଣ୍ଡ ବ୍ୟାଟର ଜୋସ୍ ବଟଲର ଶତକ ହାସଲ କରିଛନ୍ତି।



# ଦୀପାବଳିରେ ସବୁଜ ବାଣ

## ହାଇକୋର୍ଟ ଦେଲେ ଅନୁମତି



- ରାତି ୮ଟାରୁ ୧୦ ପର୍ଯ୍ୟନ୍ତ ଫୁଟିବ
- ପେସୋ ଅନୁମତିପ୍ରାପ୍ତ ବାଣ ଗ୍ରହଣୀୟ

ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ୍, ୧।୧୧

ଆସନ୍ତା ଦୀପାବଳିରେ ବାଣ ଫୁଟାଇବାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର କରିଛନ୍ତି ଓଡ଼ିଶା ହାଇକୋର୍ଟ। କେବଳ ପରିବେଶ ଅନୁକୂଳ ବାଣ ବା ସବୁଜ ବାଣ (ଗ୍ରୀନ୍ କ୍ରାକର) ଫୁଟାଇବାକୁ ସୋମବାର ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ପେଟ୍ରୋଲିୟମ ଓ ବିସ୍ଫୋରକ ନିରାପତ୍ତା ସଙ୍ଗଠନ (ପେସୋ) ଅନୁମତିପ୍ରାପ୍ତ ପରିବେଶ ଅନୁକୂଳ ବାଣ ଫୁଟାଇବାକୁ ନର୍ଦ୍ଦେଶ ଦିଆଯାଇଛି। ଗୁରୁବାର ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ଏହି ବାଣ ଫୁଟାଇବାକୁ ହାଇକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ପରେ ରାଜ୍ୟର ବାଣ ବ୍ୟବସାୟୀ କିଛିଟା ଆଶ୍ୱସ୍ତ ହୋଇଛନ୍ତି।

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଦୀପାବଳିରେ ବାଣ ବିକ୍ରି ଓ ବ୍ୟବହାରକୁ ରାଜ୍ୟ ସରକାର ଗତ ସେପ୍ଟେମ୍ବର ୩୦ରେ ନିଷିଦ୍ଧ କରିଥିଲେ। ଏହି ନିଷ୍ପତ୍ତିକୁ ରାଜ୍ୟ ବାଣ ବ୍ୟବସାୟୀ ସଂଘ ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମାମଲାର ବିଚାର କରି ହାଇକୋର୍ଟ ସରକାରୀ ନିଷେଧାଜ୍ଞାକୁ କିଛିଟା କୋହଳ କରିବା ସହ କେବଳ ସବୁଜ ବାଣ ଫୁଟାଇବାକୁ ଅନୁମତି ଦେଇଛନ୍ତି। ଗତ ୨୯ରେ ସୁପ୍ରିମକୋର୍ଟ ଅର୍ଜୁନ ଗୋପାଳ ମାମଲାର ଶୁଣାଣିକରି ପାର୍ବଣ ସମୟରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ଅନୁମତି ଦେଇଥିଲେ। ଏଥିସହ ସବୁ ରାଜ୍ୟକୁ ସମ୍ପୂର୍ଣ୍ଣ ବାଣ ଫୁଟାଇବା ଉପରେ କଟକଣା ନ ଲଗାଇବାକୁ କହିଥିଲେ। ସେହିଦିନ ମଧ୍ୟ ଏ ନେଇ ପଦକ୍ଷେପ ନେବା ପାଇଁ ଓଡ଼ିଶା ହାଇକୋର୍ଟ ସ୍ୱତନ୍ତ୍ର ରିଲିଫ ☞ପୃଷ୍ଠା-୨

### ସବୁଜ ବାଣ କ'ଣ

ପରିବେଶ ଅନୁକୂଳ ସବୁଜ ବାଣ ବା ଗ୍ରୀନ୍ କ୍ରାକର ଅନ୍ୟ ସାଧାରଣ ବାଣ ତୁଳନାରେ କମ୍ ପ୍ରଦୂଷଣ କରିଥାଏ। ଏଥିରେ ବହୁ କମ୍ ମାତ୍ରାରେ ରାସାୟନିକ ପଦାର୍ଥ ମିଶିଥାଏ। ପ୍ରଦୂଷଣ ଓ ହାନିକାରକ ବାଷ୍ପ ନିର୍ଗତ କରୁଥିବା ରାସାୟନିକ ସାମଗ୍ରୀ (ଯଥା ଆଲୁମିନିୟମ, ବେରିୟମ, ପୋଟାସିୟମ ନାଇଟ୍ରେଟ୍)କୁ ସୀମିତ ପରିମାଣରେ ବ୍ୟବହାର କରି ଗ୍ରୀନ କ୍ରାକର ପ୍ରସ୍ତୁତ କରାଯାଇଥାଏ। ଗୋଟିଏ ସାଧାରଣ ବାଣ ପ୍ରାୟ ୧୬୦ ଡେସିବେଲ ଶବ୍ଦ କରୁଥିବାବେଳେ ଗ୍ରୀନ କ୍ରାକର ୧୧୦ରୁ ୧୨୫ ଡେସିବେଲ୍ ଶବ୍ଦ ଉତ୍ପନ୍ନ କରିଥାଏ। ତେବେ ଗ୍ରୀନ କ୍ରାକର ଉତ୍ପାଦନ ଲାଗି ବାଣ ଉତ୍ପାଦନକାରୀଙ୍କୁ କେନ୍ଦ୍ର ସରକାରଙ୍କ କାଉନସିଲ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚର ଅନୁମତି ଆବଶ୍ୟକ ପଡ଼ିବ।

### ବାଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇପାରିବନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧।୧୧

କରୋନା ମହାମାରୀ ସମୟରେ ବାୟୁପ୍ରଦୂଷଣ ରୋକିବା ଲାଗି କାଲ୍‌କାଟା ହାଇକୋର୍ଟ ସମସ୍ତ ବାଣ କିଣାବିକା ଓ ବ୍ୟବହାର ଉପରେ ନିଷେଧାଦେଶ ଲଗାଇଥିଲେ। ଉକ୍ତ ରାୟକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ବାଣକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲ୍‌କର ଏବଂ ଅଜୟ ରାସ୍ତୋଗୀଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି। ତେବେ ନିଷେଧ ହୋଇଥିବା ବାଣ ଓ ଆନୁଷଙ୍ଗିକ ସାମଗ୍ରୀ ଯେପରି ପ୍ରବେଶ ପଥ ଦେଇ ରାଜ୍ୟ ମଧ୍ୟକୁ ନ ଆସିବ ତାହା ସୁନିଶ୍ଚିତ କରିବାକୁ ସର୍ବୋଚ୍ଚ ଅଦାଲତ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରଦୂଷଣକାରୀ ବାଣ ମଧ୍ୟରୁ ସବୁଜ ବାଣକୁ ଖୋଜି ବାହାର କରିବା କଷ୍ଟକର ବୋଲି ରାୟ ପ୍ରଦାନ କରିବା ପୂର୍ବରୁ ଅଦାଲତ କହିଥିଲେ। ସୂଚନାଯୋଗ୍ୟ, କାଳୀପୂଜା, ଦୀପାବଳି ଓ ଛଟ୍‌ପୂଜାରେ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ କେବଳ ସବୁଜ ବାଣ ଫୁଟାଇବା ପାଇଁ କିଛିଦିନ ପୂର୍ବରୁ ପଶ୍ଚିମବଙ୍ଗ ସରକାର ଅନୁମତି ଦେଇଥିଲେ। ଗତ ଶୁକ୍ରବାର କାଲ୍‌କାଟା ହାଇକୋର୍ଟ ଡିସେମ୍ବର ୩୧ ପର୍ଯ୍ୟନ୍ତ ସବୁଜ ବାଣ ସମେତ ସମସ୍ତ ବାଣ ଉପରେ ନିଷେଧାଦେଶ ଜାରି କରିଥିଲେ। ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**୧୦୮୮.୭୨ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବକେୟା ମାଗିଲେ**

ଭୁବନେଶ୍ୱର,୧।୧୧(ବ୍ୟୁରୋ)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବାବଦରେ ଓଡ଼ିଶାର ୧୦୮୮.୭୨ କୋଟି ଟଙ୍କା କେନ୍ଦ୍ର ଉପରେ ବକେୟା ପଡ଼ିଛି। ଏଥିରେ ୩୭୭.୯୧ କୋଟି ଦରମା ଏବଂ ୭୧୦.୮୧ କୋଟି ଟଙ୍କା ମ୍ୟାଟେରିଆଲ ବାବଦକୁ ଅର୍ଥ ପାଇବାର ଅଛି। ଏହି ବକେୟା ରାଶି ତୁରନ୍ତ ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସହ ୨୦୨୧-୨୨ ବର୍ଷ ପାଇଁ ୨୫ କୋଟି ଶ୍ରମ ଦିବସ ବୃଦ୍ଧି ଲାଗି ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କହିଛନ୍ତି, ମହାମାରୀ ପରବର୍ତ୍ତୀ ସ୍ଥିତିରେ ଗ୍ରାମାଞ୍ଚଳରେ ଅର୍ଥନୀତିର ପୁନରୁଦ୍ଧାର ଲାଗି ନିଆଯାଇଥିବା ପଦକ୍ଷେପ ପ୍ରଶଂସନୀୟ। ତେବେ ଓଡ଼ିଶା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ☞ପୃଷ୍ଠା-୨




# ଆଜିଠୁ ଖୋଜି ଖୋଜି ଟିକା

ଭୁବନେଶ୍ୱର, ୧।୧୧(ବ୍ୟୁରୋ)



କରୋନା ମହାମାରୀ ରୋକିବା ପାଇଁ ଟିକାକରଣ ଏକମାତ୍ର ଉପାୟ ବୋଲି କୁହାଯାଉଛି। ଏପରିସ୍ଥଳେ ଗ୍ରାମାଞ୍ଚଳରେ ବହୁ ଲୋକ ଏଯାଏ ଆଦୌ ଟିକା ନେଇ ନ ଥିବା ଦେଖାଯାଇଛି। ସେପଟେ ଦ୍ୱିତୀୟ ଡୋଜ୍ ଟିକା ନେଇ ନ ଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩୦ ଲକ୍ଷ ହିତାଧିକାରୀ ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ ରାଜ୍ୟରେ ଟିକା ନେଇ ନ ଥିବା ବ୍ୟକ୍ତିଙ୍କୁ ଖୋଜା ଅଭିଯାନ ଆରମ୍ଭ ହେବ। ଏ ନେଇ ସୋମବାର ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ଟିକାକରଣ ରାଜ୍ୟ ନୋଡାଲ ଅଫିସର ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆଶାକର୍ମୀମାନେ ଗାଁ ଗାଁରେ କୋଭିଡ୍ ଟିକା ନେଇ ନ ଥିବା ବ୍ୟକ୍ତିଙ୍କୁ ଖୋଜିବେ। ଏହାପରେ ଟିକା ନେଇ ନ ଥିବା ବ୍ୟକ୍ତିଙ୍କର ଏକ ତାଲିକା ପ୍ରକାଶ ପାଇବ। ଡିସେମ୍ବର ଶେଷ ସୁଦ୍ଧା ପ୍ରଥମ ଡୋଜ୍ ଟିକାକରଣ ସରିବ। ଏଥିପାଇଁ ଟିକା କେନ୍ଦ୍ର ତାଲିକା ବୃଦ୍ଧି କରାଯିବ। ଯେଉଁ ଗାଁରେ ଅଧିକ ଲୋକ ଟିକା ନେଇ ନାହାନ୍ତି ସେଠାରେ ଟିକାକରଣ କେନ୍ଦ୍ର ଖୋଲାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

# ୩ ମହିଳା ମାଓବାଦୀ ନିହତ

## ଦାନ୍ତେୱାଡାରେ ଏନ୍‌କାଉଣ୍ଟର

ମାଲକାନଗିରି,୧।୧୧(ଡି.ଏନ୍.ଏ.)

ଓଡ଼ିଶା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ରବିବାର ସନ୍ଧ୍ୟାରେ ମୁହାଁମୁହିଁ ହୋଇଛନ୍ତି ସୁରକ୍ଷା ବାହିନୀ ଏବଂ ମାଓବାଦୀ। ଏଥିରେ ଲାଲ୍‌ବାହିନୀକୁ ଶକ୍ତ ଧକ୍କା ଲାଗିଥିବାବେଳେ ଆଗଧାଡ଼ିରେ ନେତୃତ୍ୱ ନେଉଥିବା ୩ ଇନାମୀ ମହିଳା କ୍ୟାଡରଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ନାମରେ ୫ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ଘୋଷଣା ହୋଇଥିଲା ବୋଲି ଦାନ୍ତେୱାଡା ଏସ୍‌ପି ଅଭିଷେକ ପଲ୍ଲବ କହିଛନ୍ତି। କାଟେକଲ୍ୟାଣ ଥାନାଠାରୁ ୬ କି.ମି. ଦୂର ଆଡୱାଲ ଏବଂ କୁଞ୍ଜେରାସ୍ ଗ୍ରାମ ମଧ୍ୟବର୍ତ୍ତୀ ଜଙ୍ଗଲରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ ☞ପୃଷ୍ଠା-୨

# ୪ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ

## ୨୦୧୩ ଗାନ୍ଧୀ ମଇଦାନ ବିସ୍ଫୋରଣ ମାମଲା

ପାଟନା,୧।୧୧

୨୦୧୩ରେ ପାଟନାକୁ ସ୍ତବ୍ଧ କରିଦେଇଥିବା ଗାନ୍ଧୀ ମଇଦାନ ସିରିଏଲ୍ ବିସ୍ଫୋରଣ ମାମଲାରେ ସୋମବାର ଏକ ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ୪ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ଏବଂ ୨ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସେହିପରି ଅନ୍ୟ ୨ ଜଣଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଏବଂ ଜଣଙ୍କୁ ୭ ବର୍ଷ ଜେଲରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦିଙ୍କ ହୁଙ୍କାର ରାଲି ବେଳେ ଏମାନେ ବିସ୍ଫୋରଣ ଘଟାଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତଦନ୍ତରୁ ଜାଣିବାକୁ ପାଇଥିଲା। ଏହାର ୮ ବର୍ଷ ପରେ ଅର୍ଥାତ୍ ଗତ ଅକ୍ଟୋବର ୨୭ରେ ଏନ୍‌ଆଇଏ କୋର୍ଟ ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଫାଶୀ ଦଣ୍ଡାଦେଶ ପାଇଥିବା ଦୋଷୀମାନେ ହେଲେ ଇମ୍‌ତିଆଜ ଅନ୍‌ସାରୀ, ହାଇଦର ଅଲି ଓରଫ ବ୍ଲାକ୍ ବ୍ୟୁଟି, ନୋମନ ଅନ୍‌ସାରୀ ଏବଂ ମୁଜିବୁଲ୍ଲା ଅନ୍‌ସାରୀ। ସେହିପରି ଉମର ସିଦ୍ଦିକି ଓ ଆଝାରୁଦ୍ଦିନ କ୍ୟୁରେଶୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି। ଦୋଷୀଙ୍କ ମଧ୍ୟରୁ ଅହମଦ ହୁସେନ ଓ ଫିରୋଜ ଅସ୍‌ଲାମଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ ଜେଲ ଦଣ୍ଡ ଦିଆଯାଇଥିବାବେଳେ ଇଫ୍‌ତିକାର ଆଲମଙ୍କୁ ୭ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି ସ୍ୱତନ୍ତ୍ର ବିଚାରପତି ଗୁରବିନ୍ଦର ସିଂ ମାଲହୋତ୍ରା। ଦୋଷୀମାନଙ୍କ ବିରୋଧରେ ଦେଶଦ୍ରୋହ, ଆପରାଧିକ ଷଡ଼ଯନ୍ତ୍ର, ହତ୍ୟା, ହତ୍ୟା ଉଦ୍ୟମ ଅଭିଯୋଗ ଏବଂ ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ (ୟୁଏପିଏ)ର କେତେକ ଧାରାରେ ଦୋଷ ପ୍ରମାଣିତ ହୋଇଥିବା ବିଚାରପତି ମାଲହୋତ୍ରା କହିଛନ୍ତି।

୨୦୧୪ ସାଧାରଣ ନିର୍ବାଚନ ପାଇଁ ଭାଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୨୦୧୩ ଅକ୍ଟୋବର ୨୭ ତାରିଖରେ ବିହାର ରାଜଧାନୀ ପାଟନାସ୍ଥିତ ଐତିହାସିକ ଗାନ୍ଧୀ ମଇଦାନରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ତଥା ଏନ୍‌ଡିଏର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦି 'ହୁଙ୍କାର ରାଲି' ନାମରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | **କିଏ ପଚାରେ**



**ଆଜିର ମନ୍ତବ୍ୟ**

"ପରବର୍ତ୍ତୀ ପିଢ଼ିକୁ ଭବିଷ୍ୟତର ସମସ୍ୟା ଓ ଆହ୍ୱାନ ବିଷୟରେ ଅବଗତ କରାଇବା ପାଇଁ ସ୍କୁଲ ପାଠ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ଅନୁକୂଳ ନୀତି ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ସୁକିର୍ତ୍ତୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## 'ନୂଆବର୍ଷ ପର୍ଯ୍ୟନ୍ତ ସଜାଗ ରହିବାକୁ ପଡ଼ିବ'

**ଆଉ ୩୧୬ ଚିହ୍ନଟ, ୩ ମୃତ**

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ପର୍ବପର୍ବାଣି ପାଇଁ କରୋନା ସଂକ୍ରମଣ ସାମାନ୍ୟ ବୃଦ୍ଧି ପାଇଥିବାରୁ ନିୟମ କଡ଼ାକଡ଼ି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ନୂଆବର୍ଷ ପର୍ଯ୍ୟନ୍ତ ସଜାଗ ରହିବା ଦରକାର। ପରେ କରୋନା ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିବ ବୋଲି ନୂଆ ଡିଏମ୍‌ଇଟି ଡା. ରମା ରମଣ ମହାନ୍ତି କହିଛନ୍ତି। ଦାୟିତ୍ୱ ନେବା ପରେ ଡା. ମହାନ୍ତି କହିଛନ୍ତି, ସ୍କୁଲ ଖୋଲିବା ଦରକାର। ଏବେ ସ୍କୁଲ ଖୋଲିଲେ କିଛି ଅସୁବିଧା ନାହିଁ। କିନ୍ତୁ ନିୟମ ପାଳନ କରି ସ୍କୁଲ ଖୋଲିବା ଉଚିତ। ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୩,୬୫୧ ନମୁନା ପରୀକ୍ଷା କରାଯାଇଥିବାବେଳେ ୨୨ ଜିଲାରୁ ୩୧୬ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୦.୫%କୁ ଖସି ଆସିଛି। ଖୋର୍ଦ୍ଧା ଜିଲାରେ ବି ସଂକ୍ରମଣ ହାର ୧.୫୬%କୁ ଖସିଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୫୨ଜଣ ଥିବାବେଳେ କଟକରୁ ୩୨, ମୟୂରଭଞ୍ଜ ୨୮ ଓ ବାକିସବୁ ଜିଲାରୁ ଏହି ସଂଖ୍ୟା ୨୦ ତଳକୁ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଉଚ୍ଚାରୋହୀ ଧନାଧିପଙ୍କ ଯୋଗୁ ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ଅଭାବବୋଧ ବିଶେଷ ବାଧିବ ନାହିଁ। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାଜିକ ସ୍ତରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ।

**ବୃଷ** ରାହୁଙ୍କ ପ୍ରଭାବରେ ଯେ କୌଣସି କାମ କରନ୍ତୁ ନା କାହିଁକି, ମନବଳ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ। ସମସ୍ୟା ରହିଥିଲେ ମଧ୍ୟ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ଲୁଚି ରହିଥିବା ମନର ଦୁଃଖକୁ ଲୁଚାଇ ବନ୍ଧୁଙ୍କ ସମ୍ମୁଖରେ ହସି ହସି କଥା କହିବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ କୃତକାର୍ଯ୍ୟ ମଧ୍ୟ ହେବେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାଖପଡ଼ୋଶୀ କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ** ଆକସ୍ମିକ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟା ଗୁଡ଼ିକର ମୁକାବିଲା କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ** ପାରିବାରିକ କ୍ଷେତ୍ରର ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବା ସଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ସାମାଜିକ ସ୍ତରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। ଈର୍ଷାପରାୟଣ ମନୋଭାବ ନେଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିପାରନ୍ତି। ଅଧିକାଂଶ ସମୟ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** ପରିସ୍ଥିତିକୁ ସମ୍ଭାଳିବା ପରିପ୍ରେକ୍ଷୀରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରିବେ। ଅଜଣା ବ୍ୟକ୍ତିଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଅଶାନ୍ତି କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**ବିଛା** ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟା ବଢ଼ାଇ ଦେବାର ସୂଚନା ରହିଛି। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ସାମାନ୍ୟ ବିଳମ୍ବିତ ସମୟରେ ମହିଳାଙ୍କ ଆଶା ପୂରଣ ହୋଇଯିବ।

**ଧନୁ** ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅଫିସ କାମରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ କିନ୍ତୁ ସାମୟିକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଆଜିର ଯାତ୍ରା ସମୟରେ କିମ୍ବା ଆଲୋଚନା ସମୟରେ ଅନ୍ୟମନସ୍କ ରହିପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହେବେ, ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ।

**କୁମ୍ଭ** ଆପଣ କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ହୋଇଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ସାମାଜିକ ସ୍ତରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ସନ୍ଧ୍ୟା ସମୟରେ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିଲକୁ ବାଜ**
**ଚିଲା ମାରିବାକୁ ଲାଗିଛି ଖଞ୍ଜା।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରାଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ।ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡ଼ି ନ ଥାନ୍ତି। ଚିଲ ପକ୍ଷୀକୁ ବାଜ ବା ଛଞ୍ଚାଣ ପକ୍ଷୀ, କେହି କାହାରିଠୁ କମ୍ ନୁହେଁ। ଏକୁ ଆରେକ ବଳିଆର। ଉଭୟେ ପରସ୍ପରର ଶତ୍ରୁ ଭାବେ ଜଣା। ଶିକାରକୁ କିଏ କେମିତି ଝାମ୍ପିନେବ ଛକା ଛକି ହୋଇ ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚିଟିକି ଚିତା**
**ଲିମ୍ବ ବୋଲି ଖାଇବୁ ପିତା।**

ପିତା ସ୍ୱାସ୍ଥ୍ୟ ପ୍ରତି ବେଶ୍ ହିତକାରକ। ପାଟିକୁ ପିତା ଲାଗୁଥିଲେ ମଧ୍ୟ ଏହା ଶରୀର ପାଇଁ ବେଶ ଲାଭଦାୟକ ହୋଇଥାଏ। ସୁସ୍ଥ ନୀରୋଗ ଶରୀର ପାଇଁ ଲିମ୍ବ ପିତା ଖାଇବା ନେଇ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରାୟପୁର ଘରେ ୩ ଥର ବୈଠକ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ମମିତା ମେହେର ହତ୍ୟାକାଣ୍ଡକୁ ନେଇ ରାଜନୈତିକ ପାଣିପାଗ ବିଗିଡ଼ିବାରେ ଲାଗିଛି। ବିରୋଧୀ ଏହି ପ୍ରସଙ୍ଗରେ ପ୍ରତିଦିନ ନୂଆ ନୂଆ ତଥ୍ୟ ଆଣି ସରକାରଙ୍କୁ ଆକ୍ରମଣ କରୁଛନ୍ତି। ଉକ୍ତ ଘଟଣାରେ ସୋମବାର ଭାଜପା ଓ କଂଗ୍ରେସ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଟାର୍ଗେଟ କରିଛନ୍ତି। ପୂର୍ବରୁ ମନ୍ତ୍ରୀ ମିଶ୍ର ତାଙ୍କ

### ମମିତା ହତ୍ୟା ପ୍ରସଙ୍ଗରେ ମନ୍ତ୍ରୀଙ୍କୁ ପୁଣି ଟାର୍ଗେଟ

ରାୟପୁରସ୍ଥିତ ବାସଭବନରେ ଗୋବିନ୍ଦ ସାହୁ ଏବଂ ମମିତା ମେହେରଙ୍କ ମଧ୍ୟରେ ସମାଧାନ କରିବାକୁ ଚେଷ୍ଟା କରିଥିବା କଥା ଭାଜପା ବରିଷ୍ଠ ନେତା ବିଜୟ ମହାପାତ୍ର ପ୍ରଥମେ ଉଠାଇଥିଲେ। ହେଲେ ମନ୍ତ୍ରୀଙ୍କ ରାୟପୁରସ୍ଥିତ ଘରେ ଥରେ ନୁହେଁ ବରଂ ବାରମ୍ବାର ସମାଧାନ ପାଇଁ ଚେଷ୍ଟା କରିଥିବା ଏବେ ବିଜୟ ମତ ରଖିଛନ୍ତି। ସୋମବାର ବିଜୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମନ୍ତ୍ରୀ ତାଙ୍କ ରାୟପୁରସ୍ଥିତ ଘରେ ମମିତା ମେହେର ଓ ଗୋବିନ୍ଦ ସାହୁଙ୍କ ମଧ୍ୟରେ ମଧ୍ୟସ୍ଥତା କରିଥିବା ନେଇ ଯେଉଁ ପ୍ରଶ୍ନ ଉଠିଛି ତାହାର ଉତ୍ତର କେହି ଦେଉନାହାନ୍ତି। ଏହି ଘଟଣାରେ ନା ରାଜ୍ୟ ସରକାର ନା ହତ୍ୟା ମାମଲାର ତଦନ୍ତ କରୁଥିବା ପୋଲିସ ଅଧିକାରୀ କହୁଛନ୍ତି ବୋଲି ବିଜୟ ପ୍ରଶ୍ନ ଉଠାଇଛନ୍ତି।

ବିଜୟ କହିଛନ୍ତି, ରାୟପୁର ଗସ୍ତ ଛଡ଼ା ଅନ୍ୟ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ କଥା କହିଥିଲେ। ହେଲେ ପୋଲିସ ତାହାର ଉତ୍ତର ରଖିଲା ନାହିଁ। ରାଜ୍ୟରେ ଏତେବଡ଼ ଗୋଟେ ଘଟଣା ଘଟିଲା ଯାହାକୁ ନେଇ ସମଗ୍ର ଓଡ଼ିଶାରେ ହଇଚଇ ସୃଷ୍ଟି ହୋଇଛି। ଏହା ସତ୍ତ୍ୱେ ସମସ୍ତେ ଏହି ଘଟଣାରେ ନୀରବ ରହୁଛନ୍ତି। ପୋଲିସ ବିଭାଗ କଥା କିଏ ବୁଝୁଛି। ଜଣେ ଅଣଓଡ଼ିଆ ଅଫିସର ପୋଲିସ ବିଭାଗ କଥା ବୁଝୁଛନ୍ତି। ଏ ସମସ୍ତ ଘଟଣାରେ ସେ ହେଉଛନ୍ତି ମୁଖ୍ୟ ସୂତ୍ରଧର। ଆଗାମୀ ଦିନରେ ସେ ଅଭିଯୁକ୍ତ ହୋଇଯିବେ। ଆଗକୁ ଆହୁରି ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିବ। ସମଗ୍ର ରାଜ୍ୟବାସୀ ଏ ସମସ୍ତ ଘଟଣା ଜାଣିବାକୁ ପାଇବେ। ଏହି ଘଟଣାରେ ସହଜରେ ପୂର୍ଣ୍ଣଚ୍ଛେଦ ପଡ଼ିବ ନାହିଁ। ରାୟପୁରରେ ଥରେ ନୁହେଁ ୩ ଥର ମିଳାମିଶା ବୈଠକ ହୋଇଛି। ୩ରୁ ୪ ମାସ ମଧ୍ୟରେ ଏହି ପ୍ରସଙ୍ଗରେ ବୈଠକ ବସିଥିଲା। ହେଲେ ଥରେ ମଧ୍ୟ ସେକଥା କହିଲେ ନାହିଁ। ଗୋବିନ୍ଦ ସାହୁ ବାରାକ୍‌ରୁ ଖସିବା ସମୟରେ ମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇଥିବା ସମସ୍ତେ ଜାଣି ଚୁପ୍ ଅଛନ୍ତି। ଆଗକୁ ଆହୁରି ଭୟଙ୍କର କଥା ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଏହି ଘଟଣାରେ ଜବତ ପେନ୍‌ଡ୍ରାଇଭ୍, ଲାପ୍‌ଟପ୍ ଖୁଲାସା କରୁନାହିଁ ପୋଲିସ। ପେନ୍‌ଡ୍ରାଇଭ, ଲାପ୍‌ଟପ୍‌ରେ ବହୁ ନେତା ଓ ମନ୍ତ୍ରୀଙ୍କ ସେକ୍ସ ସ୍କାଣ୍ଡାଲ ରହିଛି। ନେତା, ମନ୍ତ୍ରୀଙ୍କ ସେକ୍ସ ସ୍କାଣ୍ଡାଲ ଥିବାରୁ ପୋଲିସ ଏହାକୁ ଲୁଚାଉଛି। ସେପ୍ଟେମ୍ବର ୨୦ରୁ ୨୩ ତାରିଖ ମନ୍ତ୍ରୀଙ୍କ ରାୟପୁରସ୍ଥିତ ଘରେ ମନ୍ତ୍ରୀ, ଗୋବିନ୍ଦ ଓ ମମିତା ଥିଲେ। ସେଠାରେ ବୁଝାମଣା କରିବାକୁ ମନ୍ତ୍ରୀ ଚେଷ୍ଟା କରିଥିଲେ। ସେପ୍ଟେମ୍ବର ୨୦ରେ ମମିତା ବସ୍ ଯୋଗେ ଘରୁ ବାହାରିଥିଲେ। ମହାଲିଙ୍ଗରୁ ଗୋବିନ୍ଦ ମମିତାଙ୍କୁ ରାୟପୁର ନେଇଯାଇଥିଲେ। ଆପାର୍ଟମେଣ୍ଟରେ ବୁଝାଶୁଝା ଲାଗି ଚେଷ୍ଟା କରାଯାଇଥିଲା। ସେପ୍ଟେମ୍ବର ୨୩ରେ ମମିତା ଘରକୁ ଫେରି ଆସିଥିଲେ। ବୁଝାଶୁଝା ହୋଇ ନ ପାରିବାରୁ ୭ ତାରିଖରେ ମମିତା ଆକାଉଣ୍ଟରେ ଗୋବିନ୍ଦ ୮ ହଜାର ଟଙ୍କା ଡିପୋଜିଟ୍ କରିଥିଲେ। ଏହାପରେ ୮ ତାରିଖରେ ମମିତାଙ୍କୁ ଘରୁ ଡାକି ଗୋବିନ୍ଦ ହତ୍ୟା କରିଥିଲେ। କଲ୍ ରେକର୍ଡ ଯାଞ୍ଚକଲେ ୩ ଜଣ ଗୋଟିଏ ସ୍ଥାନରେ ଥିଲେ ନା ନାହିଁ ଜଣାପଡ଼ିବ। ରାୟପୁରରେ ଥିବା ସମୟରେ କଲ୍ ରେଜିଷ୍ଟରକୁ ସାମ୍ନାକୁ ଆଣିବାକୁ ସାଲୁଜା ଦାବି କରିଛନ୍ତି।

## ମହାଲିଙ୍ଗ କଲେଜରେ ଉପଜିଲାପାଳଙ୍କ ତଦନ୍ତ

**ଭବାନୀପାଟଣା/ଗୋଲାମୁଣ୍ଡା, ୧।୧୧(ସ୍ୱ.ପ୍ର./ଡି.ଏନ୍.ଏ)**

ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତାଙ୍କ ମେହେର ହତ୍ୟା ଘଟଣାକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି। ଏପରିସ୍ଥଳେ ହତ୍ୟାକାଣ୍ଡର ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମାଲିକାନାରେ ଥିବା ମହାଲିଙ୍ଗ କଲେଜରେ ସୋମବାର ପହଞ୍ଚି ତଦନ୍ତ କରିଛନ୍ତି କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ପାୱାର ସଚିନ ପ୍ରକାଶ। ତାଙ୍କ ସହ ଜିଲା ଶିକ୍ଷାଧିକାରୀ ସୁଶାନ୍ତ ଚୋପଦାର, ଗୋଲାମୁଣ୍ଡା ତହସିଲଦାର ସର୍ବେଶ୍ୱର ଜାଲ, ବିଇଓ ନବ ସାହୁ, ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପ୍ରମୁଖ ରହିଥିଲେ। ଏହି ସମୟରେ କଲେଜ ରହିଥିବା ସ୍ଥାନର ଜମି ମାପ କରାଯାଇଛି। କଲେଜର ସମସ୍ତ କାଗଜପତ୍ରକୁ ଟିକିନିଖି ଯାଞ୍ଚ କରିବା ସହ ଶିକ୍ଷୟିତ୍ରୀଙ୍କୁ ନେଇ ହଷ୍ଟେଲରେ ମଧ୍ୟ ତଦନ୍ତ କରାଯାଇଥିଲା। ଛାତ୍ରୀବାସ ତିଆରି ହୋଇଥିବା ଜମି କାହା ନାମରେ ରହିଛି ଓ କେବେ ଗୋବିନ୍ଦ ସାହୁ କାହାଠାରୁ କିଣିଲେ, ତାହା ତଦନ୍ତ ହୋଇଛି। ସେହିପରି କୋଠା ପରିସର ସରକାରୀ ନା ବେସରକାରୀ ଜାଗାରେ ନିର୍ମାଣ ହୋଇଛି ତାହାର ତଦନ୍ତ କରି ମାପ କରାଯାଇଥିଲା।

## ହତ୍ୟାକାଣ୍ଡରେ ବ୍ୟବହୃତ ଜେସିବି, ସ୍କୁଟି ଜବତ



ଜବତ ଜେସିବି ଓ ସ୍କୁଟି।

**ଭବାନୀପାଟଣା,୧।୧୧(ସ୍ୱ.ପ୍ର.)**

### ଗୋବିନ୍ଦ ସାହୁଙ୍କ ପରିବାରକୁ ଜେରା

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବ୍ୟବହୃତ ଜେସିବି ଓ ସ୍କୁଟିକୁ ରବିବାର ସନ୍ଧ୍ୟାରେ ଜବତ କରିଛି ସିନ୍ଧେକେଲା ପୋଲିସ। ମହାଲିଙ୍ଗରୁ ଏହି ୨ ଗାଡ଼ିକୁ ଜବତ କରି ସିନ୍ଧେକେଲା ଥାନାକୁ ଅଣାଯାଇଛି। ମମିତାଙ୍କୁ ହତ୍ୟା କରିବା ପରେ ମୃତଦେହ ପୋତିବାକୁ ଜେସିବି ଏବଂ ପୋଡ଼ିବା ପାଇଁ ଟାୟାର ଆଣିବାକୁ ସ୍କୁଟି ବ୍ୟବହାର କରିଥିବା ପୋଲିସକୁ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ କହିଥିଲେ। ଏଣୁ ସିନ୍ଧେକେଲା ପୋଲିସ ମହାଲିଙ୍ଗକୁ ଯାଇ ଉକ୍ତ ଜେସିବି ଓ ସ୍କୁଟିକୁ ଜବତ କରି ଥାନାକୁ ଆଣିଛି। ଜେସିବି ଡ୍ରାଇଭର ପୁଷ୍କର ଭୋଇ ଗାତ ଖୋଳିବା ଓ ପୋତିବା କାମ କରିଥିଲେ ମଧ୍ୟ ହତ୍ୟାକାଣ୍ଡ ସମ୍ପର୍କରେ ଜାଣି ନ ଥିବା କହିବାରୁ ତାଙ୍କୁ ପୋଲିସ ରାଜସାକ୍ଷୀ କରିଛି। ଅନ୍ୟପଟେ ଜେସିବି ଅପରାଧୀ, ଆଉ ଡ୍ରାଇଭର କିପରି ନିର୍ଦ୍ଦୋଷ ହେଲେ ବୋଲି ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସର ଏପରି କାର୍ଯ୍ୟକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଘଟଣାରେ ପୋଲିସ ଗୋବିନ୍ଦଙ୍କ ପରିବାରବର୍ଗଙ୍କୁ ମଧ୍ୟ ଜେରା କରିଛି। କଳାହାଣ୍ଡି ଜିଲା କଳମପୁରରେ ରହୁଥିବା ଗୋବିନ୍ଦଙ୍କ ପରିବାର ସଦସ୍ୟଙ୍କୁ ରବିବାର ଅପରାହ୍ନରେ ପୋଲିସ ମହାଲିଙ୍ଗ ଡକାଇ ପଚରାଉଚରା କରିଥିଲା। ଏହି ହତ୍ୟାକାଣ୍ଡରେ ଆଉ କାହାର ସମ୍ପୃକ୍ତି ଅଛି ସେ ନେଇ ପୋଲିସ ତଦନ୍ତ ଜାରି ରଖିଛି।

ପ୍ରଥମ ପୃଷ୍ଠାରୁ...

### ଦୀପାବଳିରେ ସବୁଜ...

କମିଶନର(ଏସ୍‌ଆର୍‌ସି)ଙ୍କୁ ନିର୍ଦ୍ଦେଶ ଦେବା ସହ ସୋମବାର ଦିନ ୧୦ଟା ସୁଦ୍ଧା ରିପୋର୍ଟ ଦେବା ପାଇଁ କହିଥିଲେ। ଏନେଇ ଏସ୍‌ଆର୍‌ସି ଗାଇଡ୍‌ଲାଇନ୍ ଜାରି କରି ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ଏହି ଆଧାରରେ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ମାମଲାର ବିଚାର କରି ରାୟ ଶୁଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଦୀପାବଳିରେ ବାଣ ବିକ୍ରି ଓ ଫୁଟା ବନ୍ଦ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଅଲ୍ ଓଡ଼ିଶା ଫାୟାର ୱାର୍କର୍ସ ଡିଲର୍ସ ଆସୋସିଏଶନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା। ତେବେ ଜନଜୀବନ ସୁରକ୍ଷା ଓ କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ। ଏଥିସହ ସଂଘ ଏକ ପଞ୍ଜୀକୃତ ସଂସ୍ଥା ନୁହେଁ ଓ ଉକ୍ତ ପ୍ରସଙ୍ଗରେ ସାନି ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରେ ଆସୋସିଏଶନ ସୋସାଇଟି ଆକ୍ଟରେ ପଞ୍ଜୀକୃତ ହୋଇ ମାମଲା ଦାୟର କରିଥିଲା। ସେହିପରି ମହେଶ ଷ୍ଟୋର, ପ୍ରମିଳା ଏଣ୍ଟରପ୍ରାଇଜେସ୍ ଓ କେତେଜଣ ବାଣ ବ୍ୟବସାୟୀ ମଧ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଗାଇଡ୍‌ଲାଇନ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସବୁଜ ବାଣ ବିକ୍ରି ଓ ବ୍ୟବହାର କରାଯାଇପାରିବ। ଏହାଦ୍ୱାରା ବାୟୁ ପ୍ରଦୂଷଣ ହୋଇ ନ ଥାଏ। ଏପରିସ୍ଥଳେ ରାଜ୍ୟ ସରକାର ବାଣ ବିକ୍ରି ଓ ବ୍ୟବହାରକୁ ଅନୁମତି ନ ଦେବାରେ କୌଣସି ଯଥାର୍ଥତା ନାହିଁ ବୋଲି ଆବେଦନକାରୀ ସଂଘ ପକ୍ଷରୁ ଓକିଲ ଗୌତମ ମୁଖାର୍ଜୀ ଯୁକ୍ତି ଉପସ୍ଥାପନ କରିଥିଲେ।

### ପ୍ରଧାନମନ୍ତ୍ରୀଙ୍କୁ ଚିଠି...

ଅଧୀନରେ ୧୦୮୮.୭୨ କୋଟି ଟଙ୍କା ବକେୟା ଅଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିନିୟମ ଅନୁସାରେ କର୍ମନିଯୁକ୍ତି ଅନ୍ୱେଷଣ କରୁଥିବା ଗରିବଙ୍କୁ ନିର୍ଦ୍ଧାରିତ ସମୟରେ ମଜୁରି ପ୍ରଦାନ କରିବା ହେଉଛି ଏକ ମୌଳିକ ପ୍ରତିଶ୍ରୁତି। ସେହିପରି ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ମ୍ୟାଟେରିଆଲ ପାଇଁ ଅର୍ଥ ଠିକ୍ ସମୟରେ ମଞ୍ଜୁର କରାଯିବା ଆବଶ୍ୟକ। ତେଣୁ ମଜୁରି ଏବଂ ମ୍ୟାଟେରିଆଲ୍ ବାବଦ ପାଣ୍ଠି ଠିକ୍ ସମୟରେ ମଞ୍ଜୁର କରିବାକୁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହାଛଡ଼ା କୋଭିଡ୍ ମହାମାରୀ ସମୟରେ ଅର୍ଥନୈତିକ କାର୍ଯ୍ୟକଳାପ ହ୍ରାସ ପାଇବା ପରେ ବହୁସଂଖ୍ୟାରେ ପ୍ରବାସୀ ରାଜ୍ୟକୁ ଫେରିଆସିଛନ୍ତି। ଏଥିଯୋଗୁ ଗ୍ରାମାଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ରୋଜଗାର ଦିଆଯିବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଓଡ଼ିଶାର ଶ୍ରମ ବଜେଟ୍‌କୁ ବୃଦ୍ଧି କରାଯାଉ। ୨୦୨୧-୨୨ ବର୍ଷ ପାଇଁ ଶ୍ରମ ଦିବସ ୨୫ କୋଟିକୁ ବୃଦ୍ଧି କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ଦାବି ରଖିଛନ୍ତି।

### ୪ ଦୋଷୀଙ୍କୁ ଫାଶୀ...

ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ମୋଦିଙ୍କ ସମ୍ବୋଧନର କିଛି ସମୟ ପୂର୍ବରୁ ଗୋଟିଏ ପରେ ଗୋଟିଏ ୬ଟି ବିସ୍ଫୋରଣ ଘଟିଥିଲା। ପ୍ରଥମ ବିସ୍ଫୋରଣ ପାଟନା ରେଲୱେ ଷ୍ଟେଶନର ପ୍ଲାଟ୍‌ଫର୍ମ ନଂ.୧୦ରେ ଘଟିଥିବାବେଳେ ଅନ୍ୟ ୫ଟି ଗାନ୍ଧୀ ମଇଦାନରେ ସଂହାରଲୀଳା ରଚିଥିଲା। ଏହି ସିରିଏଲ୍ ବ୍ଲାଷ୍ଟରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୯୦ ଆହତ ହୋଇଥିଲେ। ଏହାସତ୍ତ୍ୱେ ମୋଦି ଉକ୍ତ ସଭାକୁ ସମ୍ବୋଧିତ କରିଥିଲେ। ସେହିବର୍ଷ ନଭେମ୍ବର ୬ରେ ଆତଙ୍କବାଦ ନିରୋଧୀ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏକୁ ଏହି ମାମଲାର ତଦନ୍ତ ଭାର ହସ୍ତାନ୍ତର କରାଯାଇଥିଲା। ଅତର୍କିତ ଆକ୍ରମଣର ମାଷ୍ଟରମାଇଣ୍ଡ ହାଇଦର ଅଲୀଙ୍କୁ ୨୦୧୪ରେ ଏନ୍‌ଆଇଏ ଗିରଫ କରିଥିଲା। ଏହା ପଛରେ ଷ୍ଟୁଡେଣ୍ଟସ୍ ଇସ୍‌ଲାମିକ୍ ମୁଭ୍‌ମେଣ୍ଟ ଅଫ୍ ଇଣ୍ଡିଆ (ସିମି) ଏବଂ ଇଣ୍ଡିଆନ୍ ମୁଜାହିଦ୍ଦିନ (ଆଇଏମ୍)ର ସମ୍ପୃକ୍ତି ସନ୍ଦେହ କରି ଦୁଇ ସଙ୍ଗଠନର ଅନେକ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ମୋଟ ୨୫୦ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପରୋକ୍ତ ୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିବାବେଳେ ଫକିଉଦ୍ଦିନଙ୍କୁ ପ୍ରମାଣ ଅଭାବରୁ ଏନ୍‌ଆଇଏ କୋର୍ଟ ଛାଡ଼ି ଦେଇଛନ୍ତି। ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଦୋଷୀମାନଙ୍କୁ ପାଟନାର ବେଉର ଜେଲରେ ରଖାଯାଇଛି।

### ୩ ମହିଳା ମାଓବାଦୀ...



(ଡିଆର୍‌ଜି) ପକ୍ଷରୁ ରବିବାର ସନ୍ଧ୍ୟାରେ ପାଟ୍ରୋଲିଂ ଚାଲିଥିବାବେଳେ ମାଓବାଦୀମାନେ ଅତର୍କିତ ଗୁଳିଚାଳନା କରିଥିଲେ। ସୁରକ୍ଷା ବଳ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ଲାଲ୍‌ବାହିନୀ ଛତ୍ରଭଙ୍ଗ ଦେଇଥିଲା। ଜଙ୍ଗଲରେ ତଲାସି ଅଭିଯାନ ବେଳେ ୩ ଟପ୍ କ୍ୟାଡରଙ୍କ ମୃତଦେହ ମିଳିଥିଲା। ମୃତ ମାଓବାଦୀ ହେଲେ ରାଜେ ମୁଚାକି, ଗୀତା ମାର୍କାମ ଏବଂ ଭୀମେ ନୁପୋ ଓରଫ୍ ଜ୍ୟୋତି। ସମସ୍ତେ କାଟେକଲ୍ୟାଣ ଏରିଆ କମିଟିର ସକ୍ରିୟ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରୁ ରାଜେ ମୁକାଚି କାଟେକଲ୍ୟାଣ ମାଓବାଦୀ ସଙ୍ଗଠନରେ ଗୋଇନ୍ଦା ବିଭାଗ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ଗୀତା କେଏଏମ୍‌ସି ସଙ୍ଗଠନ ଏବଂ ଜ୍ୟୋତି ସିଏନ୍‌ଏମ୍ ସଙ୍ଗଠନର ନେତୃତ୍ୱ ନେଉଥିଲେ। ଘଟଣାସ୍ଥଳରୁ ଏକ ୧୨ ବୋର୍ ଗନ୍, ୨ ଦେଶୀ ରିଭଲଭର, ଏକ ବନ୍ଧୁକ, ଦୁଇଟି ଆଇଇଡି, ବିଦ୍ୟୁତ୍ ତାର, ଔଷଧ, ମାଓବାଦୀ ପତ୍ରିକା ଏବଂ ବିପୁଳ ପରିମାଣର ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ଜଙ୍ଗଲରେ ଡିଆର୍‌ଜି ପକ୍ଷରୁ କୋମ୍ବିଂ ଅପରେଶନ ଜୋର୍‌ଦାର କରାଯାଇଛି।


## classifieds Everyday 0674-2580101, 2549302

real estate

**SALE**

**Plot for Sale, 2000sqft (15nos) per sqft- 2000/- Gharabari Plot Main Road side infront of Tata ariana, Vipul Garden Backside Ghatikia Mouza- Sankarpur, BBSR. Water & Electricity available 30'Road NH-5 to 1km. Contact: - 7381564227, 8114744495.** D-22136

**ଭୁବନେଶ୍ୱର, ପଟିଆ ବିଗ୍‌ବଜାରରୁ 3 Km. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ମିଳୁଛି। 6370960168.** D–71727

ଭୁବନେଶ୍ୱର ଗଙ୍ଗପଡ଼ା **tollgateରୁ 900mtr** ଦୂରତାରେ ଘର ଉପଯୋଗୀ ପ୍ଲଟ୍ ମିଳୁଛି। **8908122121.** D-71729

Sthitiban plots available Bhubaneswar IIT with all development, immediate registration book @2lakh. 9124289585. D-22134

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call- 9827119799. D-71189

ପାରାଦୀପ smart Industrial Port City ପାଖ ବଡ଼ବନ୍ଧ ରେଲ୍‌ୱେ ଷ୍ଟେସନ୍ ପାଖରେ 1acre ଘରବାଡ଼ି commercial ଜାଗା ବିକ୍ରିହେବ। ଷ୍ଟାର ହୋଟେଲ, ମାର୍କେଟ କମ୍ପ୍ଲେକ୍ସ, ହସ୍ପିଟାଲ, ଆପାର୍ଟମେଣ୍ଟ ପାଇଁ ଉପଯୁକ୍ତ। ଇଚ୍ଛୁକ ବ୍ୟକ୍ତି, sharing holder, broker. 8917413036. D-71195

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200sqft., 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9439660381. D-22104

Ready to move 3/2BHK flat available near V2 Showroom Patrapada, Bhubaneswar. 9861037729, 9040337729. D-71432

healthcare

Ashirvaad Saloon and SPA get good massage for your health tha best therapy. 7077181074. D-71808

Lotus SPA get refreshment, full body massage by smart/ expert therapist. Contact: 8018891951. D-71193

Take one hour any therapy just @800 only. Call- 9078484455. D-71430

Refreshing your mind and body with the best therapy. 7873794731. D-71191

DIWALI OFFER Saikrupa Spa @899/- health benefits with Expert. 8984068077. D-22060

Newly open SPA positively health benefit with expert. Contact: 7749976301. D-71194

Newly open SPA Center, Diwali Offer 599/-, smart therapist. 8455987557. D-71431

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କୋଭାକ୍ସିନ୍‌କୁ ଅଷ୍ଟ୍ରେଲିଆର ସ୍ୱୀକୃତି**

ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଟିକାକୁ ଅଷ୍ଟ୍ରେଲିଆ ସ୍ୱୀକୃତି ପ୍ରଦାନ କରିଛି। ଏହି ଟିକା ନେଇଥିବା ଲୋକେ ଅଷ୍ଟ୍ରେଲିଆ ଯାଇପାରିବେ। ଅଷ୍ଟ୍ରେଲିଆରେ ପଞ୍ଜୀକୃତ ହୋଇ ନ ଥିବା ଦୁଇଟି ଟିକା କୋଭାକ୍ସିନ ଏବଂ ଚାଇନାର ସିନୋଫାର୍ମ ପ୍ରସ୍ତୁତ ବିବିଆଇବିପି-କୋର୍‌ଭିକୁ ସ୍ୱୀକୃତି ପ୍ରଦାନ କରାଯାଇଥିବା ସେଠାର ଔଷଧ ନିୟନ୍ତ୍ରକ ଥେରାପିଉଟିକ୍ ଗୁଡ୍ସ ଆଡ୍‌ମିନିଷ୍ଟ୍ରେଶନ ଘୋଷଣା କରିଛି। ଫଳରେ କୋଭାକ୍ସିନ ନେଇଥିବା ୧୨ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବିବିଆଇବିପି-କୋର୍‌ଭି ନେଇଥିବା ୧୮ରୁ ୬୦ବର୍ଷ ବୟସର ବ୍ୟକ୍ତି ଅଷ୍ଟ୍ରେଲିଆ ଯିବା ପାଇଁ ଅନୁମତି ପାଇଛନ୍ତି।

## ସଂକ୍ଷେପରେ

### 'ଭାକ୍ସ' ୱାର୍ଡ ଅଫ୍ ଦି ଇୟର

**ଲଣ୍ଡନ, ୧।୧୧:** କରୋନା ମହାମାରୀ ବେଳେ ଟିକା ବା ଭାକ୍ସିନ ପାଇଁ ବହୁଳ ମାତ୍ରାରେ ବ୍ୟବହାର ହୋଇଥିବା ଶବ୍ଦ 'ଭାକ୍ସ' ଅକ୍ସଫୋର୍ଡ ଇଂଲିଶ ଡିକ୍ସିନାରୀ (ଓଇଡି) ଦ୍ୱାରା ୱାର୍ଡ ଅଫ୍ ଦି ଇୟର-୨୦୨୧ ଚୟନ କରାଯାଇଛି। ଭାକ୍ସିନ ସମ୍ପର୍କିତ ଶବ୍ଦ ମଧ୍ୟରୁ ଡବଲ୍-ଭାକ୍ସଡ୍, ଅନ୍‌ଭାକ୍ସଡ୍, ଆଣ୍ଟି ଭାକ୍ସର ଆଦିର ମଧ୍ୟ ବହୁ ସଂଖ୍ୟାରେ ବ୍ୟବହାର କରାଯାଇଛି। ତେବେ ଅଧିକ ମାତ୍ରାରେ ବ୍ୟବହାର ଯୋଗୁ 'ଭାକ୍ସ'କୁ ୨୦୨୧ ବର୍ଷର ଶବ୍ଦ ଭାବେ ବିବେଚନା କରାଯିବା ବେଶ୍ ସ୍ୱାଭାବିକ ବୋଲି ଓଇଡିର ବରିଷ୍ଠ ସମ୍ପାଦକ ଫିଓନା ମାକ୍‌ଫେର୍‌ସନ୍ କହିଛନ୍ତି। କେବଳ ସେପ୍ଟେମ୍ବରରେ ଗତ ବର୍ଷ ତୁଳନାରେ ୭୨ ଗୁଣା ଅଧିକ ଧର 'ଭାକ୍ସ'ର ବ୍ୟବହାର ବଢ଼ିଛି। ସେହିପରି 'ପାଣ୍ଡେମିକ୍' ଶବ୍ଦ ବ୍ୟବହାର ଚଳିତ ବର୍ଷ ୫୭,୦୦୦ ପ୍ରତିଶତ ବୃଦ୍ଧି ପାଇଛି। ଲାଟିନ୍ ଶବ୍ଦ ଭାକାରୁ ଭାକ୍ସ ଉଦ୍ଧୃତ, ଯାହାର ଅର୍ଥ ହେଲା ଗାଈ।

### ପବ୍ନ କପୁର ରୁଷିଆ ପାଇଁ ଭାରତର ରାଷ୍ଟ୍ରଦୂତ



**ନୂଆଦିଲ୍ଲୀ, ୧।୧୧:** ବରିଷ୍ଠ କୂଟନୀତିଜ୍ଞ ପବ୍ନ କପୁରଙ୍କୁ ସୋମବାର ରୁଷିଆରେ ଭାରତ ରାଷ୍ଟ୍ରଦୂତ ନିଯୁକ୍ତ କରାଯାଇଛି। ୧୯୯୦ ବ୍ୟାଚ୍ ଭାରତୀୟ ବୈଦେଶିକ ସେବା(ଆଇଏଫ୍‌ଏସ୍) ଅଫିସର କପୁର ଏବେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ପାଇଁ ରାଷ୍ଟ୍ରଦୂତ ଅଛନ୍ତି। ଖୁବଶୀଘ୍ର ସେ ନୂଆ ଦାୟିତ୍ୱ ତୁଲାଇବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେ ଡି. ବାଲା ଭେଙ୍କଟେଶ ବର୍ମାଙ୍କ ସ୍ଥାନ ନେବେ। ସେହିପରି ୧୯୯୩ ବ୍ୟାଚ୍ ଆଇଏଫ୍‌ଏସ୍ ଅଫିସର ସଞ୍ଜୟ ସୁଧିରଙ୍କୁ ୟୁଏଇ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ କରାଯାଇଛି।

### 'ନମାମି ଗଙ୍ଗେ'ର ଗିନିଜ୍ ରେକର୍ଡ

**ନୂଆଦିଲ୍ଲୀ, ୧।୧୧:** ଗଙ୍ଗା ନଦୀକୁ ସ୍ୱଚ୍ଛ କରିବା ପାଇଁ 'ନମାମି ଗଙ୍ଗେ' ଅଭିଯାନ ସୋମବାର ଗିନିଜ୍ ବୁକ୍ ରେକର୍ଡରେ ପ୍ରବେଶ କରିଛି। ଏହାର ଫେସ୍‌ବୁକ୍ ପେଜ୍ 'ନମାମି ଗଙ୍ଗେ ଫେସ୍‌ବୁକ୍ ଇଭେଣ୍ଟ'ରେ ମାତ୍ର ଏକ ଘଣ୍ଟାରେ ସର୍ବାଧିକ ହାତଲେଖା ବାର୍ତ୍ତା ସହିତ ଉଠାଯାଇଥିବା ଫଟୋ ଅପ୍‌ଲୋଡ୍ ଯୋଗୁ ଏହି ବିରଳ ରେକର୍ଡ ତିଆରି ହୋଇଛି। ମଙ୍ଗଳବାର 'ଗଙ୍ଗା ଉତ୍ସବ-୨୦୨୧' ଆରମ୍ଭ ହେବାକୁ ଯାଉଥିବାବେଳେ ସୋମବାର ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ରେକର୍ଡ ସଂଖ୍ୟାରେ ଫଟୋ ଅପ୍‌ଲୋଡ୍ କରାଯାଇଥିଲା। ପୂର୍ବରୁ ଜଳ ଶକ୍ତି ମନ୍ତ୍ରଣାଳୟ ସ୍ୱଚ୍ଛ ଗଙ୍ଗା ଜାତୀୟ ମିଶନ ଜରିଆରେ ସାମାଜିକ କର୍ମକର୍ତ୍ତା ତଥା ଜନସାଧାରଣ ଗଙ୍ଗା ସମ୍ପର୍କିତ କବିତା, ସ୍ଲୋଗାନ କିମ୍ବା ସ୍ତମ୍ଭ ସହିତ ମା' ଗଙ୍ଗା ଲେଖି ତାହାକୁ ଫେସ୍‌ବୁକ୍ ପେଜ୍‌ରେ ପୋଷ୍ଟ କରିବାକୁ ନିବେଦନ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ର ବିଚାରକ ରିଷି ନାଥ ଏହି ପ୍ରମାଣପତ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ୍‌ଙ୍କୁ ପ୍ରଦାନ କରିଛନ୍ତି।

# ଭାରତ ପାଇଁ ଗ୍ରୀନ୍ ଗ୍ୟାରେଣ୍ଟି ଦେବ ବ୍ରିଟେନ

## ମୋଦି-ବୋରିସ୍ ଦ୍ୱିପାକ୍ଷିକ ଆଲୋଚନା



**ଗ୍ଲାସ୍‌ଗୋ, ୧।୧୧**

ଭାରତରେ ଗ୍ରୀନ୍ ପ୍ରୋଜେକ୍ଟ ପାଇଁ ଅତିରିକ୍ତ ୭୫୦ ନିୟୁତ ପାଉଣ୍ଡ ସହାୟତା ଲାଗି ବ୍ରିଟେନ ବିଶ୍ୱବ୍ୟାଙ୍କକୁ 'ଇଣ୍ଡିଆ ଗ୍ରୀନ୍ ଗ୍ୟାରେଣ୍ଟି' ପ୍ରଦାନ କରିବ। ସୋମବାର କୋପ୍‌୨୬ ସମିଟ୍‌ରେ ଏହା ଘୋଷଣା କରାଯାଇଛି। ଏହି ଗ୍ରୀନ୍ ଗ୍ୟାରେଣ୍ଟି ଫାଇନାନ୍ସିଂ ଭାରତର ପ୍ରଦୂଷଣମୁକ୍ତ ଶକ୍ତି, ପରିବହନ ଓ ସହରାଞ୍ଚଳ ବିକାଶ ଆଦି ସେକ୍ଟରରେ ଭିତ୍ତିଭୂମି ବିକାଶରେ ସହାୟକ ହେବ। ଏହା ବ୍ୟତୀତ ଭାରତରେ ବିଦ୍ୟୁତଚାଳିତ ଯାନ ସମେତ ବିକାଶଶୀଳ ଦେଶଗୁଡ଼ିକରେ ଗ୍ରୀନ୍ ପ୍ରକଳ୍ପର ବିକାଶ ଲାଗି ବ୍ରିଟେନ ୨୧୦ ନିୟୁତ ପାଉଣ୍ଡ ନିବେଶ କରିବ ବୋଲି ପ୍ରତିଶ୍ରୁତି ଦେଇଛି।

ଜଳବାୟୁ ସମ୍ମିଳନୀ (କୋପ୍‌୨୬) ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ବ୍ରିଟିଶ ପ୍ରତିପକ୍ଷ ବୋରିସ୍ ଜନ୍‌ସନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଗ୍ରୀନ୍ ହାଇଡ୍ରୋଜେନ୍, ଅକ୍ଷୟ ଶକ୍ତି, ସ୍ୱଚ୍ଛ ପ୍ରଯୁକ୍ତି, ଅର୍ଥନୀତି ଏବଂ ପ୍ରତିରକ୍ଷା ଆଦି କ୍ଷେତ୍ରରେ ସହଯୋଗ ଲାଗି ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। କୋଭିଡ୍ ମହାମାରୀ ଯୋଗୁ ବୋରିସ ଦୁଇଥର ଭାରତ ଗସ୍ତ ବାତିଲ କରିବା ପରେ ପ୍ରଥମ ଥର ପାଇଁ ମୋଦିଙ୍କ ସହ ତାଙ୍କର ବୈଠକ ଅନୁଷ୍ଠିତ ହୋଇଛି। ଗ୍ଲାସ୍‌ଗୋରେ ଜଳବାୟୁ ସମ୍ପର୍କିତ ଆଲୋଚନା ଆରମ୍ଭ ହୋଇଥିବାବେଳେ ଭାରତ-ବ୍ରିଟେନ ରଣନୀତିକ ସହଯୋଗ ବୃଦ୍ଧି ପାଇଁ ୨୦୩୦ ରୋଡମ୍ୟାପ୍‌ର ସମୀକ୍ଷା କରାଯିବା ସହ ଜଳବାୟୁ ସହଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି। ଗତ ମେ'ରେ ଭର୍ଚୁଆଲ ସମିଟ୍‌ରେ ମୋଦି ଓ ବୋରିସ୍‌ଙ୍କ ମଧ୍ୟରେ ଭାରତ-ବ୍ରିଟେନ ରଣନୀତିକ ସହଯୋଗ ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। କୋପ୍‌୨୬ରେ ଯୋଗଦେବା ପାଇଁ ମୋଦି ଗ୍ଲାସ୍‌ଗୋରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପ୍ରଧାନମନ୍ତ୍ରୀ କିଶିଡା ବିଜୟୀ

## ଜାପାନ ନିର୍ବାଚନ



**ଟୋକିଓ, ୧।୧୧**

ଜାପାନରେ ଅନୁଷ୍ଠିତ ପାର୍ଲାମେଣ୍ଟ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡାଙ୍କୁ ସୋମବାର ବିଜୟୀ ଘୋଷଣା କରାଯାଇଛି। ଜାତୀୟ ନିର୍ବାଚନରେ ଶାସକ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିଛି। ୪୬୫ ଆସନ ବିଶିଷ୍ଟ ପାର୍ଲାମେଣ୍ଟର ନିମ୍ନ ସଦନରେ କିଶିଡାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି (ଏଲ୍‌ଡିପି) ଓ ଏହାର ସହଯୋଗୀ କୋମେଇଟୋକୁ ୨୯୩ ଆସନ ମିଳିଛି। ନିର୍ବାଚନରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲେ ମଧ୍ୟ ଲୋକେ ଏଲ୍‌ଡିପି-କୋମେଇଟୋ ସ୍ଥିର ସରକାର ଉପରେ ଭରସା ଜୁଟାଇଥିବା ସ୍ପଷ୍ଟ ହୋଇଯାଇଛି। ତାଙ୍କ ସରକାର ନୂଆ ପୁଞ୍ଜିବାଦ ଜରିଆରେ ଅର୍ଥନୀତିରେ ସୁଧାର ଆଣିବା ପାଇଁ ପଦକ୍ଷେପ ନେବ ବୋଲି କିଶିଡା କହିଛନ୍ତି। ସମ୍ବଳର ସୁଷମ ବଣ୍ଟନ ଦ୍ୱାରା ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଜାପାନକୁ ଆଗେଇ ନେଇହେବ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ କରୁଛନ୍ତି। ରବିବାର ନିର୍ବାଚନରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଜାପାନକୁ ଶାସନ କରିଆସୁଥିବା ଏଲ୍‌ଡିପିକୁ ଆଶାତୀତ ସଫଳତା ମିଳିଛି। ଏହି ଦଳ ଏକାକୀ ୨୬୧ ଆସନରେ ବିଜୟୀ ହୋଇ କିଶିଡାଙ୍କୁ ସରକାର ଗଠନ ସୁଯୋଗ ଦେଇଛି। ଗତ ଅକ୍ଟୋବର ୪ରେ ୟୋଶିହିଡେ ସୁଗାଙ୍କ ସ୍ଥାନରେ କିଶିଡା ଜାପାନର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

# ପଞ୍ଜାବରେ ଶସ୍ତା ହେଲା ବିଜୁଳି

**ଚଣ୍ଡିଗଡ଼, ୧।୧୧**

ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଜାବ ସରକାର ବିଦ୍ୟୁତ୍ ଦର ୟୁନିଟ ପିଛା ୩ ଟଙ୍କା ହ୍ରାସ କରିଛନ୍ତି। ଏଥିସହିତ ପ୍ରଥମ ୧୦୦ ୟୁନିଟ ବିଦ୍ୟୁତ୍ ମାଗଣା ଯୋଗାଇ ଦିଆଯିବ ବୋଲି ସୋମବାର ଏକ ଖବରଦାତା ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ସୂଚନା ଦେଇଛନ୍ତି। ଏହା ବାଦ୍ ଉପଭୋକ୍ତା ବ୍ୟବହାର କରୁଥିବା ପ୍ରତି ଅତିରିକ୍ତ ୟୁନିଟ୍ ପାଇଁ ୩ ଟଙ୍କା ରିହାତି ଦିଆଯିବ।

# ଦୁର୍ଘଟଣାରେ ମିସ୍ କେରଳ, ରନର-ଅପ୍‌ଙ୍କ ମୃତ୍ୟୁ



ଅଞ୍ଜନା ଶାଜନ | ଆନ୍‌ସି କବୀର

**କୋଚି, ୧।୧୧**

କେରଳର କୋଚି ସହରରେ ସୋମବାର ଭୋର ସମୟରେ ଏକ କାର୍ ଦୁର୍ଘଟଣାରେ ୨୦୧୯ର ମିସ୍ କେରଳ ମୁକୁଟ ବିଜୟିନୀ ଆନ୍‌ସି କବୀର ଏବଂ ରନର-ଅପ୍ ଅଞ୍ଜନା ଶାଜନଙ୍କର ମୃତ୍ୟୁ ଘଟିଛି। ସେମାନେ ଏକ କାର ଯୋଗେ ଯାଉଥିଲେ। ଜାତୀୟ ରାଜପଥ ୬୬ର ଚକ୍କରପରମ୍ବୁ ନିଟକରେ ଏକ ବାଇକକୁ ରକ୍ଷା କରିବାକୁ ଯାଇ କାରଟି ରାସ୍ତାପାର୍ଶ୍ୱ ଏକ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଦୁଇ ମଡେଲଙ୍କ ମୃତ୍ୟୁ ହୋଇଥିବାବେଳେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ଦୁର୍ଘଟଣା ବେଳେ କାର୍‌ରେ ଥିବା ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। କବୀରଙ୍କ ଘର ଥିରୁଭାନନ୍ତପୁରମ୍ ହୋଇଥିବାବେଳେ ଶାଜନଙ୍କ ଘର ଥ୍ରୀଶୁରରେ। ସେମାନେ କୋଚିରେ ଏକ ଫଟୋ ସେସନରେ ଯୋଗଦେଇ ଥ୍ରୀଶୁର ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା।

# ଜାତିସଂଘକୁ ମସ୍କଙ୍କ ଚ୍ୟାଲେଞ୍ଜ

**ସାନ୍ ଫ୍ରାନ୍ସିସ୍‌କୋ, ୧।୧୧**



ଦୁନିଆର ସବୁଠାରୁ ଧନୀ ବ୍ୟକ୍ତିମାନଙ୍କ ଆୟର ମାତ୍ର ୨ ପ୍ରତିଶତ ବିଶ୍ୱର କ୍ଷୁଧା ମେଣ୍ଟାଇବାକୁ ସକ୍ଷମ ବୋଲି ଜାତିସଂଘ କହିବା ପରେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି ଟେସ୍‌ଲା ଏବଂ ସ୍ପେସ୍‌ଏକ୍ସ ମାଲିକ ଏଲନ ମସ୍କ। ଆମେରିକୀୟ ବ୍ୟବସାୟୀ ମସ୍କ କହିଛନ୍ତି, ଯଦି ଏପରି କଲେ ବିଶ୍ୱରୁ ଭୋକ ଦୂର ହୋଇପାରିବ ବୋଲି ଜାତିସଂଘ ପ୍ରମାଣ କରିଦିଏ ତେବେ ସେ ସାହାଯ୍ୟ କରିବାକୁ ପ୍ରସ୍ତୁତ ବୋଲି ଟୁଇଟ୍ କରିଛନ୍ତି। ଜାତିସଂଘର ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ(ଡବ୍ଲ୍ୟୁଏଫ୍‌ପି) ନିର୍ଦ୍ଦେଶକ ଡାଭିଡ୍ ବିସ୍‌ଲେ କହିଥିଲେ, ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଏବଂ ମସ୍କ ସେମାନଙ୍କ ଅର୍ଥକୁ କିପରି ବ୍ୟୟ କରୁଛନ୍ତି ତାହା ଚିନ୍ତା କରିବା ଆବଶ୍ୟକ। ଭୋକ ଯୋଗୁ ବିଶ୍ୱରେ ୪ କୋଟି ୨୦ ଲକ୍ଷ ଲୋକ ଏବେ ନିଶ୍ଚିତ ମୃତ୍ୟୁମୁଖରେ। ସେମାନଙ୍କୁ ବଞ୍ଚାଇବା ପାଇଁ ୬ ବିଲିୟନ ଡଲାର ଅର୍ଥ ଆବଶ୍ୟକ। ମସ୍କ କହିଛନ୍ତି, କିପରି ଏହି ଅର୍ଥ ଦୁନିଆରୁ ଭୋକ ଦୂର କରିପାରିବ ତାହା ଡବ୍ଲ୍ୟୁଏଫ୍‌ପି ସର୍ବସମ୍ମୁଖରେ ହିସାବ ଉପସ୍ଥାପନ କରୁ। ଏହା ଏକ ସଫଳ ପଦକ୍ଷେପ ବୋଲି ଜାତିସଂଘ ପ୍ରମାଣ କଲେ ଏହି କ୍ଷଣି ସେ ଟେସ୍‌ଲା ଷ୍ଟକ୍ ବିକ୍ରି କରି ଅର୍ଥ ଦାନ କରିଦେବେ ବୋଲି ମସ୍କ କହିଛନ୍ତି।

### ଇଡି ନିକଟରେ ହାଜର ହେଲେ ଅନିଲ ଦେଶମୁଖ

**ମୁମ୍ବାଇ, ୧।୧୧**

ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନକୁ ୫ ଥର ଏଡ଼ାଇବା ପରେ ସୋମବାର ଏହାର କାର୍ଯ୍ୟାଳୟରେ ହାଜର ହୋଇଥିଲେ। ମନି ଲଣ୍ଡରିଂ ମାମଲାରେ ଇଡି ଅଧିକାରୀମାନେ ତାଙ୍କୁ ଜେରା କରିବା ସହ ପିଏମ୍‌ଏଲ୍‌ଏରେ ବୟାନ ରେକର୍ଡ କରିଛନ୍ତି। ପୋଲିସ ଅଧିକାରୀମାନଙ୍କ ଜରିଆରେ ମୁମ୍ବାଇରୁ ୧୦୦ କୋଟି ଟଙ୍କା ବଟି ସଂଗ୍ରହ କରିବା ଅଭିଯୋଗରେ ଦେଶମୁଖଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

### ପୋଲିସ ହାଜତକୁ ଗଲେ ସଚିନ ୱାଜେ

**ମୁମ୍ବାଇ, ୧।୧୧**

ବହିଷ୍କୃତ ପୋଲିସ ଅଫିସର ସଚ୍ଚିନ ୱାଜେଙ୍କୁ ବଟି ଆଦାୟ ମାମଲାରେ ଜେରା କରିବା ପାଇଁ ମୁମ୍ବାଇ ପୋଲିସ ନଭେମ୍ବର ୬ ପର୍ଯ୍ୟନ୍ତ ହାଜତକୁ ନେଇଛି। ଗୋରେଗାଁଓ ଥାନାରେ ତାଙ୍କ ବିରୋଧରେ ବଟି ଆଦାୟ ମାମଲା ଦାଏର ହୋଇଥିଲା। ମୁମ୍ବାଇ ପୋଲିସ ତାଙ୍କୁ ରିମାଣ୍ଡରେ ନେବା ପାଇଁ ଗତ ସପ୍ତାହରେ ସ୍ୱତନ୍ତ୍ର ଅଦାଲତ ଅନୁମତି ଦେଇଥିଲେ। ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଦକ୍ଷିଣ ମୁମ୍ବାଇସ୍ଥିତ ବାସଭବନ ଆଣ୍ଟିଲିଆ ନିକଟରେ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ରଖିବା ଅଭିଯୋଗରେ ଗତ ମାର୍ଚ୍ଚରେ ଆସିଷ୍ଟାଣ୍ଟ ପୋଲିସ ଇନ୍ସପେକ୍ଟର ସଚିନଙ୍କୁ ଗିରଫ କରାଯିବା ସହ ଚାକିରିରୁ ବହିଷ୍କାର କରାଯାଇଥିଲା।




# ୧୦ ବର୍ଷରେ ସମୁଦ୍ର ପତନ ୨ ଗୁଣ ବୃଦ୍ଧି

## ୨୦୨୧ରେ ସର୍ବାଧିକ ବଢ଼ିଛି

**ନୂଆଦିଲ୍ଲୀ, ୧।୧୧**

ଗତ ୧୦ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ସମୁଦ୍ରପତନ ହାରାହାରି ୨ ଗୁଣ ବୃଦ୍ଧି ପାଇଛି। ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁ ବରଫ ଏବଂ ଗ୍ଲେସିୟର ତରଳିବା ଏହାର ପ୍ରମୁଖ କାରଣ ବୋଲି ଗ୍ଲାସ୍‌ଗୋ ଜଳବାୟୁ ସମ୍ମିଳନୀରେ ବିଶ୍ୱ ପାଣିପାଗ ସଙ୍ଗଠନ(ଡବ୍ଲ୍ୟୁଏମ୍‌ଓ) ରିପୋର୍ଟରେ କୁହାଯାଇଛି। ୧୯୯୩ରୁ ୨୦୦୨ ମଧ୍ୟରେ ସମୁଦ୍ରପତନ ବୃଦ୍ଧି ବର୍ଷକୁ ୨.୧ ମି.ମି. ଥିବାବେଳେ ୨୦୧୩ରୁ ୨୦୨୧ ମଧ୍ୟରେ ତାହା ବର୍ଷକୁ ୪.୪ ମି.ମି. ରହିଛି। ଆର୍କଟିକ୍ ସାମୁଦ୍ରିକ ବରଫ ଗତ ମାର୍ଚ୍ଚରେ ୧୯୮୧-୨୦୧୦ ବର୍ଷର ହାରାହାରି ମାତ୍ରାଠାରୁ କମ୍ ସ୍ତରକୁ ଚାଲିଯାଇଥିଲା। ସେହିପରି ଜୁନ୍ ଏବଂ ଜୁଲାଇ ପ୍ରାରମ୍ଭରେ ଲାପ୍‌ଟେଭ୍ ସାଗର ଏବଂ ପୂର୍ବ ଗ୍ରୀନ୍‌ଲ୍ୟାଣ୍ଡ ସାଗର ଅଞ୍ଚଳରେ ସାମୁଦ୍ରିକ ବରଫ ମାତ୍ରା ଦ୍ରୁତଗତିରେ ହ୍ରାସ ପାଇଥିଲା। ଗତ ୭ ବର୍ଷ ସବୁଠାରୁ ଉତ୍ତପ୍ତ ଭାବେ ରେକର୍ଡ କରିଛି। ୨୦୨୧ରେ ସର୍ବାଧିକ ମାତ୍ରାରେ ସମୁଦ୍ରପତନ ବୃଦ୍ଧି ପାଇଥିବା ଏଥିରେ ଦର୍ଶାଯାଇଛି। ସାମୁଦ୍ରିକ ଝଡ଼, ବନ୍ୟା, ବାତ୍ୟା, ମରୁଡ଼ି ଭଳି ବିପର୍ଯ୍ୟୟ ପାଇଁ ଭାରତ ଗତ ବର୍ଷ ୮୭ ବିଲିୟନ ଡଲାର କ୍ଷତିସହିଥିବା ଡବ୍ଲ୍ୟୁଏମ୍‌ଓର ଷ୍ଟେଟ୍ ଅଫ୍ ଦି କ୍ଲାଇମେଟ ଇନ୍ ଏସିଆ ରିପୋର୍ଟ ପ୍ରକାଶ କରିଥିଲା। ବିଶେଷକରି ଆରବସାଗର ପୃଷ୍ଠଭାଗ ତାପମାତ୍ରା ବିଶ୍ୱର ଅନ୍ୟ ସାଗର ତୁଳନାରେ ଅଧିକ ରହିଥିଲା। ଦ୍ରୁତଗତିରେ ସମୁଦ୍ରପତନ ବୃଦ୍ଧି ଭାରତ ପାଇଁ ଆଗକୁ ଆହୁରି ବିପଦ ଆଣିପାରେ ବୋଲି ଏଥିରେ କୁହାଯାଇଥିଲା।





ଯେଉଁମାନେ ଯୋଗ ସାଧନା କରନ୍ତି- ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। – ଶ୍ରୀମା



# କିଏ ପଚାରେ

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟ୍ସ (ସିଜିଏ)ରୁ ମିଳିଥିବା ତଥ୍ୟ ଅନୁଯାୟୀ ସରକାର ପ୍ରାକ୍-କୋଭିଡ୍ ସମୟଠାରୁ ପେଟ୍ରୋଲିୟମ୍ ସାମଗ୍ରୀ ଉପରେ ବସାଇଥିବା ଉତ୍ପାଦ ଶୁଳ୍କ ଯୋଗୁ ୭୯ ପ୍ରତିଶତ ଅଧିକ ଅର୍ଥ ସଂଗ୍ରହ କରିଛନ୍ତି। ୨୦୧୯ ଏପ୍ରିଲରୁ ସେପ୍ଟେମ୍ବରରେ ଏହି ପରିମାଣ ୯୫ ହଜାର ୯୩୦ କୋଟି ଟଙ୍କା ଥିଲା। ୨୦୨୦ରେ ଏହି ସମୟ ମଧ୍ୟରେ ୧ ଲକ୍ଷ ୨୮ ହଜାର କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ୨୦୨୧ରେ ଏହାର ପରିମାଣ ଆସି ୧ ଲକ୍ଷ ୭୧ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଏଥିରୁ ଅନୁମାନଯୋଗ୍ୟ ଯେ, ସରକାର ପେଟ୍ରୋଲିୟମ ସାମଗ୍ରୀରୁ ପର୍ଯ୍ୟାପ୍ତ ରାଜସ୍ୱ ସଂଗ୍ରହ କରିଛନ୍ତି। ଆଜିର ସ୍ଥିତିରେ କ୍ରମାଗତ ଭାବେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ବଢ଼ି ଦେଶର ସର୍ବୋଚ୍ଚ ଦର ରାଜସ୍ଥାନର ଗଙ୍ଗାନଗରରେ ଦେଖିବାକୁ ମିଳିଛି। ସେଠାରେ ପେଟ୍ରୋଲ ଲିଟର ୧୨୨ ଟଙ୍କା ୪୦ ପଇସା ହୋଇଥିବା ବେଳେ ଡିଜେଲ ୧୧୩ ଟଙ୍କା ୮୦ ପଇସାରେ ବିକ୍ରି ହେଉଛି। ଓଡ଼ିଶା କଥା ଦେଖିଲେ ମାଲକାନଗିରିରେ ପେଟ୍ରୋଲ ଲିଟର ୧୧୬ ଟଙ୍କାରୁ ଅଧିକ ରହିଥିବା ବେଳେ ଡିଜେଲ ଛୁଇଁଛି ୧୧୩ ଟଙ୍କା। ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ପ୍ରାୟ ୧୧୧ ଟଙ୍କା ଓ ଡିଜେଲ ୧୦୭ ଟଙ୍କା ଟପିଯାଇଛି। ତେଲ ଦର ବୃଦ୍ଧି ଯେଉଁ ଟ୍ରେଣ୍ଡ୍ ଦେଖାଉଛି ଆଉ ୧୫ ଦିନ ପରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୨୦ ଟଙ୍କା ଅତିକ୍ରମ କରିଯିବା ଆଶ୍ଚର୍ଯ୍ୟଜନକ ହେବ ନାହିଁ। ଜନସାଧାରଣ ମଧ୍ୟ ମୁଣ୍ଡପାତି ସହିବାକୁ ପ୍ରସ୍ତୁତ। ଏହା ପଛରେ ଗୁରୁତ୍ୱପୂର୍ଣ୍ଣ କାରଣ ରହିଛି, ଯାହା ଏବେ ପଦାକୁ ଆସିଲାଣି। ଭାରତୀୟ କ୍ରିକେଟ ଟିମ୍‌ର ଅଧିନାୟକ ବିରାଟ କୋହଲି ଯେଉଁଭଳି ଭାବେ ତାଙ୍କ ଦଳର ପେସ୍ ବୋଲର ମହମ୍ମଦ ସାମିଙ୍କୁ ସମର୍ଥନ ଜଣାଇଛନ୍ତି ଏବଂ ଏନ୍‌ସିବି ଅଫିସର ସମୀର ୱାଙ୍ଖଡେ ଜଣେ ମିଛୁଆ ହିନ୍ଦୁ ବୋଲି କୁହାଗଲାଣି ସେଥିରୁ ଦେଶର ସ୍ଥିତି କେତେ ଜଟିଳ ସ୍ପଷ୍ଟ ବୁଝାପଡୁଛି। ଧର୍ମର ଚାରିପଟେ ସରକାରଙ୍କ ନଜର ରହିଥିବାରୁ କେଉଁଠି ନୂତନ ମନ୍ଦିର ତିଆରି କରାଯାଉଛି ତ ଅନ୍ୟପଟେ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପୁରାତନ କୀର୍ତ୍ତିରାଜିକୁ ଭାଙ୍ଗି ହିନ୍ଦୁଧର୍ମର ନୂତନ ରୂପ ସୃଷ୍ଟି କରାଯାଉଛି। ସେହିଭଳି ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ନିର୍ମିତ ସାବରମତି ଆଶ୍ରମର ଆଧୁନିକୀକରଣ ସହିତ ସେଠାରେ ବିୟର ପାର୍ଲର ଖୋଲାଯିବାର ସମ୍ଭାବନା ରହିଛି। ଗୁଜରାଟ ଭଳି ମଦୁଆବିହୀନ ରାଜ୍ୟରେ ଏହା ଖୋଲା ଯାଇପାରିଲେ ପୁରାତନ ତ୍ରୁଟିଗୁଡ଼ିକୁ ବିଶେଷକରି ମହାତ୍ମା ଗାନ୍ଧୀ ଓ ନେହେରୁଙ୍କ ଭୁଲଗୁଡ଼ିକର ପ୍ରତିଶୋଧ ନିଆଯାଇପାରନ୍ତା। ଏହିଭଳି ଅବାଞ୍ଛିତ ବିଷୟରେ ଆମ ସମସ୍ତଙ୍କ ମୁଣ୍ଡ ବ୍ୟଥା ହେଉଛି। ସେଥିପାଇଁ ଦରଦାମ୍ ବଢ଼ିଲା ନା କମିଲା କିଏ ପଚାରେ।

ସିଜିଏଙ୍କ ରିପୋର୍ଟ ପ୍ରକାଶ ପାଇବା ପରେ ଜଣାପଡୁଛି ଯେ, କେନ୍ଦ୍ର ସରକାର ପେଟ୍ରୋଲିୟମ୍ ସାମଗ୍ରୀ ଉପରୁ ଯଥେଷ୍ଟ ମାତ୍ରାରେ ଟିକସ ସଂଗ୍ରହ କରୁଛନ୍ତି। ଏହାକୁ ସାଧାରଣ ଲୋକ ଜାଣିବା କଷ୍ଟକର। ଅନ୍ୟପକ୍ଷରେ କୋଭିଡ୍ ଟିକାକରଣ କ୍ଷେତ୍ରରେ ଭାରତ ୧୦୦ କୋଟି ଡୋଜ୍ ଦେଇ ଐତିହାସିକ ସଫଳତା ହାସଲ କରିଛି ବୋଲି ସରକାରୀ ସ୍ତରରେ ବାରମ୍ବାର ଦୋହରାଯାଉଛି। କିନ୍ତୁ ଭାରତରେ ସରକାରୀ ତଥ୍ୟ ଉପରେ ବିଶ୍ୱାସ କରିବା କ୍ରମଶଃ କଷ୍ଟକର ହୋଇଯାଉଛି। ପ୍ରାରମ୍ଭିକ ଅବସ୍ଥାରେ ଟିକା ନେବାକୁ ଜନସାଧାରଣ ଅମଙ୍ଗ ହେଉଥିଲେ। ଏବେ ଯେତେବେଳେ ୧୦୦ କୋଟି ଡୋଜ୍ ଅତିକ୍ରମ ହୋଇଯାଇଛି, ସେତେବେଳେ ସରକାର କହିବାକୁ ଆରମ୍ଭ କରିଛନ୍ତି ଯେ ଲୋକଙ୍କ ବିଶ୍ୱାସ ବଢ଼ିଯାଇଛି। ତେଣୁ ଅର୍ଥନୈତିକ ଅଭିବୃଦ୍ଧି ଦୁଇ ଅଙ୍କ ଛୁଇଁବା ସହଜ ହୋଇଯିବ। କୌଣସି ସଫଳତା ପାଇଲା ବେଳକୁ ସରକାର ଯେଭଳି ତାହାର ପ୍ରଚାର କରି ରିପୋର୍ଟ ଦେଉଛନ୍ତି, ବିଫଳତାର ସମୀକ୍ଷା କରିବାକୁ କାହିଁକି ଆଗେଇ ଆସୁନାହାନ୍ତି ବୋଲି ଏଠାରେ ପ୍ରଶ୍ନ କରାଯାଇପାରେ। କୁହାଯାଇଥାଏ ଗତି ହିଁ ଆଣେ ପ୍ରଗତି। ଏହି ଗତି ପରିବହନ ବ୍ୟବସ୍ଥା ଉପରେ ନିର୍ଭର କରେ। ତୈଳ ଦର ବଢୁଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ପନିପରିବା ଯାଏ ସବୁକିଛି ବହୁଗୁଣ ବଢ଼ିଯାଇଛି। ଦରବୃଦ୍ଧିର ଧାସ କାହାରିକୁ ଛାଡୁନାହିଁ। ମହାମାରୀ ସମୟରେ ଲୋକଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ହୋଇଯାଇଛି। ଅନେକେ ଚାକିରି ହରାଇଛନ୍ତି। ଜନସାଧାରଣ ଆର୍ଥିକ ଦୁର୍ଦ୍ଦିନ ଦେଇ ଗତି କରୁଥିବା ବେଳେ ତେଲ ଦର ଅସମ୍ଭାଳ ବୃଦ୍ଧି ପାଇବା 'ବେଢ଼ି ଉପରେ କୋରଡ଼ା ମାଡ଼' ହୋଇଛି। କୋଭିଡ୍-୧୯ ସଂକ୍ରମଣ ଶୀର୍ଷରେ ପହଞ୍ଚିଥିବା ବେଳେ କୁହାଯାଇଥିଲା ଯେ ତେଲରୁ ମିଳୁଥିବା ରାଜସ୍ୱ ମହାମାରୀରେ ପୀଡ଼ିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟଜନିତ ଖର୍ଚ୍ଚ ପାଇଁ ଭରଣା କରାଯାଉଛି। ହେଲେ କରୋନା ନିମ୍ନମୁଖୀ ହୋଇଥିଲେ ହେଁ ତେଲ ଦର ଦିନକୁ ଦିନ ଉର୍ଦ୍ଧ୍ୱଗାମୀ ହୋଇଚାଲିଛି। ବିଶ୍ଳେଷକଙ୍କ ମତରେ ସରକାର କୌଶଳ କରି ଏବେ ଅର୍ଜନ କରାଯାଉଥିବା ଅର୍ଥକୁ ନିର୍ବାଚନ ହେବାକୁ ଥିବା ରାଜ୍ୟ ଲାଗି ବ୍ୟୟ କରିବାରେ ବ୍ୟସ୍ତ। ମାଗଣାରେ ସାମଗ୍ରୀ ଓ ସେବା ଯୋଗାଇ ଦେବା ସକାଶେ ସବୁ ଫନ୍ଦିଫିକର ଚାଲିଛି। ନିକଟ ଅତୀତରୁ ପ୍ରମାଣ ମିଳିଛି ଯେ ପଶ୍ଚିମବଙ୍ଗ ସମେତ ୫ ରାଜ୍ୟର ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ତେଲ ଦର ସ୍ଥିର ରଖିଥିଲେ। ପୁଣି ଆଗକୁ ଥିବା ନିର୍ବାଚନ ବେଳେ ସମାନ ଉପାୟ ଅବଲମ୍ବନ କରିପାରନ୍ତି।

# କେତେ ଖୁସି



ପ୍ରକାଶ ତ୍ରିପାଠୀ

ପ୍ରସିଦ୍ଧ ବିଟିଲ୍ସ ରକ୍ ବ୍ୟାଣ୍ଡ ଗ୍ରୁପ୍‌ର ଅନ୍ୟତମ ପ୍ରତିଷ୍ଠାତା ଜନ୍ ଲେନନଙ୍କ ପିଲାଦିନର ଗୋଟିଏ ଶିକ୍ଷଣୀୟ ଘଟଣାରୁ ଏହି ଆଲେଖ୍ୟଟି ଆରମ୍ଭ। ଥରେ ଶ୍ରେଣୀ ଗୃହରେ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କୁ କିଛି ପାଠ ନ ପଢ଼ାଇ ଏକ ଭିନ୍ନ ଶୈଳୀରେ ପରୀକ୍ଷା କଲେ। ଶିକ୍ଷକଙ୍କ ଉଦ୍ଦେଶ୍ୟ ଥିଲା, ପିଲାମାନେ ଭବିଷ୍ୟତରେ ନିଜକୁ କେଉଁ ଭାବରେ ଦେଖିବାକୁ ଚାହୁଁଛନ୍ତି ତାହା ଜାଣିବା। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ପେପର ଦେଇ ସେମାନେ ବଡ଼ ହେଲେ ନିଜକୁ କେମିତି ଦେଖିବାକୁ ଆଶା କରୁଛନ୍ତି ତାହା ନିର୍ଭୟ ଭାବେ ଲେଖିବାକୁ ଶିକ୍ଷକ ନିର୍ଦ୍ଦେଶ ଦେଲେ। କିଏ କ'ଣ ଭାବିବ ବୋଲି ଚିନ୍ତା ନ କରି ତଥା ଅନ୍ୟଠାରୁ କପି ନ କରି ନିଜର ଭାବନାକୁ ବିଶ୍ୱାସଯୋଗ୍ୟ ଭାବେ ପ୍ରକାଶ କରିବାକୁ ଶିକ୍ଷକ ପରାମର୍ଶ ଦେଲେ। ଯେତେ ସମୟ ଲାଗିଲେ ବି ନିଜର ମନର କଥା ଠିକ୍ ଭାବେ ଲେଖିବାକୁ ଶିକ୍ଷକ ବାରମ୍ବାର କହୁଥାନ୍ତି। କିଛି ସମୟପରେ ଉତ୍ତର ଲେଖି ଜଣକ ପରେ ଜଣେ ଛାତ୍ରୀ/ଛାତ୍ର ସେମାନଙ୍କର ପରୀକ୍ଷା ଖାତା ଶିକ୍ଷକଙ୍କୁ ଦେବାକୁ ଲାଗିଲେ। ଖାତା ନେଉଥିବା ସମୟରେ ପିଲାଙ୍କ ଉତ୍ତର ଉପରେ ଶିକ୍ଷକଙ୍କ ନଜର ପଡ଼ିଯାଉଥାଏ ଓ ତାଙ୍କ ମୁହଁରେ ପ୍ରସନ୍ନତା ବାରିହୋଇଯାଉଥାଏ। କିଏ ଲେଖିଥାଏ ଓକିଲ ଭାବେ ନିଜକୁ ଦେଖିବାକୁ ତ କିଏ ଡାକ୍ତର ହେବାକୁ ଆଶା ପ୍ରକାଶ କରିଥାଏ। କିଏ ବ୍ୟବସାୟୀ ହେବାକୁ ଉତ୍ତର ଲେଖିଥାନ୍ତି ତ କିଏ ବୈଜ୍ଞାନିକ ଭାବେ ନିଜକୁ ଦେଖିବାକୁ ମତ ପ୍ରକାଶ କରିଥାନ୍ତି। ଶେଷରେ ଜଣେ ଛାତ୍ରଙ୍କ ଖାତାର ଉତ୍ତର ପଢ଼ି ଶିକ୍ଷକଙ୍କ ମୁହଁର ଭାବ ବଦଳିଗଲା। ସେହି ଖାତାଟି ଥିଲା ଜନ୍ ଲେନନଙ୍କର। ଜନ୍‌ଙ୍କୁ ଡାକି ଶିକ୍ଷକ ପଚାରିଲେ, ତୁମେ ପ୍ରଶ୍ନଟିକୁ ଠିକ୍ ଭାବେ ବୋଧେ ବୁଝିପାରିନ। ଶିକ୍ଷକଙ୍କ ଏପରି ଟିପ୍ପଣୀ ଶୁଣି ଜନ୍ କିଛି ସମୟ ଚୁପ ରହିଥିଲେ। ପରେ ନମ୍ରତାର ସହ ଶିକ୍ଷକଙ୍କୁ ଉତ୍ତର ଦେଇଥିଲେ, ଗୁରୁଜୀ, ଆପଣ ବୋଧେ ଜୀବନକୁ ଠିକ୍ ଭାବେ ବୁଝି ନାହାନ୍ତି। ଜନ୍ ନିଜ ଉତ୍ତରରେ କେବଳ ଗୋଟିଏ ଶବ୍ଦ ଖୁସି ଲେଖିଥିଲେ।

ବାଲ୍ୟ ଅବସ୍ଥାରୁ ଆମେ ଆମ ଝିଅପୁଅଙ୍କ ମାଧ୍ୟମରେ ନିଜର ସ୍ୱପ୍ନ ପୂରଣ ପାଇଁ ଲାଗିପଡ଼ିଥାଉ। କେମିତି ସେ ଭଲ ପାଠପଢ଼ି ସର୍ବାଧିକ ନମ୍ବର ରଖୁ। ଯେତେ ଅର୍ଥ ବିନିଯୋଗ ହେଉପଛେ, ଉଚ୍ଚତର ଶିକ୍ଷା ଗ୍ରହଣ କରୁ ଓ ସର୍ବଶେଷରେ ପୁଳା ପୁଳା ଟଙ୍କା ରୋଜଗାର କରୁ। ଏଥିରେ ଝିଅପୁଅମାନେ ଖୁସି କି ନୁହେଁ ତାହା ବଡ଼କଥା ନୁହେଁ। ମାତ୍ର ମା'-ବାପାମାନେ ବହୁତ ଖୁସି ଅନୁଭବ କରନ୍ତି ଏଇଥିପାଇଁ ଯେ ସେମାନଙ୍କ ସ୍ୱପ୍ନ ସାକାର ହୋଇଛି। ଝିଅ ପୁଅମାନେ ମଧ୍ୟ ନିଜ ଇଚ୍ଛା, ଖୁସି ଓ ଆଗ୍ରହକୁ ଜଳାଞ୍ଜଳି ଦେଇ ମା'-ବାପାଙ୍କ ଖୁସିକୁ ସାକାର ରୂପ ଦେବାକୁ ଲାଗିପଡ଼ନ୍ତି ସତ, ମାତ୍ର ତା' ଭିତରେ ସେମାନେ ମଣିଷରୁ ଏକ ଯନ୍ତ୍ର ମଣିଷକୁ ରୂପାନ୍ତରିତ ହୋଇଯାଇଥାନ୍ତି। ଭଲ ମଣିଷଟିଏ ହେବା ଅପେକ୍ଷା ପୁଳା ପୁଳା ଟଙ୍କା ରୋଜଗାର କରିପାରୁଥିବା ମଣିଷ ହେବାକୁ ସେମାନଙ୍କଠାରେ ପ୍ରଥମରୁ ଆଗ୍ରହ ସୃଷ୍ଟି କରିଦିଆଯାଏ। ବର୍ତ୍ତମାନ ସମୟରେ ଅସୁମାରି ସ୍ୱପ୍ନ ପୂରଣ ପାଇଁ, ଅଧିକରୁ ଅଧିକ ଅର୍ଥ ରୋଜଗାର ଲାଗି ମଣିଷ ଅଣନିଃଶ୍ୱାସୀ ହେବାରେ ଲାଗିଛି। କ୍ଷମତା, ଅର୍ଥ, ପ୍ରଭୁତ୍ୱ ହାସଲରେ ନିଜକୁ ମଣିଷ ଯନ୍ତ୍ରବତ୍ କରିଦେଉଛି। ଦିନ ଓ ରାତି ଏକ ହୋଇଯାଉଛି ନିଜକୁ ଅନ୍ୟଠାରୁ ଉଚ୍ଚ କରିବାରେ। ଅର୍ଥ, କ୍ଷମତା ଓ ଦକ୍ଷତା ଆଧାରରେ ନିଜର ପରିଚୟ ସୃଷ୍ଟି କରୁଛି। ଆତ୍ମକୈନ୍ଦ୍ରିକ ଜୀବନ ଜିଉଛି। ଚତୁର୍ଦ୍ଦିଗରେ ଅସହାୟ ଲୋକଙ୍କ ଭିଡ଼ ଥିଲେ ବି କିଛି ଫରକ ପଡ଼େନି ତା'ଠାରେ। ଏହାରି ଭିତରେ ସେ ଖୁସି ଟିକକ ଖୋଜିବାକୁ ପ୍ରୟାସ କରି ନିରାଶ ହୁଏ। ଥରେ ଭୁଟାନ ରାଜଙ୍କୁ କିଛି ସାମ୍ବାଦିକ ଭୁଟାନର ଜିଡିପି କେତେ ବୋଲି ପ୍ରଶ୍ନ କଲେ। ଏଭଳି ପ୍ରଶ୍ନ ଶୁଣି ଭୁଟାନ ରାଜା ଆଶ୍ଚର୍ଯ୍ୟ ହେଲେ। କହିଲେ- ଆମେ ଭୁଟାନବାସୀ ଜିଡିପି କେତେ ବଢ଼ିଲା ବା କମିଲା ତାହା ଦେଖୁନାହୁଁ। ଆମେ ଦେଖୁ ଭୁଟାନର ଜିଏନ୍‌ଏଚ୍। ଅର୍ଥାତ୍ ଗ୍ରସ୍ ନ୍ୟାଶନାଲ ହାପିନେସ। ଯଦି ଜିଡିପି ଅଧିକ ଥାଇ ଦେଶବାସୀଙ୍କ ମନରେ ଖୁସି ନାହିଁ, ସେ ଜିଡିପି ମୂଲ୍ୟହୀନ। ବସ୍ତୁବାଦୀ ଦୁନିଆରେ ଚିରନ୍ତନ ଖୁସି କୌଣସି ପାର୍ଥିବ ବସ୍ତୁ ଦେଇ ନ ଥାଏ। ଭବ୍ୟ ପ୍ରାସାଦ, ଦାମୀ ଗାଡ଼ି, ସୌଖୀନ ଆସବାବ ସାମଗ୍ରୀ ହୁଏତ କିଛି ସମୟ ପାଇଁ ମଣିଷକୁ ଖୁସି ଦେଇପାରେ, ମାତ୍ର ତାହା ଅସ୍ଥାୟୀ। କିଛିକ୍ଷଣ ପରେ ମନ ପୁଣି ଅସୁଖୀ ଓ ଉଦାସ ହୋଇଯାଏ। ଆଗ୍ରହ ନ ଥାଇ କାର୍ଯ୍ୟକଲେ, ଆବଶ୍ୟକ ନ ଥାଇ ବସ୍ତୁ କ୍ରୟ କଲେ, ପାଖରେ ଧନ ନ ଥାଇ ଖର୍ଚ୍ଚ କଲେ, ଇଚ୍ଛା ନ ଥାଇ ଅନ୍ୟକୁ ପ୍ରଭାବିତ କରିବାକୁ ଚେଷ୍ଟା କଲେ ତାହା ମଣିଷକୁ ଦୁଃଖୀ କରେ, ମନର ଖୁସି ମାରିଦିଏ।

ନିଜକୁ ଖୁସି ରଖିବା ସମ୍ପର୍କରେ ଏକ ପୁରାତନ ଲୋକକଥା ଶୁଣିବାକୁ ମିଳେ। ଗୋଟିଏ ଗାଁରେ ଜଣେ ଋଷି ରହୁଥିଲେ। ଲୋକମାନେ ଋଷିଙ୍କ ନିକଟକୁ ଆସି ସେମାନଙ୍କ ଅସୁବିଧା ଜଣାନ୍ତି ଓ ଋଷି ତାହାର ସମାଧାନର ପନ୍ଥା ବତାଇ ଦିଅନ୍ତି। ସେଥିପାଇଁ ସବୁ ଲୋକ ଋଷିଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ। ଦିନେ ଜଣେ ଲୋକ ଋଷିଙ୍କ ନିକଟକୁ ଆସି କହିଲେ- ଗୁରୁଦେବ, ଖୁସି ରହିବାର ରହସ୍ୟ କ'ଣ ? ଜଣେ ଲୋକ ନିଜକୁ ସବୁସମୟରେ କିଭଳି ଖୁସି ରଖିପାରିବ ? ଋଷି କହିଲେ- ତୁମେ ମୋ ସହିତ ଜଙ୍ଗଲକୁ ଆସ। ମୁଁ ତୁମକୁ ଖୁସି ରହିବାର ଅସଲ ମନ୍ତ୍ର ବତାଇଦେବି। ଏହା କହି ଜଙ୍ଗଲ ଆଡ଼କୁ ଋଷି ଯିବାକୁ ଲାଗିଲେ। ସେହି ଲୋକଟି ଋଷିଙ୍କୁ ଅନୁସରଣ କଲା। କିଛି ବାଟ ଯିବା ପରେ ରାସ୍ତା କଡ଼ରେ ପଡ଼ିଥିବା ଏକ ପଥରକୁ ଦେଖାଇ ଋଷି କହିଲେ, ଏହି ପଥର ଖଣ୍ଡକୁ ଧରି ମୋ ସହିତ ଆସନ୍ତୁ। ଋଷିଙ୍କ ନିର୍ଦ୍ଦେଶକୁ ପାଳନ କଲେ ସେହି ଲୋକ। ପଥରକୁ ଧରି ଋଷିଙ୍କ ସହ ଜଙ୍ଗଲ ଆଡ଼କୁ ଅଗ୍ରସର ହେଲେ। କିଛି ବାଟ ଯିବା ପରେ ପଥର ବୋହି ଚାଲୁଥିବା ଲୋକଟିକୁ କଷ୍ଟ ଅନୁଭବ ହେଲା। ମାତ୍ର ସେ କିଛି ନ କହି କଷ୍ଟ ସହି ସହି ଋଷିଙ୍କ ସହ ଆଗକୁ ଚାଲିଲା। ମାତ୍ର କିଛି ସମୟ ପରେ ପଥର ଧରିଥିବା ହାତ ଦୁଇଟିର କଷ୍ଟ ଅସହ୍ୟ ହେବାରୁ ଲୋକଟି ଋଷିଙ୍କୁ ନିଜର କଷ୍ଟ ଜଣାଇଲେ। ପଥରଟିକୁ ରାସ୍ତା କଡ଼ରେ ରଖିଦେବାକୁ ଋଷି ଲୋକଟିକୁ ପରାମର୍ଶ ଦେଲେ। ପଥର ରଖିଦେବାପରେ ତାକୁ ଆରାମ ଲାଗିଲା। ଲୋକର ମୁହଁରେ ପ୍ରସନ୍ନତା ଦେଖି ଋଷି କହିଲେ- ଏହା ହିଁ ହେଉଛି ଖୁସି ରହିବାର ମୂଳମନ୍ତ୍ର। ଲୋକ ଜଣକ ଋଷିଙ୍କ ବକ୍ତବ୍ୟ ବୁଝି ନ ପାରି ତାଙ୍କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲେ। ଋଷି ଏଥର ପ୍ରାଞ୍ଜଳ ଭାବେ ବୁଝାଇଲେ-ପଥରକୁ ଅଳ୍ପ କିଛି ସମୟ ଧରିବା ଯୋଗୁ ଅଳ୍ପ କଷ୍ଟ ହେଲା। ଅଧିକ କିଛି ସମୟ ଧରିବା ଦ୍ୱାରା ସେହି କଷ୍ଟ ବୃଦ୍ଧି ପାଇବାକୁ ଲାଗିଲା। ପଥରକୁ ଯେତେ ଅଧିକ ସମୟ ଧରି ରଖିବା, ସେହି ଅନୁପାତରେ କଷ୍ଟ ବଢ଼ିବ। ଠିକ୍ ସେହିପରି ଦୁଃଖର ବୋଝକୁ ଯେତେ ସମୟ ପର୍ଯ୍ୟନ୍ତ ଧରି ରଖିବ, କଷ୍ଟ ସେତେ ବଢ଼ିବ। ଉଦାସ ଓ ନିରାଶ ଭାବ ବଢ଼ିବ ଓ ଖୁସି ଭାବ କମି କମି ଯିବ। ଯଦି ଜୀବନରେ ଖୁସି ରହିବାକୁ ଚାହୁଁଛ, ତେବେ ଦୁଃଖ ରୂପୀ ପଥରକୁ ତୁରନ୍ତ ତଳେ ରଖିବାର କଳା ଶିଖିଯାଅ। ଯଦି ସମ୍ଭବ, ଏହାକୁ କଦାପି ଉଠାଅ ନାହିଁ। ଜୀବନ ଯେଉଁଭଳି ଭାବେ ଆମ ସାମ୍ନାକୁ ଆସୁଛି, ସେହିଭଳି ତାକୁ ସ୍ୱାଗତ କର। ନିଜକୁ ଅନ୍ୟ ସହ ତୁଳନା କରନାହିଁ। ଅନ୍ୟ ଦୁଃଖରେ ଦୁଃଖୀ ହୁଅ ଅନ୍ୟ ଖୁସିରେ ଖୁସି ହୁଅ। ନିଜ ସମ୍ପର୍କରେ ଆସୁଥିବା ଲୋକଙ୍କୁ ନିଜ ସାମର୍ଥ୍ୟ ଅନୁସାରେ ସାହାଯ୍ୟ ଓ ସହଯୋଗ କର। ଯଦି ଆମର ଭାବନା ସକାରାତ୍ମକ ରହେ, ତେବେ ସବୁ ସମୟ ଆମ ପାଇଁ ଭଲ ଓ ଆମେ ଖୁସିରେ ରହିପାରିବା।

ସବୁ ଲୋକଙ୍କୁ ଖୁସି ରଖିବା ଜଣଙ୍କ ପକ୍ଷେ ସମ୍ଭବ ହୋଇ ନ ପାରେ, ମାତ୍ର ନିଜ ପାଇଁ ଅନ୍ୟଜଣେ ଦୁଃଖ ନ ପାଉ, ଏହା ନିଶ୍ଚିତ ସମ୍ଭବ। ଖୁସି ପାଇବା ପାଇଁ କାର୍ଯ୍ୟ କଲେ ଖୁସି ମିଳି ନ ଥାଏ, କିନ୍ତୁ ଖୁସି ମନରେ କାର୍ଯ୍ୟ କଲେ ଖୁସି ନିଶ୍ଚିତ ମିଳିଥାଏ। ଖୁସି ଆପଣଙ୍କୁ ସେତେବେଳେ ମିଳିଥାଏ, ଯେତେବେଳେ ଆପଣ ଯାହା ଭାବନ୍ତି, ଯାହା କୁହନ୍ତି ଓ ଯାହା କରନ୍ତି ସେଥିରେ ସମାନତା ଥାଏ। ଦୁନିଆରେ ସେହିଲୋକ ସବୁଠାରୁ ଅଧିକ ଖୁସି ଯିଏ ନିଜ ଖୁସି ଅପେକ୍ଷା ଅନ୍ୟର ଖୁସିକୁ ବଢ଼ାଇ ଥାଏ। ଆପଣ କେତେ ଖୁସିରେ ରହିଲେ ତାହା ବଡ଼ କଥା ନୁହେଁ, ଆପଣଙ୍କ ପାଇଁ କେତେ ଲୋକ ଖୁସି ପାଇ ପାରୁଛନ୍ତି ତାହା ମହତ୍ତ୍ୱପୂର୍ଣ୍ଣ। ଅର୍ଥ ବଦଳରେ ଆପଣ ଖୁସି କିଣିପାରିବେ ନାହିଁ, କିନ୍ତୁ ଦୁଃଖକୁ ଖୁସି ରୂପରେ କିଛି ମୁହୂର୍ତ୍ତ ପାଇଁ ଅନୁଭବ କରିପାରିବେ। ଖୁସି କୌଣସି ବାହ୍ୟ ସ୍ଥିତି ଉପରେ ନିର୍ଭର କରେନାହିଁ। ଏହା ଆମର ମାନସିକ ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରେ। ଯେଉଁ କିଛି ସମୟ ଆପଣ ଖୁସିରେ ରହୁଛନ୍ତି, ସେହି ସମୟ ହିଁ ଆପଣଙ୍କ ଅସଲ ଜୀବନ। ପ୍ରସନ୍ନତା ବା ଖୁସି ହିଁ ଜୀବନର ଶ୍ରେଷ୍ଠ ପୁରସ୍କାର। ଯିଏ ଖୁସି ଉତ୍ପନ୍ନ କରି ନ ପାରେ, ସେ ଖୁସିରେ ରହିବାର ଅଧିକାର ହରାଇଥାଏ। ଅନ୍ୟକୁ ଖୁସି ସେପର୍ଯ୍ୟନ୍ତ ଦେଇପାରିବେ ନାହିଁ ଯେ ପର୍ଯ୍ୟନ୍ତ ଆପଣ ଖୁସିରେ ରହିନାହାନ୍ତି। ସେହିମାନେ ଭାଗ୍ୟବାନ, ଯେଉଁମାନେ ନିଜକୁ ନେଇ ଖୁସି ରୁହନ୍ତି। ଏବେ କୁହନ୍ତୁ, ଜୀବନକୁ ନେଇ କେତେ ଖୁସି ?

ମୋ: ୯୪୩୭୨୩୨୪୬୩

# ପରୋକ୍ଷ ଉକ୍ତି



ଅଲେଖ ଚନ୍ଦ୍ର ମିଶ୍ର

ପୁରୁଣା କଥାଟିଏ। ଜଣେ ରାଜା ଥିଲେ। ସେ ଜ୍ଞାନୀ, ଗୁଣୀ ଓ ପଣ୍ଡିତମାନଙ୍କୁ ଖୁବ୍ ଆଦର କରୁଥିଲେ। ତେଣୁ ତାଙ୍କ ସଭାରେ ଅନେକ ବିଜ୍ଞଲୋକ ଥିଲେ। ଥରେ ତାଙ୍କ ଦରବାରରେ ପହଞ୍ଚିଲେ ଜଣେ ଅପରିଚିତ ଲୋକ। ତାଙ୍କ ସହିତ କିଛି ସମୟ କଥାବାର୍ତ୍ତା ଭିତରେ ରାଜା ଜାଣିଗଲେ ଯେ ସେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ପୁରାଣଶାସ୍ତ୍ରବିତ୍। ରାଜା ତାଙ୍କୁ ତତକ୍ଷଣାତ୍ ସଭାପଣ୍ଡିତ ନିଯୁକ୍ତ କରିଦେଲେ। ଅଳ୍ପଦିନ ମଧ୍ୟରେ ତାଙ୍କ ଜ୍ଞାନ ଗରିମାର ବାର୍ତ୍ତା ସବୁଆଡେ ବ୍ୟାପିଗଲା ଏବଂ ତାଙ୍କ ପ୍ରତି ରାଜାଙ୍କର ସମ୍ମାନ ବଢ଼ିଗଲା। ଏହା ଦେଖି ଅନ୍ୟ ପଣ୍ଡିତମାନେ ଈର୍ଷାଳୁ ହୋଇଗଲେ ଏବଂ ନୂତନ ପଣ୍ଡିତଙ୍କୁ ରାଜାନୁଗ୍ରହରୁ ବଞ୍ଚିତ କରିବା ପାଇଁ ଚକ୍ରାନ୍ତ କଲେ। ସେମାନେ ଗୋଟିଏ ଉପାୟ ପାଞ୍ଚିଲେ। ଘରଦ୍ୱାର ସଫା ଓ ଅନ୍ୟାନ୍ୟ ବାସିକାମ କରିବା ପାଇଁ ଝାଡୁଦାରଟିଏ ପ୍ରତିଦିନ ଉଆସକୁ ଆସେ। ମହଲ ଭିତରକୁ ତା'ର ଅବାଧ ପ୍ରବେଶ ଥାଏ। ତାକୁ ପ୍ରଲୋଭିତ କରି ସମସ୍ୟାଟିର ସମାଧାନ ପାଇଁ ତା'ର ସାହାଯ୍ୟ ଲୋଡ଼ିଲେ। ପରଦିନ ସେବକଟି ଭିତର ଘର ସଫା କରୁଥିବା ବେଳେ ରାଜାଙ୍କୁ ଛାଇ ନିଦରେ ଶୋଇଥିବା ଦେଖି ଅସ୍ଫୋଟ ସ୍ୱରରେ ମନକୁମନ କହିବାକୁ ଲାଗିଲା "ଦେଖ ହୋ, ଯୁଗ କ'ଣ ହେଲାଣି! ରାଜା ଆମର କେତେ ଉଦାର। ବିଚରା ଅଜଣା ଅଶୁଣା ଲୋକଟାକୁ ମୁଣ୍ଡ ଉପରେ ବସାଇଦେଲେ। ଅଥଚ ସେ ବିଶ୍ୱାସରେ ବିଷ ମିଶେଇଲା! ଶେଷରେ ରାଣୀଙ୍କ ସହିତ ଛି... ଛି....।" ହଠାତ୍ ରାଜା ଉଠିପଡ଼ି ସେବକଟିଙ୍କୁ ପଚାରିଲେ, "କ'ଣ ହେଲାକି? ପଣ୍ଡିତ କ'ଣ କଲେ? ଟିକେ ଖୋଲିକରି କହୁନୁ !" ଲୋକଟି ଭୟଭୀତ ହୋଇ ପଡ଼ିବାର ଛଳନା କରି ରାଜାଙ୍କର ଗୋଡ଼ତଳେ ପଡ଼ିଗଲା। କହିଲା, 'ମଣିମା, ମୁଁ ନିଶାଗ୍ରସ୍ତ ଅବସ୍ଥାରେ କ'ଣ କହିଦେଲି ନିଜେ ଜାଣିନି। ମତେ କ୍ଷମା କରନ୍ତୁ।' ରାଜା ତାକୁ ଛାଡ଼ିଦେଲେ। କିନ୍ତୁ ତା'ର କଥା କେଇପଦ ମନ ଭିତରେ ତାଙ୍କର ଏମିତି ଛାପ ଛାଡ଼ି ଦେଇଗଲା ଯେ ତାକୁ ସେ ଆଦୌ ଭୁଲି ପାରିଲେନି। ହଠାତ୍ କାହାକୁ କିଛି ନ କହି ନୂତନ ପଣ୍ଡିତଙ୍କୁ ରାଜ୍ୟରୁ ବିତାଡ଼ିତ କରିଦେଲେ। ବିଚରା ପଣ୍ଡିତେ, ନିଜର ଭୁଲ କ'ଣ ଜାଣି ପାରିଲେନି କି ରାଜାଙ୍କ ସହିତ ପଦେ କଥା ହେବା ପାଇଁ ସୁଯୋଗ ପାଇଲେନି।

କାହାଣୀଟି ଏତେ ଦୀର୍ଘ ଯେ ଏହାର ଅବଶିଷ୍ଟାଂଶ ଏଠାରେ ଉପସ୍ଥାପନା କରିବା ସମ୍ଭବ ନୁହେଁ। ତେବେ ଏଥିରେ ନିହିତ ସନ୍ଦେଶ ଯୁଗେ ଯୁଗେ ସତ୍ୟ। ଅନୁରୂପ ଘଟଣା ସେତେବେଳେ ଘଟୁଥିଲା, ଏବେ ଘଟୁଛି, ଆଗକୁ ମଧ୍ୟ ଘଟିବ। ସେ ବ୍ୟକ୍ତିଗତ ସ୍ତରରେ ହେଉ ବା ସାମୂହିକ ସ୍ତରରେ, ଘରେ ହେଉ ବା ବାହାରେ, ସାଙ୍ଗସାଥି ମହଲରେ ବା କର୍ମକ୍ଷେତ୍ରରେ ଅଥବା ପ୍ରେମୀଯୁଗଳଙ୍କ ମଧ୍ୟରେ। ଏହି ସତ୍ୟଟି ହେଲା ପରୋକ୍ଷ ଉକ୍ତି, ପରଚର୍ଚ୍ଚା, ଜଣକର ଅବର୍ତ୍ତମାନରେ ତାଙ୍କ ବିଷୟରେ ଆଲୋଚନା, ସମାଲୋଚନା। ସମୟର ଅପଚୟ ପାଇଁ ଏହା ଏକ ମାଧ୍ୟମ। ମଣିଷର ସ୍ୱଭାବ, ସେ ଭଲ କଥାଟିକୁ ଯେତେ ସହଜରେ ଗ୍ରହଣ କରିପାରେନା ମନ୍ଦ କଥାଟିକୁ ତା'ଠାରୁ ବହୁଗୁଣ ଆଗ୍ରହରେ ଶୁଣିଥାଏ। କୌଣସି ଲୋକ ବିରୋଧରେ କୁତ୍ସାରଟନା ତୁଣ୍ଡବାଇଦ ସହସ୍ର କୋଶ ନ୍ୟାୟରେ ସର୍ବତ୍ର ବ୍ୟାପିଯାଏ ଏବଂ ତା'ର ସତ୍ୟାସତ୍ୟ ନ ବୁଝି ଲୋକେ ସେଥିରେ ଭାସିଯାନ୍ତି। ଯଦି ଖଳ ଲୋକର କାନରେ ପଡ଼ିଯାଏ ତେବେ ତ ସେଥିରେ ଡେଣା ଲାଗିଯାଏ। ସେଥିପାଇଁ କୁହାଯାଏ, 'ଜଳେ ତୈଳଂ, ଖଳେ ଗୁହ୍ୟଂ...ବିସ୍ତାରଂ ବସ୍ତୁଶକ୍ତିତଃ।' ପରୋକ୍ଷ ଉକ୍ତି ଯେତେବେଳେ କାନକୁହା ବା ଚୁଗୁଲିର ଆକାର ଧାରଣ କରେ ସେତେବେଳେ ତାହା ଅଧିକ ନକାରାତ୍ମକ ହୋଇପଡ଼େ। ସୁନ୍ଦର ବୁଝାମଣା ଥିବା ପରିବାର ଭିତରେ ଫାଟ ସୃଷ୍ଟି ହୁଏ। ସାହିପଡ଼ିଶା, ବନ୍ଧୁବାନ୍ଧବ, ସାଙ୍ଗସାଥି ମହଲରେ ଏହାଦ୍ୱାରା ଅଯଥା ସନ୍ଦେହର ବାତାବରଣ ସୃଷ୍ଟି ହୋଇ ସମ୍ପର୍କରେ ଭଙ୍ଗା ପଡ଼ିଯାଏ। ପ୍ରେମିକା ପ୍ରେମିକ ମଧ୍ୟରେ ବିଚ୍ଛେଦର କାରଣ ହୁଏ। ବିପରୀତ କ୍ରମେ ଆପଣାର ଅଭିପ୍ରାୟକୁ ସମ୍ପୃକ୍ତ ଲୋକଙ୍କ ପାଖରେ ପହଞ୍ଚେଇବା ପାଇଁ ଏହା 'ଲବି'ର ରୂପ ନିଏ। ତିନି ତୁଣ୍ଡରେ ଉଚ୍ଚାରିତ ହେଲେ ଛେଳିଟିଏ କୁକୁରର ଭ୍ରମ ସୃଷ୍ଟିକରେ। ପାଞ୍ଚ ମୁହଁ ଏକ ସୁସ୍ଥ ସବଳ ଲୋକକୁ ପାଗଳ ବୋଲି କହିଦେଲେ ନିଜେ ଲୋକଟି ବି ଶେଷରେ ସନ୍ଦିହାନ ହୋଇପଡ଼େ। ସଜ ମାଛରେ ପୋକ ପଡ଼େ।

ପୁରାଣ ଯୁଗରେ ପ୍ରଭୁ ଶ୍ରୀରାମ ବି ଏହିଭଳି ଏକ ପରୋକ୍ଷ ଟିପ୍ପଣୀ ଯୋଗୁ ସୀତାଙ୍କୁ ବିସର୍ଜନ କରିଥିଲେ। ପୁତ୍ର ଅଶ୍ୱତ୍ଥମା ନିଧନ ହେବାର ଉଡ଼ା ଖବର ଶୁଣି ଯୁଧିଷ୍ଠିରଙ୍କର ପରୋକ୍ଷ ଉକ୍ତିକୁ ଗୁରୁଶ୍ରେଷ୍ଠ ଦ୍ରୋଣାଚାର୍ଯ୍ୟ ବିଶ୍ୱାସ କରିଥିଲେ। କାନକୁହା କଥା କେତେ ବିପଜ୍ଜନକ ଇତିହାସ ତା'ର ସାକ୍ଷୀ। ଲୁଣ୍ଠନକାରୀ ନାଦିର ଶାହାଙ୍କର ଲୋଲୁପ ଦୃଷ୍ଟିରୁ କୋହିନୂର ହୀରାକୁ ବଞ୍ଚେଇବା ପାଇଁ ମୋଗଲ ସମ୍ରାଟ ଶାହା ଆଲାମ୍ ତାକୁ ନିଜର ପଗଡ଼ି ଭିତରେ ଲୁଚାଇ ରଖିଥିଲେ। କିନ୍ତୁ ଜଣେ କାନକୁହା ଲୋକଠାରୁ ଖବର ପାଇ ଚତୁର ନାଦିର ଶାହା ବନ୍ଧୁତ୍ୱର ନିଦର୍ଶନ ଛଳରେ ପରସ୍ପରର ପଗଡ଼ି ବଦଳାଇବାକୁ ପ୍ରସ୍ତାବ ଦେଇ କୋହିନୂରକୁ କରାୟତ୍ତ କରିନେଲେ। ଓଡ଼ିଶାରେ ପାଇକ ବିଦ୍ରୋହର କର୍ଣ୍ଣଧାର ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଓ ତାପଙ୍ଗ ଦଳବେହେରା (ମାଧବ ରାଉତରାୟ) ଚୁଗୁଲିର ଶିକାର ହୋଇ ଆତ୍ମୋତ୍ସର୍ଗ କରିଥିଲେ।

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ବି ଏହାର ଝଲକ ଦେଖିବାକୁ ମିଳେ। ସେ 'ଛ ମାଣ ଆଠଗୁଣ୍ଠ'ର ଚମ୍ପା ହେଉ କିମ୍ବା 'ମାଟିର ମଣିଷ'ର ହରି ମିଶ୍ର ଅଥବା 'ଶାସ୍ତି' ର ପହରାଜେ ଏ ସମସ୍ତେ ପରୋକ୍ଷ ବାକ୍‌ଚାତୁରୀର ଏକ ଏକ ଉଦାହରଣ। ପରୋକ୍ଷ ଉକ୍ତିର ଅନ୍ୟ କେତେକ ବିଭାବ ହେଲା ଲୁଚାଛପାରେ, ଠରାଠରିରେ, ଆଖିଆଖିରେ, ଇସାରାରେ, ସଂକେତରେ, ନୀରବରେ, ଇଙ୍ଗିତରେ, ସ୍ୱାଗତୋକ୍ତିରେ, ଦେଖେଇଶିଖେଇ, ବୁଲେଇବଙ୍କେଇ ଏବଂ ଦ୍ୱିଅର୍ଥବୋଧକ ବା ଶ୍ଳେଷାତ୍ମକ ଭଙ୍ଗୀରେ ଭାବ ବିନିମୟର ପ୍ରକ୍ରିୟା। ଯେମିତି ଗୁହାଳ ପୋଛିବାକୁ ନ କହି ଲୋକପାଖରେ ଗୁହାଳ ପାଚିଆ ଥୋଇଦେବା। ଏ ବିଷୟରେ ଆଗେ ପାଲାଗାୟକମାନେ ବର୍ଣ୍ଣନା କରୁଥିବା ଏକ ଲୌକିକ ବଚନିକା ମନେ ପଡ଼େ। କୌଣସି କାରଣରୁ ଦିନେ ସକାଳୁ ଏକ ଦମ୍ପତିଙ୍କ ମଧ୍ୟରେ ମନାନ୍ତର ହେବାରୁ କେହି କାହା ସହିତ କଥାବାର୍ତ୍ତା କଲେ ନାହିଁ। ସଞ୍ଜରେ ଘରକୁ ଫେରି ସ୍ୱାମୀ ଅସ୍ଫୋଟ ସ୍ୱରରେ ସ୍ୱାଗତୋକ୍ତି କଲେ, 'ଆଜି ବଜାରରେ ଭଲ ମାଛ ମିଳୁଥିଲା ତ ଗୋଟିଏ ନେଇ ଆସିଛି। ଏଇଠି ରହିଲା।' ରାତିରେ ସ୍ତ୍ରୀ ରୋଷେଇ ଘରେ ଥାଇ ବଡ଼ପାଟିରେ କହିଲେ, 'ମାଛ ରନ୍ଧା ସରିଲାଣି । ଭାତ ବି ହେଲାଣି । ଏଇଠି ଥୁଆହେଲା। ଯିଏ ଖାଇବା କଥା ଖାଅ।' ସ୍ୱାମୀ ତତ୍କ୍ଷଣାତ୍ ଆସି ଖାଇଦେଲେ ଏବଂ ଖାଇସାରି ଚୁପ୍‌ଚାପ୍ ଯାଇ ଶୋଇପଡ଼ିଲେ। ତା' ପରେ ସ୍ତ୍ରୀ ଖାଇପିଇ ସବୁକାମ ସାରି ଶୋଇଲେ। ରାତି ପାହିଲା ପରେ ଦେଖାଗଲା ସବୁ ଠିକ୍‌ଠାକ୍।

ୟୁନିଟ-୪, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

## ଏଇ ଭାରତରେ

ନିର୍ବାଚନରେ ନେତାମାନେ ବିହନ, ସାର, ପାଣି ସୁବିଧା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଉଥିବା କଥା ସମସ୍ତେ ଜାଣନ୍ତି। ହେଲେ ରାତିଦିନ ଫସଲ ଜଗିବା ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିବା କେବେ ଶୁଣିଛନ୍ତି କି। ବିହାରର ମୁଜାଫରନଗର ଜିଲା ଚୌତରବା ଥାନା ଅଧୀନ ପତିଲର ପଞ୍ଚାୟତରେ ଦେଖିବାକୁ ମିଳେ ଏମିତିକା ଘଟଣା। ଉକ୍ତ ପଞ୍ଚାୟତରେ ସବୁବେଳେ ଫସଲ ସୁରକ୍ଷାକୁ କେନ୍ଦ୍ରକରି ରାଜନୀତି ଜୋର୍ ଧରିଥାଏ ଓ ନିର୍ବାଚନ ହୋଇଥାଏ। ଏଠାରେ ନିର୍ବାଚିତ ପ୍ରତିନିଧି ଲୋକଙ୍କ ଫସଲ ଜଗିବା ଦାୟିତ୍ୱ ନିର୍ବାହ କରିଥାଆନ୍ତି। ଏହି ଧାରା ସ୍ୱାଧୀନତା ପରଠାରୁ ଲାଗି ରହିଛି ଓ ନିର୍ବାଚିତ ୭ ଜଣ ସରପଞ୍ଚଙ୍କ ମଧ୍ୟରୁ ୫ ଜଣ ଫସଲ ସୁରକ୍ଷାକୁ ନେଇ ନିର୍ବାଚିତ ହୋଇସାରିଲେଣି। ଏଥର ଚତୁର୍ଥ ପର୍ଯ୍ୟାୟରେ ଅନୁଷ୍ଠିତ ନିର୍ବାଚନରେ ଉକ୍ତ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଲାଲମତୀ ଦେବୀ ଫସଲ ସୁରକ୍ଷାକୁ ମୁଖ୍ୟ ପ୍ରସଙ୍ଗ କରିଥିଲେ। ନିର୍ବାଚନରେ ଜିତିଲେ ସେ ଓ ତାଙ୍କ ସ୍ୱାମୀ ମିଶି ଦିନରାତି ଫସଲ ଜଗିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଲାଲମତୀ ଜିତିଗଲେ। ଜିତିବା ପରେ ତାଙ୍କ ସ୍ୱାମୀ ପଞ୍ଚାୟତ ସହଯୋଗରେ ଗ୍ରାମବାସୀଙ୍କୁ ନେଇ କମିଟି ଗଠନ କରି ଦିନରାତି ଫସଲ ଜଗିବାରେ ଲାଗିଗଲେଣି। ଏହି ପଞ୍ଚାୟତର ଗାଁଗୁଡ଼ିକରେ ଲୋକେ ରାତିରେ ଅନ୍ୟର ଫସଲ କାଟିନେଇ ପଶୁଙ୍କୁ ଖାଇବାକୁ ଦେଇ ଦିଅନ୍ତି। ଏହାକୁ ନେଇ ବହୁ ସମୟରେ ଝଗଡ଼ା ହୁଏ ଏବଂ ମାମଲା ଥାନା ଓ କୋର୍ଟରେ ପହଞ୍ଚିଯାଏ। ଏଣୁ ଏହାକୁ ରୋକିବାରେ ଯିଏ ସଫଳ ହେବ ବୋଲି ଲୋକ ହୃଦ୍‌ବୋଧ କରନ୍ତି ତାଙ୍କୁ ହିଁ ଭୋଟ ଦେଇ ଜିତାଇଥାଆନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ନଭେମ୍ବର ୧୯୯୬

- ନେପାଳ-ଭାରତ ସୀମା ନଦୀ ଉନ୍ନୟନ ଚୁକ୍ତିକୁ ବିରୋଧ କରି ନେପାଳ ସୁପ୍ରିମ୍‌କୋର୍ଟରେ ଏକ ରିଟ୍ ପିଟିସନ ଦାଖଲ କରିଛି।
- ଗ୍ରୀଡ୍‌କୋ ଏବଂ ଆମେରିକୀୟ କମ୍ପାନୀ ଏ.ଇ.ଏସ୍. ମଧ୍ୟରେ ବିଦ୍ୟୁତ୍ କ୍ରୟ ଚୁକ୍ତି ସ୍ୱାକ୍ଷରିତ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | 5 | | | |
| | | 9 | | | | 8 | | |
| | 1 | | 4 | | | | 6 | |
| | 6 | 3 | | | | | | 7 |
| | | | | | 2 | | | 3 |
| 4 | 8 | 7 | | | | | | |
| | 4 | | 6 | | | | | 2 |
| | | | 2 | | 3 | | 5 | |
| 7 | | 8 | | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 5 | 1 | 3 | 2 | 8 | 9 | 6 |
| 9 | 6 | 2 | 4 | 8 | 7 | 5 | 1 | 3 |
| 3 | 8 | 1 | 6 | 9 | 5 | 7 | 2 | 4 |
| 8 | 5 | 3 | 9 | 2 | 6 | 1 | 4 | 7 |
| 6 | 1 | 4 | 5 | 7 | 3 | 9 | 8 | 2 |
| 7 | 2 | 9 | 8 | 1 | 4 | 6 | 3 | 5 |
| 1 | 4 | 7 | 2 | 5 | 9 | 3 | 6 | 8 |
| 2 | 3 | 8 | 7 | 6 | 1 | 4 | 5 | 9 |
| 5 | 9 | 6 | 3 | 4 | 8 | 2 | 7 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ

ମହାଶୟ,

ଓଡ଼ିଆ ଆମର ମାତୃଭାଷା। ଏହାର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। କଥନ, ପଠନ ଓ ଲିଖନରେ ଏହାର ନିର୍ଭୁଲ ଓ ଶୁଦ୍ଧ ବ୍ୟବହାର ହେବା ଉଚିତ। ଏଥିରେ ତ୍ରୁଟି ହେଲେ ଭାଷାର ଅମର୍ଯ୍ୟାଦା ହେବ। ଏହା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବାର ୭ ବର୍ଷ ପୂରିଗଲାଣି। ଏବେ ମଧ୍ୟ ବହୁ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷିତ ଲୋକଙ୍କ ଦ୍ୱାରା ଓଡ଼ିଆ ଭାଷାର ଅଶୁଦ୍ଧ ବ୍ୟବହାର ହେଉଛି। ଏପରି କି କେତେକ ପ୍ରତିଷ୍ଠିତ ଲେଖକ, ସାହିତ୍ୟିକ, ଗବେଷକ, ସାମ୍ବାଦିକ, ପ୍ରବଚକ ଓ ବ୍ୟାଖ୍ୟାକାର ଏହି ଦୋଷରୁ ମୁକ୍ତ ନୁହନ୍ତି। ପଣ୍ଡିତଙ୍କ ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ ନ୍ୟାୟରେ ଏମାନଙ୍କୁ ଦୋଷମୁକ୍ତ ବୋଲି କୁହାଯାଇପାରିବ ନାହିଁ। ବହୁଳ ଭାବେ ବ୍ୟବହୃତ ହେଉଥିବା ଅଶୁଦ୍ଧଗୁଡିକ ଦୂର କରାଯାଉ। ଶବ୍ଦଗୁଡିକର ବ୍ୟବହାର ସମୟରେ ସର୍ବାଧିକ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

## ଚିରନ୍ତନୀ

ସେ ଶକତି ଆମ ଆହବେ ଅଜେୟ ବେଶ
ଜୀବନ ପଣରେ ଫେରାଇ ଆଣିବୁ ଦେଶ
ଧନୀ ଦରିଦ୍ର ଯେତେ ଆପାମର
ଫେରାଇ ଆଣିବୁ ଭାରତ ଆମର
ନତୁବା ଏ ହୀନ ପରାଣ କରିବୁଁ ଶେଷ
ଘେନୁଛୁଁ ଶପଥ ଜୀବନ ପଣରେ ଫେରାଇ
ଆଣିବୁଁ ଦେଶ।

–(ଭାରତ ଆସିବ ଫେରି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୮୩୧ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ, ୧।୧୧ :** ସୋମବାର ଭାରତୀୟ ପୁଞ୍ଜି ବଜାରର କାରବାର ବେଶ ଉନ୍ନତ ରହିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) କାରବାର ୮୩୧ ପଏଣ୍ଟ ବଢ଼ିବା ଯୋଗୁ ଏହା ୬୦,୧୩୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୨୫୮ ପଏଣ୍ଟ ଊର୍ଦ୍ଧ୍ୱରେ ରହି ୧୭,୯୨୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ବିଏସ୍‌ଇର ମାର୍କେଟ କ୍ୟାପିଟାଲାଇଜେଶନ ୨୬୨ ଲକ୍ଷ କୋଟି ଟପିଛି। ନଭେମ୍ବର ପ୍ରଥମ ସପ୍ତାହଠାରୁ ଅଦ୍ୟାବଧି ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସେନ୍‌ସେକ୍ସ ୪୦୧ ପଏଣ୍ଟ ଊର୍ଦ୍ଧ୍ୱରେ ରହିଛି। ବଜାର ୫୯,୫୭୭ ପଏଣ୍ଟରେ ଖୋଲିଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ନିଫ୍ଟି ୧୭,୭୮୩ ପଏଣ୍ଟରେ ଖୋଲିଥିଲା। ସେନ୍‌ସେକ୍ସ ୬୦,୨୨୦ ପଏଣ୍ଟ ଯାଏ ବୃଦ୍ଧି ଘଟିଥିବା ବେଳେ ନିଫ୍ଟି ୧୭,୯୯୪ ପଏଣ୍ଟ ଯାଏ କାରବାର କରିବାକୁ ସକ୍ଷମ ହୋଇଥିଲା। ସେନ୍‌ସେକ୍ସରେ ଏୟାରଟେଲର ଶେୟାର ୫% ବୃଦ୍ଧି ଘଟି ୭୧୫ ଟଙ୍କାରେ କାରବାର କରୁଛି।

### ପ୍ରିଲିନ୍ସ-ଇ-ୱାର୍ଲ୍ଡ ପକ୍ଷରୁ ଅଫର

**ଭୁବନେଶ୍ୱର,୧।୧୧:** ଚଳିତ ବର୍ଷ ଦୀପାବଳୀକୁ ଆଖି ଆଗରେ ରଖି ଇଲେକ୍ଟ୍ରୋନିକ୍ସ ଶୋ'ରୁମ 'ପ୍ରିଲିନ୍ସ-ଇ-ୱାର୍ଲ୍ଡ' ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଶୋ'ରୁମର ଅଧକ୍ଷ ପ୍ରିୟବ୍ରତ ମହାନ୍ତି କହିଛନ୍ତି, ପ୍ରତି କରାବାର ଉପରେ ଗ୍ରାହକଙ୍କୁ ଆକର୍ଷଣୀୟ ଅଫର ଦିଆଯାଉଛି। ସେହିଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ କ୍ରୟ ଉପରେ ସୁନା ଓ ରୂପା ମୁଦ୍ରା ଉପହାର ପ୍ରଦାନ କରାଯାଉଛି। ଏହି ଅଫର ନଭେମ୍ବର ୧ରୁ୪ ପର୍ଯ୍ୟନ୍ତ ଉପଲବ୍ଧ, ଗ୍ରାହକ ନାମୀଦାମୀ କମ୍ପାନୀର ଟିଭି,ଫ୍ରିଜ୍,ଏସି,ୱାଶିଂମେସିନ, ମୋବାଇଲ ଫୋନ, ଲାପଟପ ଏବଂ ସିସିଟିଭି ଭଳି ଇଲେକେଟ୍ରୋନିକ୍ସ ପ୍ରଡକ୍ଟ କ୍ରୟ ଉପରେ ଅଫର ଲାଭ କରିବେ ବୋଲି ସେ କହିଛନ୍ତି। ସେହିପରି ୦% ଫାଇନାନ୍ସ ସୁବିଧା, ବଜାଜ ଫାଇନାନ୍ସ କାର୍ଡ ଉପରେ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ ସୁବିଧା ରହିଛି। ପ୍ରିଲିନସ-ଇ-ୱାର୍ଲ୍ଡର ଶହୀଦ ନଗର, ଡିଏନ ରିଗେଲିଆ ଶାଖା ସମେତ ଏବଂ କଟକ ବାଙ୍କୀ ଠାରେ ଷ୍ଟୋରରେ ମଧ ଏହି ଅଫର ଉପଲବ୍ଧ ରହିଛି।

# ଉନ୍ନତ ବିକ୍ରି ଆଶାରେ ଜୁଏଲର୍ସ

**ଭୁବନେଶ୍ୱର,୧।୧୧**





ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ କରୋନା ସ୍ଥିତି ବଜାର ଉପରେ ଏତେଟା ନାହିଁ। ଏବେ କଟକଣା ମଧ କୋହଳ ହୋଇଛି। ସୁନା ଦର ମଧ୍ୟ ପୂର୍ବାପେକ୍ଷା ଶସ୍ତା ରହିଛି। ମଙ୍ଗଳବାର ଧନ୍‌ତେରସ ପଡ଼ୁଛି। ଏହିଦିନ ସୁନା କିଣିଲେ ଶୁଭ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ବଜାର ସ୍ୱାଭାବିକ ହେଉଥିବାରୁ ଚଳିତ ବର୍ଷ ଧନ୍‌ତେରସରେ ଭଲ ବିକ୍ରି ହେବ ବୋଲି ଆଶା ରହିଥିବା ଜୁଏଲର୍ସ କହିଛନ୍ତି।

ବିକ୍ରି ୨୦୧୯ ସ୍ଥିତି ଛୁଇଁପାରେ ବୋଲି ଆକଳନ କରାଯାଇଛି। ଭାରତୀୟ ଜୁଏଲେରି ବଜାର ଏବେ ସୁଧାର ପଥରେ ରହିଛି। ପାର୍ବଣରେ କଟକଣା ଥିବାରୁ ବିକ୍ରି ପ୍ରଭାବିତ ରହିଥିଲା। ତୃତୀୟ ଲହର ଆଶଙ୍କା ବଜାର ଉପରେ ରହି ନ ଥିବା ବେଳେ ଦର କମ୍ ଥିବାରୁ ଭଲ ବିକ୍ରି ହେବ ବୋଲି ଆକଳନ କରାଯାଇଛି। ବିକ୍ରି ଅଭିବୃଦ୍ଧି ୨୦ରୁ ୨୫% ରହିପାରେ। ଚଳିତ ବର୍ଷ ଭାରତରେ ସୁନା ଚାହିଦା ୪୭% ଊର୍ଦ୍ଧ୍ୱରେ ରହି ୧୩୯ ଟନ୍ ଛୁଇଁଛି। ଗତ ବର୍ଷ ଏହା ୯୪.୬ ଟନ୍ ଥିଲା। ୨୦୨୧ ଜୁଲାଇ-ସେପ୍ଟେମ୍ବରରେ ସୁନା ଚାହିଦା ୫୮% ବଢ଼ି ୯୬.୨ ଟନ୍ ରହିଥିଲା। ୨୦୧୯ ଏବଂ ୨୦୨୦ରେ ସୁନା ଦର ବୃଦ୍ଧି ଲୋକଙ୍କ କ୍ରୟକୁ ପ୍ରଭାବିତ କରିଥିଲା।

ପ୍ରତିବର୍ଷ କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥିରେ 'ଧନ୍‌ତେରସ' ପାଳିତ ହୋଇଥାଏ। ଚଳିତ ବର୍ଷ ମଧ କୋଭିଡ୍ କଟକଣା ମଧ୍ୟରେ ଧନ୍‌ତେରସ ପାଳନ କରାଯିବ। ଏହି ଅବସରରେ ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଅଫର ସହ ମନଲୋଭା ଡିଜାଇନ ପ୍ରଦାନ କରୁଛନ୍ତି। ଏହା ମଧ୍ୟରେ କ୍ୟାଶ୍‌ବ୍ୟାକ, ଉପହାର ଓ ବିଭିନ୍ନ ରିହାତି ସାମିଲ ରହିଛି। ବର୍ତ୍ତମାନ ୨୨ କ୍ୟାରେଟ ସୁନାର ୧୦ ଗ୍ରାମ ପିଛା ଦର ୪୪,୭୦୦ ଟଙ୍କା ଓ ୨୪ କ୍ୟାରେଟରେ ୪୮,୪୬୦ ଟଙ୍କା ରହିଛି। ହୀରା ମୂଲ୍ୟ ୬୯,୦୦୦ ଟଙ୍କା (ପ୍ରତି କ୍ୟାରେଟ) ଏବଂ ରୁପାର ଦର କିଲୋ ପିଛା ୬୮,୯୦୦ ଟଙ୍କା ରହିଥିବା ସୂଚନା ମିଳିଛି।

**ଆଜି ଧନ୍‌ତେରସ୍**

- ୨୦-୨୫% ଅଭିବୃଦ୍ଧି ହୋଇପାରେ
- ମିଳୁଛି ଆକର୍ଷଣୀୟ ଅଫର, କ୍ୟାଶ୍‌ବ୍ୟାକ
- ଉପଲବ୍ଧ ରହିଛି ସ୍ୱତନ୍ତ୍ର ଡିଜାଇନ

ଲାଲ୍‌ଚାନ୍ଦ ଜୁଏଲର୍ସ ପକ୍ଷରୁ ଧନ୍‌ତେରସ ଏବଂ ଦୀପାବଳି ଉପଲକ୍ଷେ 'ଦି ଗ୍ରେଟ୍ ଦିୱାଲି ଫେଷ୍ଟିଭାଲରେ ବିଭିନ୍ନ ଅଫର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ପ୍ରତି ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ ଉପରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ରହିଛି। ପ୍ରତି ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ ଉପରେ ମାଗଣା ରୌପ୍ୟ ମୁଦ୍ରା ଗ୍ରାହକ ପାଇପାରିବେ। ଷ୍ଟାଣ୍ଡାର୍ଡ ସ୍ୱର୍ଣ୍ଣ ଅଳଙ୍କାର ପ୍ରତି ଗ୍ରାମ ପିଛା ଗଢ଼ା ମୂଲ୍ୟ ଫ୍ଲାଟ୍ ୪୯୯ ଟଙ୍କା ଏବଂ ଡିଜାଇନ ଅଳଙ୍କାର ପ୍ରତି ଗ୍ରାମ ପିଛା ଗଢ଼ା ମୂଲ୍ୟ ୬୯୯ ଟଙ୍କା ରହିଛି। ହାଇ ଏଣ୍ଡ ଅଳଙ୍କାର ଉପରେ ପ୍ରତି ଗ୍ରାମ ପିଛା ଗଢ଼ା ମଜୁରି ୭୯୯ ଟଙ୍କା, ସାର୍ଟିଫାଏଡ୍ ହୀରାଗହଣା କ୍ରୟ ଉପରେ ଫ୍ଲାଟ୍ ୨୦% ରିହାତି ସୁବିଧା ୧୨ ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

ଖିମ୍‌ଜୀ ପକ୍ଷରୁ ଶୁଭ ଧନ୍‌ତେରସ ଅଫରରେ ସୁନା ଅଳଙ୍କାର କ୍ରୟ ଉପରେ ଫ୍ଲାଟ୍ ୫.୪% ଏବଂ ହୀରା ଗହଣା କ୍ରୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ରହିଛି। ରୁପାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୨୦% ରିହାତି, ଏସ୍‌ବିଆଇ କ୍ରେଡିଟ୍ କାର୍ଡରେ ୫% ରିହାତି ୧୧ ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ତନିସ୍କ ପକ୍ଷରୁ ମଧ ଧନ୍‌ତେରସ ପାଇଁ ସୁନା ଗହଣାର ଗଢ଼ା ମଜୁରି ଓ ହୀରା ଗହଣାର କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏସ୍‌ବିଆଇ କାର୍ଡରେ କ୍ରୟ କଲେ ୩,୦୦୦ ଟଙ୍କାର ରିହାତି ରହିଛି। ତନିସ୍କ ପକ୍ଷରୁ ନୂଆ 'ଉତ୍ସହ' ସମ୍ଭାର ମଧ ଗ୍ରାହକଙ୍କ ଲାଗି ଉପଲବ୍ଧ। ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସୁନା ଅଳଙ୍କାର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୩୧୯ ଟଙ୍କାର ରିହାତି ସୁବିଧା ଦିଆଯାଉଛି। ସେହିଭଳି ହୀରା ଗହଣା କ୍ରୟ ଉପରେ ଫ୍ଲାଟ୍ ୨୦% ଅଫର ଉପଲବ୍ଧ। ରୁପା ଗହଣା ଗଢ଼ା ମୂଲ୍ୟରେ ଫ୍ଲାଟ୍ ୫୦% ରିହାତି ଭଳି ଅନ୍ୟ ସୁବିଧା ଯୋଗାଇ ଦିଆଯାଉଛି।

କଲ୍ୟାଣ ଜୁଏଲର୍ସ ପକ୍ଷରୁ ସୁନା ଗହଣା କାରବାର ଉପରେ ୨୫% ପର୍ଯ୍ୟନ୍ତ ରିହାତି ସୁବିଧା ରହିଛି। ହୀରା ଗହଣା କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ କ୍ୟାଶ୍‌ବ୍ୟାକ ଦିଆଯାଉଛି। ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡ ଶୋ'ରୁମ୍ ସୁନାଗହଣା ଉପରେ ୨୨୦ ଟଙ୍କାରୁ ମେକିଂ ଚାର୍ଜ ଆରମ୍ଭ ହେଉଛି। ଇରା ଓ ପ୍ରେସିଆ ଭଳି ସ୍ୱତନ୍ତ୍ର ଗହଣା କଲେକ୍ସନ ମଧ୍ୟରୁ ୫୦ ହଜାର ଟଙ୍କାର କ୍ରୟରେ ଗ୍ରାହକଙ୍କୁ ଏକ ସ୍ୱର୍ଣ୍ଣ ମୁଦ୍ରା ମିଳୁଛି। ଏହି ଅଫର ୭ ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସୁନାଗହଣା ଗଢ଼ାମୂଲ୍ୟ ଏବଂ ହୀରା ଗହଣାର କ୍ରୟ ଉପରେ ମଧ ୩୦% ପର୍ଯ୍ୟନ୍ତ ରିହାତି ଗ୍ରାହକ ପାଇପାରିବେ। ଅପରପକ୍ଷରେ ଇପାରି ଜୁଏଲର୍ସ, ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡ, ହଲ୍‌ମାର୍କ, ଲୋକନାଥ, ବିଶନଦୟାଲ, ପି.ସି. ଚନ୍ଦ୍ରା ଏବଂ ହିନ୍ଦୁସ୍ଥାନ ଭଳି ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ମଧ ଧନ୍‌ତେରସ ପାଇଁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି।

**ଜନ୍ମଦିନ ଶୁଭେଚ୍ଛା**




**ଅଭିଲାଷା ଖମାରୀ (ସୁକିର୍ତ୍ତୀ)**
ବୁଗବୁଗା, ଅତାବିରା, (ବରଗଡ଼)
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ସପ୍ତମ ଜନ୍ମବାର୍ଷିକୀରେ ମାଁ ସମଲେଶ୍ୱରୀଙ୍କଠାରେ ଆମର ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ: ସତ୍ୟଜିତ୍, ଅଭିଜିତ୍, ଅଭିଲିପ୍‌ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍‌ସା।
ଧ-୨୨୧୩୨

### ମାରୁତି ସୁଜୁକି ବିକ୍ରି ୨୪% ହ୍ରାସ

**ନୂଆଦିଲ୍ଲୀ, ୧।୧୧**

ଦେଶର ପ୍ରମୁଖ ଯାନ ନିର୍ମାଣକାରୀ କମ୍ପାନୀ ମାରୁତି ସୁଜୁକିର ଅକ୍ଟୋବର ବିକ୍ରି ୨୪% ହ୍ରାସ ଘଟିଛି। ସେହିଭଳି ବଜାଜ ଅଟୋର କାରବାର ୧୪% ନିମ୍ନରେ ରହିଛି। ଅଶୋକ ଲେଲାଣ୍ଡର ବିକ୍ରି ୧୧% ଉନ୍ନତ ରହିଛି। ଏକ୍ସକର୍ଟ କମ୍ପାନୀର ବିକ୍ରି ୧% ନିମ୍ନରେ ରହିଛି। ଟାଟା ମୋଟର୍ସର ବିକ୍ରି ୩୦% ବଢ଼ିଛି। ଅକ୍ଟୋବରରେ କମ୍ପାନୀ ୬୭, ୮୨୯ ୟୁନିଟ ଯାନ ବିକ୍ରି କରିଛି। ଗତ ବର୍ଷ ଅକ୍ଟୋବରରେ କମ୍ପାନୀ ୫୨,୧୩୨ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ବଜାଜ ଅଟୋର ଡୋମେଷ୍ଟିକ ବିକ୍ରି ୨୨% ଖସିଛି। ଅଶୋକ ଲେଲାଣ୍ଡର ଭାରି ବାଣିଜ୍ୟିକ ଯାନ ବିକ୍ରି ୩୨% ଅଭିବୃଦ୍ଧି ଦେଖାଯାଇଛି।

# ବ୍ୟାଟେରି ଶେୟାରିଂ ସେବା ଆଣିବ ହୋଣ୍ଡା

**ନୂଆଦିଲ୍ଲୀ,୧।୧୧**



ହୋଣ୍ଡା ମୋଟର କମ୍ପାନୀ ପକ୍ଷରୁ ଅଟୋ ରିକ୍ସା ଲାଗି ବ୍ୟାଟେରି ଶେୟାରିଂ ବ୍ୟବସ୍ଥା ଆରମ୍ଭ କରିବ। ଏଥି ପାଇଁ କମ୍ପାନୀ ଏହାର ହୋଣ୍ଡା ପାୱାର ପ୍ୟାକ୍‌କୁ ବ୍ୟବହାର କରିବ। ଏହା ହେଉଛି ହୋଣ୍ଡାର ସମ୍ପୂର୍ଣ୍ଣ ନୂଆ ପୋର୍ଟେବଲ ଓ ସ୍ୱାପ୍ ହୋଇ ପାରୁଥିବା ବ୍ୟାଟେରୀ। ଭାରତରେ ୮ ନିୟୁତରୁ ଅଧିକ ଅଟୋ ରିକ୍ସା ଚାଲୁଛି। ସହରାଞ୍ଚଳରେ ରିକ୍ସାଗୁଡ଼ିକ ସିଏନ୍‌ଜିରେ ଚାଲୁଛି। ଏଗୁଡିକର ବିଦ୍ୟୁତିକରଣ କରିବା ବଡ଼ ଆହ୍ୱାନ। ବର୍ତ୍ତମାନ ବଜାରରେ ଯେଉଁ ଇଲେକ୍ଟ୍ରିକ୍ ଗାଡ଼ିଗୁଡ଼ିକ ଅଳ୍ପ ଦୂର ଯାତ୍ରା କରୁଛି। ସେହିଭଳି ଚାର୍ଜ ଲାଗି ଅଧିକ ସମୟ ଲାଗୁଥିବା ବେଳେ ବ୍ୟାଟେରିର ମୂଲ୍ୟ ବହୁତ ବେଶି। ଅକ୍ଷୟ ଶକ୍ତିକୁ ବ୍ୟବହାର କରି ଭାରତରେ ଇଲେକ୍ଟ୍ରିକ୍ ଯାନର ଗ୍ରହଣୀୟତା ବଢ଼ାଇବା ଉଦ୍ୟମ ସ୍ୱରୂପ ହୋଣ୍ଡା ଏହି ତିନି ସମସ୍ୟାକୁ ଏହାର ସ୍ୱାପ୍ (ବଦଳାଇ) ହୋଇପାରୁଥିବା ବ୍ୟାଟେରି ଜରିଆରେ ପୂରଣ କରିବାକୁ ଚାହୁଁଛି। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ୨୦୨୨ର ପ୍ରଥମ ଭାଗରେ ଏହାର ଏମ୍‌ପିପିଇକୁ ବ୍ୟବହାର କରି ଇଲେକ୍ଟ୍ରିକ୍ ଅଟୋ ରିକ୍ସା ଲାଗି ବ୍ୟାଟେରି ସେୟାରିଂ ସେବା ଆରମ୍ଭ କରିବ। ଏଥି ଲାଗି କମ୍ପାନୀ ଭାରତରେ ଏକ ଅଲଗା ସହଯୋଗୀ ସଂସ୍ଥା ସ୍ଥାପନ କରାଯିବ। ଏହି ସଂସ୍ଥା ବହୁ ସଂଖ୍ୟକ ହୋଣ୍ଡା ମୋବାଇଲ୍ ପାୱାର୍ ପ୍ୟାକ୍ ଏକ୍ସଚେଞ୍ଜର୍ (ଏମ୍‌ପିପିଇ) ସ୍ଥାପନ କରିବ। ହୋଣ୍ଡା ମୋଟର କଂପାନିର ଚିଫ୍ ଅଫିସର୍-ଲାଇଫ୍ କ୍ରିଏସନ୍ ଅପରେସନ୍ସ ମିନୋରୁ କାଟୋ କହିଛନ୍ତି,ଛୋଟ ଆକାର ଗମନାଗମନ ଯାନ ସମେତ ବିଭିନ୍ନ ପ୍ରକାର ଉପକରଣର ବିଦ୍ୟୁତ୍‌କରଣ କରିବାର କ୍ଷମତା ହୋଣ୍ଡା ମୋବାଇଲ୍ ପାୱାର ପ୍ୟାକ୍ ପାଖରେ ରହିଛି।

## ସାନିଟାଇଜର ମେଶିନ ଦେଲା ଏସ୍‌ବିଆଇ




**ଭୁବନେଶ୍ୱର,୧।୧୧**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଉତ୍କଳ ବିଶ୍ୱ ବିଦ୍ୟାଳୟ ଶାଖା ପକ୍ଷରୁ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗଗୁଡ଼ିକୁ ସାନିଟାଇଜର ମେଶିନ ଏବଂ ସାନିଟାଇଜର ଲିକ୍ୟୁଡ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କ୍ରିଷ୍ଣନ, ଉପମହାପ୍ରବନ୍ଧକ ଆନନ୍ଦ ବିକ୍ରମ ଏବଂ ଆଞ୍ଚଳିକ ପ୍ରବନ୍ଧକ ଭୂପଦେବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାକ୍ରିଷ୍ଣନ ଏହି ମେଶିନଗୁଡ଼ିକୁ କୁଳପତି ସବିତା ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ମହାମାରୀରୁ ଛାତ୍ରୀଛାତ୍ରଙ୍କୁ ଦୂରେଇ ରଖିବାରେ ଏହା ଏକ ପ୍ରୟାସ ବୋଲି କ୍ରିଷ୍ଣନ କହିଥିଲେ। ବ୍ୟାଙ୍କର ଏହି କାର୍ଯ୍ୟକୁ କୁଳପତି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଶାଖାର ମୁଖ୍ୟ ପ୍ରବନ୍ଧକ ସୋନି ମହାପାତ୍ର ପରିଚାଳନା କରିଥିଲେ।

ଫୁର୍‌ସତ୍

# ଦୀପାବଳିର ଆକର୍ଷଣ ଗୋବରଦୀପ



**ଜୟପୁର:** ବଜାରରେ ଏବେ ଇକୋ ଫ୍ରେଣ୍ଡଲି ଜିନିଷର ଚାହିଦା ରହିଛି। ପରିବେଶ ପ୍ରତି ସଚେତନତା ଦୃଷ୍ଟିରୁ ଇକୋ ଫ୍ରେଣ୍ଡଲି ଦୀପାବଳି ପାଳିବା ନିମନ୍ତେ ଲୋକେ ନାରା ଦେଉଛନ୍ତି। ଏହି ଦୃଷ୍ଟିରୁ ଏବେ ଗୋବର ତିଆରି ଦୀପ ମଧ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ରାଜସ୍ଥାନର ଭିଲୱାଡାରେ ଥିବା କୋଟଡି କସ୍‌ବେ ଅଞ୍ଚଳରେ ଥିବା ଗୋଶାଳାରେ ତିଆରି ହେଉଛି ଗୋବର ଦୀପ। ଏହି ଦୀପ ବେଶ୍ ଆକର୍ଷଣୀୟ ଦେଖାଯାଉଛି। ଏଥିପାଇଁ ରାଜସ୍ଥାନ ସହିତ ଆଖପାଖ ରାଜ୍ୟର ଲୋକେ ବି ଗୋବର ଦୀପ ନେବାପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଗୋଶାଳାରେ ଦୀପ କାରିଗରମାନେ ଦୁଇ ମାସ ତଳୁ ଏହି ପ୍ରକାରର ଦୀପ ତିଆରି ଆରମ୍ଭ କରିଥିଲେ। ପ୍ରଥମେ ଏହି ଦୀପ ବଜାରକୁ ଆସିବା ପରେ ଏହାର ଚାହିଦା ଖୁବ୍ ବଢ଼ି ଯାଇଥିଲା। ଏବେ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଗୁଜରାଟର ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରାୟ ୫ ଲକ୍ଷ ଗୋବର ଦୀପ ନିମନ୍ତେ ଅର୍ଡର ଆସିଛି। ଚାହିଦା ବଢ଼ିବା ଫଳରେ ବହୁ ସଂଖ୍ୟାରେ ଲୋକେ ଜୀବିକା ଅର୍ଜନର ମାଧ୍ୟମ ପାଇ ପାରୁଛନ୍ତି। ଗାଈ ଗୋବର ସହିତ ମୁଲତାନୀ ମାଟି ମିଶାଇ ବିଭିନ୍ନ ଡିଜାଇନରେ ଦୀପ ତିଆରି କରାଯାଉଛି। ଗୋଟିଏ ପଟେ ପରମ୍ପରା ରକ୍ଷା ହେବା ସହିତ ଅନ୍ୟପଟେ ଏହା ଇକୋ ଫ୍ରେଣ୍ଡଲି ହୋଇଥିବାରୁ ଏହି ଦୀପର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଦୀପ ତିଆରି କରୁଥିବା କାରିଗରମାନେ ମତ ଦେଇଛନ୍ତି।

## ସାଢ଼େ ୬ କେଜିର ସନ୍ତାନ ପ୍ରସବ

**ଲଣ୍ଡନ:** ବ୍ରିଟେନର ଜଣେ ୩୧ ବର୍ଷୀୟା ମହିଳା ଚେରାଲ ମିଚେଲ ପ୍ରାୟ ସାଢେ ୬ କିଲୋଗ୍ରାମର ଏକ ସନ୍ତାନକୁ ଜନ୍ମ ଦେଇଛନ୍ତି। ମହିଳାଙ୍କ ପ୍ରସବ ପାଇଁ ଜଣେ ନର୍ସଙ୍କୁ ଡ୍ୟୁଟିରେ ରଖାଯାଇଥିଲା, କିନ୍ତୁ ଶିଶୁର ଆକାର ଦେଖି ତାଙ୍କୁ ସାହାଯ୍ୟ କରିବାକୁ ଆଉ ଜଣେ ନର୍ସଙ୍କୁ ପଠାଗଲା। ପିଲାଟିର ମୁଣ୍ଡ ବାହାରକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଡାକ୍ତର କହିଛନ୍ତି ନବଜାତ ଶିଶୁର ଓଜନ ଏକ ବଡ଼ ପଥର ସହିତ ସମାନ। ଡାକ୍ତରଖାନା କର୍ମଚାରୀମାନେ ଶିଶୁଟିର ନାମ 'ବେବି ହିପ୍ପୋ' ରଖିଛନ୍ତି। ମିଚେଲ ନିଜେ ବିଶ୍ୱାସ କରିପାରି ନ ଥିଲେ ଯେ ତାଙ୍କ ପିଲାର ଓଜନ ଏତେ ଅଧିକ। ମିଚେଲ କହିଛନ୍ତି ଯେ, ସେ ତାଙ୍କ ଗର୍ଭଧାରଣ ବିଷୟରେ ମଧ ଆଶ୍ଚର୍ଯ୍ୟ ହୋଇଥିଲେ, କାରଣ ସେ ଜନ୍ମ ନିୟନ୍ତ୍ରଣ ବଟିକା ବ୍ୟବହାର କରୁଥିଲେ। ଏହା ସତ୍ତ୍ୱେ ସେ ଗର୍ଭବତୀ ହୋଇଥିଲେ। ଏହାପୂର୍ବରୁ ଚେରିଲ ମିଚେଲଙ୍କର ତିନୋଟି ସନ୍ତାନ ଅଛନ୍ତି।

**VELS**
MEDICAL COLLEGE & HOSPITAL
Under Vels Institute of Science, Technology & Advanced Studies (VISTAS)
(Deemed to be University)
Thiruvallur, Tamil Nadu
CONSULTANT
FACULTY
RESIDENT
SEEKING DESIROUS CANDIDATES FOR VARIOUS POSITIONS IN PRE, PARA & CLINICAL DEPARTMENTS
SUPPORT STAFF
PARAMEDICS, STAFF NURSES & TECHNICIANS
WALK IN INTERVIEW
01st Nov to 30th Nov 2021
QUALIFICATION AND EXPERIENCE AS PER NMC NORMS, SALARY COMMENSURATE WITH QUALIFICATION & EXPERIENCE.
Contact No. 7824830864
Email: chro@velsgroup.in
REGISTRAR

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

**କେମିତି ମଦ ଛାଡିବେ**

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮ , ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।

**ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମଦ ବିଜ୍ଞାପନ ପାଇଁ ଟ୍ରୋଲ୍



କାଜଲ ଅଗ୍ରୱାଲ

**ହାଇଦ୍ରାବାଦ:** ପୁଣି ବିଜ୍ଞାପନକୁ ନେଇ ବିବାଦ। ଏଥର ପାଳି ପଡିଛି ସାଉଥ୍ ତଥା ବଲିଉଡ ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କର। ବିଜ୍ଞାପନକୁ ନେଇ ତାଙ୍କୁ ଚାରିଆଡୁ ଟ୍ରୋଲ କରାଯାଉଛି। ଟଙ୍କା ପାଇଁ କିଭଳି ସେ ଏଭଳି ବିଜ୍ଞାପନ କରୁଛନ୍ତି ବୋଲି ସୋସିଆଲ ମିଡିଆ ୟୁଜର୍ସ ତାଙ୍କୁ ପ୍ରଶ୍ନ କରିଛନ୍ତି। କାଜଲ ଅଗ୍ରୱାଲ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସ୍ୱାମୀ ଗୌତମ କିଚୁଲଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି। ଯେଉଁଥିରେ ଏକ ମଦ ବ୍ରାଣ୍ଡର ପ୍ରମୋଶନ କରୁଛନ୍ତି। ଏକ ବୋତଲ ଏବଂ ଗ୍ଲାସ ସେମାନଙ୍କ ସାମ୍ନାରେ ରଖାଯାଇଛି। ଏଥିସହ ଉଭୟ ହାତରେ ତାସ୍ ଧରିଛନ୍ତି। ଏହି ଫଟୋ ଶେୟାର କରି କ୍ୟାପ୍ସନରେ ଦୀପାବଳି ଶୁଭେଚ୍ଛା ଜଣାଇଛନ୍ତି କାଜଲ। ଏଥିସହ ସଭିଏଁ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ମଧ ପରାମର୍ଶ ଦେଇଛନ୍ତି। ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପାଇଁ ଏହି ବିଜ୍ଞାପନ। ନିଜ ରିସ୍କରେ ମଦ ପିଇବାକୁ ସେ ଏଥିରେ କହିଛନ୍ତି। ଏଥିପାଇଁ ତାଙ୍କୁ ସୋସିଆଲ ମିଡିଆରେ ସମାଲୋଚନା କରାଯାଇଛି। ତେବେ ଏହା ଉପରେ କାଜଲଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଅଭିନେତ୍ରୀ କାଜଲ ନିକଟରେ ତାଙ୍କର ପ୍ରଥମ ବିବାହ ବାର୍ଷିକୀ ପାଳନ କରିଛନ୍ତି । ଗତ ବର୍ଷ କାଜଲ ମୁମ୍ବାଇର ବିଜନେସ୍‌ମ୍ୟାନ ଗୌତମ କିଚୁଲଙ୍କୁ ବିବାହ କରିଥିଲେ। ନିଜ ଅଭିନୟ ଯାଦୁରେ ସାଉଥରେ ଲୋକପ୍ରିୟତା ହାସଲ କରିଥିବା କାଜଲ ଏବେ ଦୀପାବଳି ଅବସରରେ ଏହି ମଦ ବିଜ୍ଞାପନର ଶୁଟିଂ କରିଛନ୍ତି।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି**



**ୱକିଶୋର ଚନ୍ଦ୍ର ମିଶ୍ର**
୯୧, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୦।୦୫।୧୯୨୫
ତିରୋଧାନ:୨୫।୧୦।୨୦୧୯
(କାର୍ତ୍ତିକ ମାସ କୃଷ୍ଣପକ୍ଷ ଦ୍ୱାଦଶୀ)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ସହ ମିଶ୍ର ପରିବାର ଏବଂ ଆତ୍ମୀୟସ୍ୱଜନ ।
ଧ-୨୨୧୩୩

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା କିରଣବାଳା ପଟ୍ଟନାୟକ**
**ସ୍ୱାମୀ ସ୍ୱର୍ଗତ ମାୟାଧର ପଟ୍ଟନାୟକ**
ଗୁଣ୍ଡିଚା ବିହାର, କିରଣ ନିବାସ, ପୁରୀ-୨
ଆବିର୍ଭାବ- ୦୧।୦୧।୧୯୪୪
ତିରୋଧାନ- ୧୩।୧୧।୨୦୨୦
(କାର୍ତ୍ତିକ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି)
ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅମାନେ, ବୋହୂମାନେ, ଝିଅମାନେ, ଜ୍ୱାଇଁମାନେ, ନାତି, ନାତୁଣୀବୋହୂମାନେ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁ, ପରିବାରବର୍ଗ ।
ଧ-୬୮୮୬

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ୱବାପୁଜୀ ପାଇକରାୟ**
ପ୍ଲଟ୍ ନଂ.-୨୪, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର-୬
ଆବିର୍ଭାବ: ୧୨।୦୧।୧୯୬୭
ତିରୋଧାନ: ୨୩।୧୦।୨୦୨୧
ତୁମର ଅକାଳ ବିୟୋଗ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇଛି। ତୁମର କର୍ମ ପ୍ରବଣତା, ପରୋପକାରିତା, ନିଷ୍କପଟ ସରଳତା, ଅସୀମ ଧୈର୍ଯ୍ୟ, ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ତ୍ୟାଗ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁବାନ୍ଧବ ଓ ପରିବାରବର୍ଗ ।
ଧ-୭୦୯୬୩

# ଜୋସ୍ ବଟଲରଙ୍କ ଶତକ

**ଶାରଜା,୧।୧୧**

ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାର ଗ୍ରୁପ୍-୧ର ଏକ ମ୍ୟାଚ୍‌ରେ ଇଂଲଣ୍ଡ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଛନ୍ତି। ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଶ୍ରୀଲଙ୍କା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ଜୋଶ ବଟଲରଙ୍କ ଅପରାଜିତ ଶତକ ସହାୟତାରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ୩୫ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ଜାସନ ରଏ ୯, ଦାଭିଦ ମିଲନ ୬ ରନକରି ଓ ଜନି ବେୟାରଷ୍ଟୋ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ତେବେ ଚତୁର୍ଥ ଉଇକେଟରେ ଅଧିନାୟକ ଇଅନ ମୋର୍ଗାନ ଓ ବଟଲର ୭୮ ବଲରୁ ୧୧୨ ରନକରି ସ୍ଥିତି ସମ୍ଭାଳିବା ସହ ଦଳକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ୩୬ ବଲରୁ ୧ ଚୌକା ଓ ୩ ଛକା ସହ ୪୦ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବଟଲର ୬୭ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ଓ ୬ ଛକା ସହ ୧୦୧ ରନର ଶତକୀୟ ଇନିଂସ ଖେଳି ଅପରାଜିତ ରହିଥିଲେ। ଇନିଂସର ଅନ୍ତିମ ବଲ୍‌ରେ ଛକା ମାରି ସେ ନିଜ ଟି୨୦ କ୍ୟାରିୟରର ପ୍ରଥମ ଶତକ ପୂରଣ କରିଥିଲେ। ଟି୨୦ ବିଶ୍ୱକପ୍ ଇତିହାସରେ ଏହା ନବମ ଶତକ ସାବ୍ୟସ୍ତ ହୋଇଛି। ମୋଇନ ଅଲି ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ୱାନିଣ୍ଡୁ ହସରଙ୍ଗା ଡି ସିଲଭା ୩ଟି ଓ ଦୁଷ୍ମନ୍ତ ଚାମିରା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ବିଶ୍ୱକପ୍‌ରେ ଫେଭରାଇଟ୍ ବିବେଚିତ ହେଉଥିବା ଇଂଲଣ୍ଡ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରି ୬ ପଏଣ୍ଟ ହାସଲ କରିବା ସହ ଗ୍ରୁପ୍-୧ର ଶୀର୍ଷରେ ରହିଛି। ଏହି ମ୍ୟାଚ୍‌ରେ ବିଜୟ ହାସଲ କଲେ ଇଂଲଣ୍ଡ ସେମିଫାଇନାଲରେ ସ୍ଥାନ ପକ୍କା କରିବା ଏକପ୍ରକାର ନିଶ୍ଚିତ।



ଇନିଂସର ଅନ୍ତିମ ବଲ୍‌ରେ ଛକା ମାରି କ୍ୟାରିୟରର ପ୍ରଥମ ଟି୨୦ ଶତକ ହାସଲ କରିଥିବା ଜୋଶ ବଟଲର।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ)**

**ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ**

ସ୍ଥାନ: ଆବୁଧାବି, ସମୟ: ଅପରାହ୍ନ ୩ଟା ୩୦

**ପାକିସ୍ତାନ ବନାମ ନାମ୍ବିଆ**

ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୨୦ ଓଭରରେ ୧୬୩/୪ (ଜୋଶ ବଟଲର- ୧୦୧*, ଇଅନ ମୋର୍ଗାନ- ୪୦, ୱାନିଣ୍ଡୁ ହସରଙ୍ଗା- ୩/ ୨୧)।

# ଚଣ୍ଡିଗଡ଼କୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର,୧।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ପୁଣେର ଡେକାନ ଜିମ୍‌ଖାନା ଗ୍ରାଉଣ୍ଡରେ ଚାଲିଥିବା ସିନିୟର ମହିଳା ଏଲିଟ୍ ବି ଦିନିକିଆ ଲିଗ୍‌ରେ ସୋମବାର ଓଡ଼ିଶା ୩୫ ରନରେ ଚଣ୍ଡିଗଡ଼କୁ ହରାଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୫୦ ଓଭରରେ ୭ ଉଇକେଟ ହରାଇ ୨୫୩ ରନ ସଂଗ୍ରହ କରିଥିଲା। ଜବାବରେ ଚଣ୍ଡିଗଡ଼ ୫୦ ଓଭରରେ ୬ ଉଇକେଟ ହରାଇ ୨୧୮ ରନରେ ସୀମିତ ରହିଥିଲା। ଚଣ୍ଡଗଡ଼ ତରଫରୁ ଅମନଜୋତ କୌର ୯୭ ରନକରି ଆଉଟ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାଙ୍ଗୀ ୩୪, ମୋନୀକା ପାଣ୍ଡେ ୨୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଓଡ଼ିଶା ତରଫରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ, ରସନାରା ପରବୀନ ୨ଟି ଲେଖାଏ ଓ ସୁଜାତା ମଲିକ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ତରଫରୁ ମାଧୁରୀ ମେହେଟା

**ମହିଳା ଏଲିଟ୍ ବି ଦିନିକିଆ ଲିଗ୍**

୯୭ ବଲରୁ ୭୬, ତନ୍ମୟୀ ବେହେରା ୬୪ ବଲରୁ ୫୩, ସୁଶ୍ରୀ ଦିବ୍ୟଦର୍ଶିନୀ ୪୮ ବଲରୁ ୩୫, ମଧୁସ୍ମିତା ବେହେରା ୨୦ ବଲରୁ ୨୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଚଣ୍ଡିଗଡ଼ର ଅମନଜୋତ କୌର, ପାରୁଲ ସଇନି ଓ ନନ୍ଦିନୀ ଶର୍ମା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମାଧୁରୀ ମେହେଟା

# ଓଡ଼ିଶା ଟିଟି ଚାମ୍ପିୟନଶିପ: ଉର୍ଜା, ଶ୍ୱେତପଦ୍ମାଙ୍କୁ ଟାଇଟଲ


ଉର୍ଜା ବର୍ମା ଓ ଶ୍ୱେତପଦ୍ମା ଦଳାଇ।

**ଭୁବନେଶ୍ୱର, ୧।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ଜେ.ଏନ. ଇନ୍‌ଡୋର ଷ୍ଟାଡିୟମରେ ୨୭ତମ ଓଡ଼ିଶା ଷ୍ଟେଟ୍ ଟେବୁଲ ଟେନିସ ଚାମ୍ପିୟନଶିପ୍ ସୋମବାର ୨୦୨୧ ଉଦ୍‌ଯାପିତ ହୋଇଛି। କଟକର ଉର୍ଜା ବର୍ମା ୧୩ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। କଟକର ସାକ୍ଷୀ ଭଗତ ଦ୍ୱିତୀୟ ଓ ଅଙ୍ଫିୟା ମୌସିମ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୧୫ ବର୍ଷରୁ କମ୍ ଇଭେଣ୍ଟରେ ଭୁବନେଶ୍ୱରର ଶ୍ୱେତପଦ୍ମା ଦଳାଇ ଚାମ୍ପିୟନ ହୋଇଛନ୍ତି। ଏହି ଇଭେଣ୍ଟରେ ଉର୍ଜା ବର୍ମା ଦ୍ୱିତୀୟ ଓ କଟକର ଶାସ୍ୱତୀ ଆଡାବାର ତୃତୀୟ ସ୍ଥାନରେ ରହିଛନ୍ତି। ଦୁଇଟି ଇଭେଣ୍ଟରେ ୪ଜଣ ସେମି ଫାଇନାଲିଷ୍ଟଙ୍କ ମଧ୍ୟରେ ରାଉଣ୍ଡ ରବିନ ମ୍ୟାଚ୍ ଖେଳାଯିବା ପରେ ବିଜେତା ଓ ଉପବିଜେତାଙ୍କ ନାମ ସ୍ଥିର କରାଯାଇଥିଲା।

# ଭାରତ ଚ୍ୟାଲେଞ୍ଜର ନେତୃତ୍ୱ ନେବେ ଶ୍ରୀକାନ୍ତ, ଲକ୍ଷ୍ୟ

**ସାରବ୍ରକେନ (ଜର୍ମାନୀ), ୧।୧୧ (ପି.ଟି.)**

ହାଇଲୋ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେବ। ଟପ୍ ବ୍ୟାଡମିଣ୍ଟନ ଖେଳାଳି କିଡାମ୍ବି ଶ୍ରୀକାନ୍ତ ଏବଂ ବର୍ତ୍ତମାନ ଭଲ ଫର୍ମରେ ଥିବା ଲକ୍ଷ୍ୟ ସେନ୍ ଏଥିରେ

**ହାଇଲୋ ଓପନ ବ୍ୟାଡ୍‌ମିଣ୍ଟନ**

ଭାରତୀୟ ଚ୍ୟାଲେଞ୍ଜର ନେତୃତ୍ୱ ନେବେ। ୬ଷ୍ଠ ସିଡ୍ ଶ୍ରୀକାନ୍ତ ଗତ ସପ୍ତାହରେ ଫ୍ରେଞ୍ଚ ଓପନ ଦ୍ୱିତୀୟ ରାଉଣ୍ଡରେ ପରାଜିତ ହେବା ପୂର୍ବରୁ ଦୁଇଥର ବିଶ୍ୱ ଚାମ୍ପିୟନ ଜାପାନର କେଣ୍ଟୋ ମୋମୋତାଙ୍କ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରିଥିଲେ। ଏଠାରେ ସେ ଜାପାନର କୋଇ ୱଟାନାବେଙ୍କ ବିପକ୍ଷରେ ଖେଳି ତାଙ୍କ ଅଭିଯାନ ଆରମ୍ଭ କରିବେ। ବିଶ୍ୱର ୨୨ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଭାରତର ଯୁବ ଖେଳାଳି ଲକ୍ଷ୍ୟ ନିକଟରେ ଡେନମାର୍କ ଓପନ ଓ ଫ୍ରେଞ୍ଚ ଓପନରେ ଯଥାକ୍ରମେ ଦ୍ୱିତୀୟ ରାଉଣ୍ଡ ଓ କ୍ୱାର୍ଟରଫାଇନାଲରେ ପ୍ରବେଶ କରିପାରିଥିଲେ। ଏଠାରେ ସେ ତାଙ୍କ ଓପନିଂ ମ୍ୟାଚ ଫ୍ରାନ୍ସର ଥୋମାସ୍ ରକ୍ସେଲଙ୍କ ବିପକ୍ଷରେ ଖେଳିବେ। ଇଭେଣ୍ଟରେ ଭାଗ ନେଉଥିବା ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୂର୍ବତନ ଚାମ୍ପିୟନ ଶୁଭଙ୍କର ଦେ କୋରିଆର ଲି' ଡଙ୍ଗ୍ କେଉନ୍‌ଙ୍କୁ ଭେଟିବେ। ଏଚ୍.ଏସ୍. ପ୍ରଣୟ ଆୟର୍ଲାଣ୍ଡର ଏନ୍‌ହାଟ୍ ଏନ୍‌ଗୁୟେନ ଓ ସୌରଭ ବର୍ମା ଜର୍ମାନୀର ମାକ୍ସ ୱିସକିରଚେନ୍‌ଙ୍କ ସହ ମୁକାବିଲା କରିବେ। ପୁରୁଷ ଡବଲ୍ସରେ ଭାରତୀୟ ଯୋଡ଼ି ବି. ସୁମିତ ରେଡ୍ଡୀ ଓ ମନୁ ଅତ୍ରୀ ଏବଂ ମହିଳା ଡବଲ୍ସରେ ଅଶ୍ୱିନୀ ପୋନ୍ନାପା ଓ ଏନ୍. ସିକ୍ ରେଡ୍ଡୀ ଏହି ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି।


କିଡାମ୍ବି ଶ୍ରୀକାନ୍ତ

## ନିଶାନ୍ତ, ସଞ୍ଜୀତ କ୍ୱାର୍ଟରଫାଇନାଲରେ

**ବେଲଗ୍ରେଡ୍, ୧।୧୧ (ପି.ଟି.):** ଭାରତୀୟ ବକ୍ସର ନିଶାନ୍ତ ଦେବ (୭୧ କେଜି) ଓ ସଞ୍ଜୀତ (୯୨ କେଜି) ସେମାନଙ୍କ ବାଉଟରେ ପ୍ରଭାବୀ ବିଜୟ ସହ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଆଇବା) ପୁରୁଷ ବିଶ୍ୱ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମୁକାବିଲାରେ ନିଶାନ୍ତ ମେକ୍ସିକୋର ମାର୍କୋ ଅଲଭାରେଜ୍ ଭର୍ଡେଙ୍କୁ ୩-୨ରେ ପରାସ୍ତ କରିଛନ୍ତି। ବର୍ତ୍ତମାନ ସେ ରୁଷିଆର ଭାଦିମ ମୁସାଏଭଙ୍କୁ ଭେଟିବେ। ଗତଥରର କ୍ୱାର୍ଟରଫାଇନାଲିଷ୍ଟ ସଞ୍ଜୀତ ଜର୍ଜିଆର ଗିଓର୍ଗି ଚିଗ୍ଲେଡଙ୍କୁ ୪-୧ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଇଟାଲୀର ଅଜିଜ ଆବେସ୍ ମୋକ୍ଷିଦିନ୍‌ଙ୍କୁ ଭେଟିବେ। ଇଭେଣ୍ଟର ମୋଟ ପୁରସ୍କାର ରାଶି ୨.୬ ନିୟୁତ ଆମେରିକୀୟ ଡଲାର ରଖାଯାଇଛି। ସ୍ୱର୍ଣ୍ଣ ବିଜେତାଙ୍କ ଲାଗି ୧୦୦,୦୦୦ ଡଲାର, ରୌପ୍ୟ ବିଜେତାଙ୍କ ଲାଗି ୫୦,୦୦୦ ଡଲାର ଏବଂ ବ୍ରୋଞ୍ଜ ବିଜେତାଙ୍କ ଲାଗି ୨୫,୦୦୦ ଡଲାର ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। ଭାରତର ବିଭିନ୍ନ ଓଜନ ଶ୍ରେଣୀର ଜାତୀୟ ଚାମ୍ପିୟନ ବକ୍ସରମାନେ ଏହି ଚାମ୍ପିୟନଶିପ୍‌ରେ ଭାଗ ନେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ନଭେମ୍ବର ୨/୨୦୨୧ (୮+୮ପୃଷ୍ଠା)

Berhampur, Tuesday, November 2/2021




ଧରିତ୍ରୀ
DHARITRI
ମଙ୍ଗଳବାର, ୨ ନଭେମ୍ବର, ୨୦୨୧

**୧୨ରେ କଂଗ୍ରେସର ଓଡ଼ିଶା ବନ୍ଦ ଡାକରା**

**ଭୁବନେଶ୍ୱର,(ବ୍ୟୁରୋ):** ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଉଠାଇ ଆନ୍ଦୋଳନ ଜାରି ରଖିଛି କଂଗ୍ରେସ। ତୁରନ୍ତ ମନ୍ତ୍ରୀଙ୍କୁ ବହିଷ୍କାର ସହ ଗିରଫ ଦାବି କରି ଆସନ୍ତା ୧୨ ତାରିଖରେ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ନେଇ ପିସିସି ମୁଖପାତ୍ର ରଜନୀ ମହାନ୍ତି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।



## ଉପନିର୍ବାଚନ ଫଳାଫଳ ଆଜି

**ନୂଆଦିଲ୍ଲୀ,୧।୧୧**

୩ ଲୋକ ସଭା ଓ ୨୯ଟି ବିଧାନସଭା ଆସନରେ ଗତ ୩୦ ତାରିଖରେ ଅନୁଷ୍ଠିତ ନିର୍ବାଚନର ଭୋଟଗଣତି ମଙ୍ଗଳବାର କରାଯିବ। ଏଥିପାଇଁ ୧୩ ରାଜ୍ୟ ଏବଂ ଦାଦ୍ରା ଓ ନଗର ହାବେଳି ଅଧୀନ ସମ୍ପୃକ୍ତ ଆସନଗୁଡ଼ିକର ଭୋଟ ଗଣତି କେନ୍ଦ୍ରରେ କୋଭିଡ୍ କଟକଣା ସହ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। କେନ୍ଦ୍ରର ୩ କୃଷି ଆଇନ ପ୍ରତିବାଦରେ ହରିୟାଣା ବିଧାନସଭାର ସଦସ୍ୟତା ତ୍ୟାଗ କରିଥିବା ଆଇଏନ୍ଏଲ୍‌ଡି ନେତା ଅଭୟ ଚୌତାଲା, ହିମାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବୀରଭଦ୍ର ସିଂଙ୍କ ସ୍ତ୍ରୀ ପ୍ରତିଭା ସିଂ, ପୂର୍ବତନ ଫୁଟ୍‌ବଲ ଖେଳାଳି ଇୟୁଜେନେସନ ଲିଙ୍ଗ୍‌ଡୋ ଏବଂ ତେଲଙ୍ଗାନାର ପୂର୍ବତନ ମନ୍ତ୍ରୀ ଏତାଲା ରାଜେନ୍ଦ୍ରନ୍‌ଙ୍କ ଭଳି ପ୍ରମୁଖ ପ୍ରାର୍ଥୀଙ୍କ ଭାଗ୍ୟର ପେଡ଼ି ଫିଟିବ। ଲୋକ ସଭା ଆସନଗୁଡ଼ିକ ହେଲା ଦାଦ୍ରା ଓ ନଗର ହାଭେଳି, ହିମାଚଳ ପ୍ରଦେଶର ମଣ୍ଡି ଓ ମଧ୍ୟପ୍ରଦେଶର ଖଣ୍ଡୱା। ବିଧାନସଭା ଆସନଗୁଡ଼ିକ ମଧ୍ୟରେ ରହିଛି ଆସାମର ୫, ପଶ୍ଚିମବଙ୍ଗର ୪, ହିମାଚଳ, ମଧ୍ୟପ୍ରଦେଶ ଓ ମେଘାଳୟର ୩ଟି ଲେଖାଏ। ବିହାର, କର୍ଣାଟକ ଓ ରାଜସ୍ଥାନର ୨ଟି ଏବଂ ଆନ୍ଧ୍ରପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ମିଜୋରାମ ଓ ତେଲଙ୍ଗାନାର ଗୋଟିଏ ଲେଖାଏ ନିର୍ବାଚନମଣ୍ଡଳୀରେ ମଧ୍ୟ ଉପନିର୍ବାଚନ ହୋଇଛି।

## କଂଗ୍ରେସର ସଦସ୍ୟତା ଅଭିଯାନ ଆରମ୍ଭ

**ନୂଆଦିଲ୍ଲୀ,୧।୧୧**

କଂଗ୍ରେସ ପକ୍ଷରୁ ସୋମବାର ସାରା ଦେଶରେ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତିମାନେ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଆସନ୍ତା ବର୍ଷ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହା ଚାଲିବ। ଅନ୍‌ଲାଇନରେ ସଦସ୍ୟତା ପାଇଁ 'ଜଏନ୍ କଂଗ୍ରେସ ସେଭ୍ ଇଣ୍ଡିଆ' ଜରିଆରେ ଲୋକଙ୍କୁ ଦଳରେ ସାମିଲ ହେବା ପାଇଁ ଅନୁରୋଧ କରାଯାଇଛି। କୌଣସି ବ୍ୟକ୍ତି ୫ ଟଙ୍କା ପଇଠ କରି କଂଗ୍ରେସର ସଦସ୍ୟ ହୋଇପାରିବେ।

## ଏଥର ଲଢ଼ିବେନି ଅଖିଳେଶ



**ଲକ୍ଷ୍ନୌ,୧।୧୧**–ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଆଗାମୀ ୟୁପି ବିଧାନସଭା ନିର୍ବାଚନ ଲଢ଼ିବେ ନାହିଁ। ସେ ଦଳୀୟ ପ୍ରଚାର ଉପରେ ଫୋକସ୍ କରିବେ ବୋଲି ସୋମବାର ସୂଚନା ଦେଇଛନ୍ତି। ଆଜମଗଡ଼ ଏମ୍‌ପି ଅଖିଳେଶ କହିଛନ୍ତି, ଆସନ୍ତା ଫେବୃୟାରୀ–ମାର୍ଚ୍ଚ ଆଡ଼କୁ ହେବାକୁ ଥିବା ନିର୍ବାଚନରେ ସେ ପ୍ରଚାର ମଙ୍ଗ ଧରିବେ। ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ସହ ଏସ୍‌ପିର ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିବା ସେ କହିଛନ୍ତି। ଅଖିଳେଶଙ୍କ ମତରେ ଉତ୍ତର ପ୍ରଦେଶର ଜନତା ଏସ୍‌ପିକୁ କ୍ଷମତାସୀନ କରାଇବା ପାଇଁ ମନସ୍ଥ କରିଛନ୍ତି। ଦାଦା ଶିବପାଲ ଯାଦବଙ୍କ ପ୍ରଗତିଶୀଳ ସମାଜବାଦୀ ପାର୍ଟି ଏସ୍‌ପି ସହ ମେଣ୍ଟ କଲେ କିଛି ଆପତ୍ତି ନାହିଁ। ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯିବ ବୋଲି ଅଖିଳେଶ ସ୍ପଷ୍ଟ କରିଛନ୍ତି।

## ପଣଜୀରୁ ପାରିକରଙ୍କ ପୁଅ ଆଗ୍ରହୀ



**ପଣଜୀ,୧।୧୧**–ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରାକ୍ତନ ପ୍ରତିରକ୍ଷାମନ୍ତ୍ରୀ ସ୍ୱର୍ଗତ ମନୋହର ପାରିକରଙ୍କ ପୁଅ ଉତ୍ପଳ ପାରିକର ପଣଜୀ ଆସନରୁ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ମନ ବଳାଇଛନ୍ତି। ଉଚ୍ଚଶିକ୍ଷିତ ବ୍ୟବସାୟୀ ଉତ୍ପଳ କହିଛନ୍ତି, ବାପାଙ୍କ ପାରମ୍ପରିକ ଆସନରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିବା ପାଇଁ ଭାଜପାକୁ ଜଣାଇଦେଇଛନ୍ତି। ଟିକେଟ ମିଳିବା ନେଇ ସେ ଆଶାବାଦୀ। ପ୍ରକାଶ ଯେ, ୨୦୧୯ ମାର୍ଚ୍ଚରେ ପାରିକରଙ୍କ ପରଲୋକ ହେବା ପରେ ଉପନିର୍ବାଚନରେ ଏହି ହାଇପ୍ରୋଫାଇଲ ଆସନକୁ କଂଗ୍ରେସର ଆଟାନାସିଓ ମୋନ୍‌ସେରେଟ ଭାଜପା ହାତରୁ ଛଡ଼ାଇନେଇଥିଲେ। ମୋନ୍‌ସେରେଟ ପରବର୍ତ୍ତୀ ସମୟରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ।

# କେନ୍ଦ୍ର ଉପରେ ବର୍ଷିଲା ମହିଳା ବିଜେଡି



ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ଆଇଓସିଏଲ୍(ଇଣ୍ଡିଆନ ଅଏଲ) ଅଫିସ ସମ୍ମୁଖରେ ପ୍ରତିବାଦ।

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ଦରବୃଦ୍ଧି ପ୍ରସଙ୍ଗରେ ରବିବାର ରାଜଧାନୀରେ ଜୋର୍‌ଦାର ବିରୋଧ ପ୍ରଦର୍ଶନ କରିବା ପରେ ସୋମବାର ରାଜ୍ୟବ୍ୟାପୀ ବିଜେଡି ବିଦ୍ରୋହ କରିଛି। ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି। ଭୁବନେଶ୍ୱର ଜିଲା ସଭାପତି ସୁଶାନ୍ତ ରାଉତଙ୍କ ନେତୃତ୍ୱରେ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ବିଜୁ ମହିଳା ଜନତା ଦଳ ପକ୍ଷରୁ ହଜାର ହଜାର କର୍ମୀ ଆଇଓସିଏଲ୍(ଇଣ୍ଡିଆନ ଅଏଲ) ଅଫିସ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ଅହେତୁକ ଦରଦାମ୍ ବୃଦ୍ଧିର ପ୍ରତିବାଦ ସହ

### ଦରବୃଦ୍ଧିର ପ୍ରତିବାଦ

ଆନ୍ଦୋଳନ କରିଛନ୍ତି। ସୂର୍ଯ୍ୟକାନ୍ତି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଦରଦାମ୍ ବୃଦ୍ଧି ପ୍ରସଙ୍ଗକୁ ଦୃଢ଼ ନିନ୍ଦା କରାଯାଇଛି। ବହୁ ପୂର୍ବତନ ମହିଳା କର୍ପୋରେଟର ଗରିବଙ୍କ ହାଣ୍ଡିଶାଳ ଉପରକୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର କରୁଥିବା ମହଙ୍ଗା ମାଡ଼କୁ ଦୃଢ ବିରୋଧ କରିବା ସହ ଆସନ୍ତା ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି କହିଛନ୍ତି। ଏହି ଅବସରରେ ସୁଶାନ୍ତ ରାଉତ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆର୍ଥିକ ପରିଚାଳନାରେ ତ୍ରୁଟି ଯୋଗୁ ଗ୍ୟାସ୍ ଦର ୪୦୦ରୁ ୧୦୦୦, ପେଟ୍ରୋଲ ୭୦ରୁ ୧୧୦ ଟଙ୍କା, ଡିଜେଲ ୬୦ରୁ ୧୧୦ ଟଙ୍କା ଏବଂ ଖାଇବା ତେଲ ୨୦୦ ଟଙ୍କାରେ ପହଞ୍ଚିଛି। ଏଥିଯୋଗୁ ସାଧାରଣ, ଗରିବ ଏବଂ ମଧ୍ୟବିତ୍ତଙ୍କ ପେଟକୁ ଆକ୍ରମଣ କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ସମାନଭାବେ ରାଜ୍ୟର ବିଭିନ୍ନ ନିର୍ବାଚନ ନିର୍ବାଚନମଣ୍ଡଳୀରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଦରବୃଦ୍ଧି ନେଇ ଆନ୍ଦୋଳନ ଓ ପ୍ରତିବାଦ ସାଙ୍ଗକୁ ଜୋର୍‌ଦାର ବିରୋଧ କରାଯାଇଛି। ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀ ପକ୍ଷରୁ ଏଡିଏମ୍ କାର୍ଯ୍ୟାଳୟ ବାହାରେ ସମାନଭାବେ ପ୍ରତିବାଦ କରାଯାଇଛି।

## 'ନିର୍ବାଚନ ପ୍ରଚାର ଆଳରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟା ଚାଲିଛି'

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିନ୍ଦୁର ଫରୁଆ ଭିତରେ ରହୁଛନ୍ତି, ବାହାରକୁ ବାହାରୁନାହାନ୍ତି। ଓଡ଼ିଶାକୁ ଆସୁଥିବା କେନ୍ଦ୍ରମନ୍ତ୍ରୀଙ୍କୁ ନିଜ ଘରକୁ ଡାକି ଆଲୋଚନା କରୁଛନ୍ତି । ଅନ୍ୟପଟେ ରାଜନୀତି କରିବା ପାଇଁ ତାଙ୍କ ପାଖରେ ସମୟ ଅଛି ଏବଂ ଏଥିଲାଗି ପଦାକୁ ଆସୁଛନ୍ତି ବୋଲି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜୟନାରାୟଣ କହିଛନ୍ତି ଯେ, ନିର୍ବାଚନ ପ୍ରଚାର ଆଳରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବାଣ୍ଟିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲା ଗସ୍ତ କରୁଛନ୍ତି। ଏହି ଅବସରରେ ବୁଧବାର ସେ ସମ୍ବଲପୁର ଜିଲା କୁଚିଣ୍ଡା ଯାଉଛନ୍ତି। ଅତୀତରେ କୁଚିଣ୍ଡା ସମେତ ସମଗ୍ର ପଶ୍ଚିମ ଓଡିଶାବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଗସ୍ତ ପୂର୍ବରୁ ୨୨ଟି ପ୍ରଶ୍ନ ସେ ପଚାରିଛନ୍ତି। ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନୀରବତା ଅବଲମ୍ବନ କରିଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରାଇବା ପାଇଁ ଜୟନାରାୟଣ ଦାବି କରିଛନ୍ତି।



ଜୟନାରାୟଣ ମିଶ୍ର

## ଦିବ୍ୟଶଙ୍କରଙ୍କୁ କଂଗ୍ରେସର କଳାପତାକା

**ଗୋଲାମୁଣ୍ଡା,୧।୧୧(ଡି.ଏନ.ଏ.)**

ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ରାଜ୍ୟର ବିଭିନ୍ନ ଜିଲାରେ ବିକ୍ଷୋଭ ଜାରି ରହିଛି। ଏଭଳି ସ୍ଥିତିରେ ସୋମବାର ମନ୍ତ୍ରୀ ମିଶ୍ର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଗସ୍ତବେଳେ କଂଗ୍ରେସ ପକ୍ଷରୁ ତାଙ୍କୁ ଜୋର୍‌ଦାର ବିରୋଧ କରାଯାଇଛି। ମନ୍ତ୍ରୀ ମିଶ୍ର ଗୋଲାମୁଣ୍ଡା ବ୍ଲକ କରଞ୍ଜକୋଟଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ଯାଉଥିବା ବେଳେ କେଗାଁଠାରେ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ କଂଗ୍ରେସ କର୍ମୀମାନେ କଳାପତାକା ଏବଂ ଅଣ୍ଡାମାଡ଼ କରିବା ପାଇଁ କେଗାଁଠାରେ ପ୍ରସ୍ତୁତ ହୋଇ ରହିଥିବା ଜାଣି ପୋଲିସ ଆଗୁଆ ସେମାନଙ୍କୁ ଗିରଫ କରି ଅଟକ ରଖିଥିଲା। ତଥାପି କେଗାଁ ଥାନା ମୁଖ୍ୟ ରାସ୍ତା କଡରେ ଥିବାରୁ ଥାନା ଗେଟ ସାମ୍ନାକୁ ଆସି ଅଟକ ରହିଥିବା କଂଗ୍ରେସ କର୍ମୀମାନେ ମନ୍ତ୍ରୀଙ୍କ ଗାଡି ଅତିକ୍ରମ କରିବାବେଳେ କଳାପତାକା ପ୍ରଦର୍ଶନ କରିଥିଲେ। କଳା ପତାକା ପ୍ରଦର୍ଶନରେ କଂଗ୍ରେସ ଜିଲା ଯୁବ ସଭାପତି ସାଉଲ ମଙ୍ଗରାଜ, ବ୍ଲକ କାର୍ଯ୍ୟକାରୀ ସଭାପତି ନଉକେଶ୍ୱର ପୁଟେଲ, ମଣ୍ଟୁ ସାହୁ, ଡାକେ ଲହଜଲ, ଶରତ ଭୋଇ, ଲମ୍ବୁ ଜାଲ ଓ ଶତାଧିକ କଂଗ୍ରେସ କର୍ମୀ ଥିଲେ।



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରୁଛନ୍ତି।







ଧରିତ୍ରୀ
DHARITRI
ମଙ୍ଗଳବାର, ନଭେମ୍ବର ୨/୨୦୨୧ | Tuesday, November 2/2021 | ପୃଷ୍ଠା-୧




# କମର୍ସିଆଲ ଗ୍ୟାସ୍ ୨୭୦ ଟଙ୍କା ବଢ଼ିଲା

- ପାର୍ବଣରେ ଦର ବୃଦ୍ଧି ମାଡ଼
- ଡିସେମ୍ବର ପରଠାରୁ ୬୬୮.୫୦ ଟଙ୍କା ବଢ଼ିଲାଣି
- ମହଙ୍ଗା ହେବ ହୋଟେଲ, ରେଷ୍ଟୁରାଣ୍ଟ ଖାଇବା



**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

ଦୀପାବଳି ପୂର୍ବରୁ ତୈଳ ବିପଣନ କମ୍ପାନୀଗୁଡ଼ିକ ଖାଉଟିଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି। ଭୁବନେଶ୍ୱରରେ ୧୯ କେ.ଜି. କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ସୋମବାର ୨୭୦ ଟଙ୍କା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଯୋଗୁ ଏଠାରେ ସିଲିଣ୍ଡର ପିଛା ଦର ୨,୧୦୦ ଟଙ୍କା ଛୁଇଁଛି। ତେଲ ଦର ଲଗାତର ବୃଦ୍ଧି ହେଉଥିବା ବେଳେ ଗ୍ୟାସ ଦର ବୃଦ୍ଧି ଖାଉଟିଙ୍କ ଉପରେ ଗଭୀର ଚାପ ପକାଇଛି। ଅପରପକ୍ଷରେ ୧୪.୨ କିଲୋ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଦର ଅପରିବର୍ତ୍ତିତ ୯୨୬ ଟଙ୍କା ରହିଛି।

ନୂଆଦିଲ୍ଲୀରେ ଏହି ଦର ବର୍ତ୍ତମାନ ୨,୦୦୦.୫୦ ଟଙ୍କା ରହିଛି। ଏଠାରେ ୨୦୨୦ ଡିସେମ୍ବର ୩୧ରେ କମର୍ସିଆଲ ସିଲିଣ୍ଡର ଦର ୧,୩୩୨ ଟଙ୍କା ଥିଲା। ଅଦ୍ୟାବଧି କମର୍ସିଆଲ ସିଲିଣ୍ଡର ୬୬୮.୫୦ ଟଙ୍କା ମହଙ୍ଗା ହେଲାଣି। ସେହିଭଳି ମୁମ୍ବାଇରେ ଏହି ଦର ୧,୯୫୦, କୋଲକାତାରେ ୨,୦୭୩.୫୦ ଏବଂ ଚେନ୍ନାଇରେ ☞ପୃଷ୍ଠା-୪

## କ୍ରମାଗତ ୬ ଦିନ ଲାଗି ତୈଳ ଦର ବୃଦ୍ଧି

ଲଗାତର ୬ଷ୍ଠ ଦିନ ଲାଗି ତେଲ ଦର ବଢ଼ିଛି। ତୈଳ ବିପଣନ କମ୍ପାନୀଗୁଡ଼ିକ ସୋମବାର ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ ୩୭ ଏବଂ ୪୦ ପଇସା ଲେଖାଏ ବୃଦ୍ଧି କରିଛନ୍ତି। ଫଳରେ ଭୁବନେଶ୍ୱରରେ ଦର ଯଥାକ୍ରମେ ୧୧୦.୬୯ ଟଙ୍କା, ୧୦୭.୩୯ ଟଙ୍କା ରହିଛି। କଟକରେ ପେଟ୍ରୋଲ ୧୧୧.୦୭ ଏବଂ ଡିଜେଲ ୧୦୭.୭୫ ଟଙ୍କା ଛୁଇଁଛି। ଗତ ୭ ସପ୍ତାହରେ ଭୁବନେଶ୍ୱରରେ ପେଟ୍ରୋଲ ୮.୬୫ ଟଙ୍କା ଏବଂ ଡିଜେଲ ୧୦.୭୮ ଟଙ୍କା ବଢ଼ିଛି। ସାରା ଦେଶରେ ତେଲ ଦର ୩୧ରୁ ୩୬ ପଇସା ବଢ଼ିଛି। ଏହି ବୃଦ୍ଧି ପରେ ନୂଆଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୯.୬୯ ଟଙ୍କା ଏବଂ ଡିଜେଲ ଦର ୯୮.୪୨ ଟଙ୍କା ରହିଛି। ଦିଲ୍ଲୀରେ ପେଟ୍ରୋଲ ୮.୫୦ ଟଙ୍କା ଏବଂ ୯.୮୦ ଟଙ୍କା ଉର୍ଦ୍ଧ୍ୱରେ ରହିଛି। ଏହି ସମୟରେ ମୁମ୍ବାଇରେ ଏହି ଦର ଯଥାକ୍ରମେ ୧୧୫.୫୦ ଏବଂ ୧୦୬.୦୨ ଟଙ୍କାରେ ବିକ୍ରି ହେଉଛି। କୋଲକାତାରେ ଦର ଯଥାକ୍ରମେ ୧୧୦.୧୫ ଓ ୧୦୧.୫୬ ଟଙ୍କା ରହିଛି। ଚେନ୍ନାଇରେ ଏହି ଦର ୧୦୬.୩୫ ୧୦୨.୫୯ ଟଙ୍କା ଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି।

# ଜିଏସ୍‌ଟି ଆଦାୟ ୨୪% ବୃଦ୍ଧି

- ଅକ୍ଟୋବରରେ ୧.୩ ଲକ୍ଷ କୋଟି ସଂଗ୍ରହ
- ଏପ୍ରିଲ ପରେ ଦ୍ୱିତୀୟ ସର୍ବାଧିକ
- ଓଡ଼ିଶାରେ ୩୫୯୩ କୋଟି ଆଦାୟ

**ନୂଆଦିଲ୍ଲୀ, ୧।୧୧**

୨୦୨୦ ଅକ୍ଟୋବର ତୁଳନାରେ ଚଳିତବର୍ଷ ଅକ୍ଟୋବରରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ୨୪% ବୃଦ୍ଧି ଘଟି ୧.୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ସେହିପରି ୨୦୧୯ ଅକ୍ଟୋବର ତୁଳନାରେ ଏହି ପରୋକ୍ଷ ଟିକସ ଆଦାୟ ୩୬% ଉର୍ଦ୍ଧ୍ୱରେ ରହିଛି। ୨୦୧୭ରେ ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ଏହା ଦ୍ୱିତୀୟ ସର୍ବାଧିକ ଟିକସ ଆଦାୟ। ଚଳିତ ବର୍ଷ ଏପ୍ରିଲରେ ୧.୪ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିବାକୁ ସରକାର ସକ୍ଷମ ହୋଇଥିଲେ। ସେହିଭଳି ଓଡ଼ିଶାରେ ଅକ୍ଟୋବରରେ ୩୫୯୩ କୋଟି ଟଙ୍କାର ପରୋକ୍ଷ ଟିକସ ଆଦାୟ ହୋଇଛି। ଗତ ବର୍ଷ ଅକ୍ଟୋବରରେ ଏହା ୨୪୧୯ କୋଟି ଟଙ୍କା ରହିଥିଲା। ଏହାକୁ ଦେଖିଲେ ଓଡ଼ିଶାରେ ଟିକସ ଆଦାୟ ୪୯% ବୃଦ୍ଧି ଘଟିଛି। ☞ପୃଷ୍ଠା-୪

# ଦୀପାବଳିରେ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

- ସିଂହଦ୍ୱାର ସମ୍ମୁଖରେ କାଉଁରିଆ କାଠି ଜାଳିବା ମନା
- ଜାରି ହେବ ୧୪୪ ଧାରା

**ପୁରୀ ଅଫିସ,୧।୧୧**

ଆସନ୍ତା ଦୀପାବଳି ଦିନ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ଶ୍ରୀମନ୍ଦିର ଚାରିପାଖରେ ୧୪୪ ଧାରା ଜାରି ହେବ। ସେହିପରି ସିଂହଦ୍ୱାର ସମ୍ମୁଖରେ କାଉଁରିଆ କାଠି ଜାଳିବା ଓ ଗୟା ଶ୍ରାଦ୍ଧ ଉପରେ ଜିଲା ପ୍ରଶାସନ କଟକଣା ଜାରି କରିଛି। କୋଭିଡ୍ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ସୋମବାର ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

ଦୀପାବଳିରେ ପୁରୀ ଜିଲା ସମେତ ଜିଲା ବାହାରର ଲୋକେ ଶ୍ରୀମନ୍ଦିର ସମ୍ମୁଖରେ କାଉଁରିଆ କାଠି ଜାଳିବା ଓ ଶ୍ରାଦ୍ଧ ଦେଇଥାନ୍ତି। ଫଳରେ ଗହଳି ହୋଇଥାଏ। ତେବେ ଚଳିତବର୍ଷ କୋଭିଡ୍‌କୁ ଦୃଷ୍ଟିରେ ରଖି ଏସବୁ ଉପରେ ପ୍ରଶାସନ କଟକଣା ଜାରି କରିଛି। ଗହଳି ହେଲେ କୋଭିଡ୍ ସଂକ୍ରମଣ ବ୍ୟାପିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ପ୍ରଶାସନର ଏଭଳି ନିଷ୍ପତ୍ତିରେ ସହରବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ହଜାର ହଜାର ଲୋକ ଦର୍ଶନ ପାଇଁ ଏକାଠି ହେଉଥିବାବେଳେ କାଉଁରିଆ କାଠି ଜାଳିବାରେ ଅସୁବିଧା କେଉଁଠି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେବେ ଏ ନେଇ ଉପଜିଲାପାଳ ସାହୁ କହିଛନ୍ତି, କୋଭିଡ୍ ସଂକ୍ରମଣ ଏବେ କମ୍ ରହିଥିଲେ ମଧ୍ୟ ପ୍ରଶାସନ କୌଣସି ପ୍ରକାର ଆଶଙ୍କାକୁ ସୁଯୋଗ ଦେବାକୁ ଚାହୁଁନାହିଁ। ତେଣୁ ଶ୍ରୀମନ୍ଦିରରେ ☞ପୃଷ୍ଠା-୪



## ସଂକ୍ଷେପରେ

### ଗଞ୍ଜାମ ଜିଲ୍ଲାର ସବୁ ଥାନାରେ ଲାଗିବ ସିସିଟିଭି

ଛତ୍ରପୁର,୧।୧୧(ଡି.ଏନ୍.ଏ.):ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗଞ୍ଜାମ ଜିଲାର ସମସ୍ତ ଥାନାରେ ସିସିଟିଭି ଲଗାଇବା ଉପରେ ରାଜସ୍ୱ କମିଶନର୍ (ଦକ୍ଷିଣାଞ୍ଚଳ) ଟି. ଆଓ ଗୁରଦ୍ୱାରୋପ କରିଥିଲେ। ସୋମବାର ଗଞ୍ଜାମ ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ପୋଲିସ ଜିଲା ଅଧିନରେ ଥିବା ୨୩ଟି ଥାନା ଓ ବ୍ରହ୍ମପୁର ପୋଲିସ ଜିଲା ଅଧିନରେ ଥିବା ୧୪ଟି ଥାନାରେ ସିସିଟିଭି ଲଗାଇବା ପାଇଁ ରାଜସ୍ୱ କମିଶନର୍ କହିଥିଲେ । କେତେକ ଥାନାରେ ମାନବାଧିକାର କ୍ଷୁର୍ଣ୍ଣ ହେଉଥିବା ଅଭିଯୋଗ ଉଚ୍ଚତମ ନ୍ୟାୟାଳୟଙ୍କ ନଜରକୁ ଆସୁଛି । ତେଣୁ ଏପରି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ପିନାକୀ ମିଶ୍ର, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ ଓ ସମସ୍ତ ପଞ୍ଚାୟତ ସମିତିର ଅଧକ୍ଷ ଯୋଗ ଦେଇଥିଲେ ।

### କୃଷି ରଥ ଶୁଭାରମ୍ଭ

ଗଞ୍ଜାମ/ବେଗୁନିଆପଡ଼ା, ୧।୧୧ (ଡି.ଏନ.ଏ.):ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସୋମବାର ଗଞ୍ଜାମ ବ୍ଲକ କୃଷି ରଥର ଶୁଭାରମ୍ଭ କରିଛନ୍ତି ।। ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଜିଲା କୃଷି ଅଧିକାରୀ ବିଦୁର ସେଠ ମାଝୀ, ବ୍ଲକ କୃଷି ଅଧିକାରୀ ସୌମ୍ୟ ରଞ୍ଜନ ସାହୁ, ଅଜିତ କୁମାର ବରାଳ, ଗଞ୍ଜାମ ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଉପାଧକ୍ଷା ପ୍ରତିନିଧି ରଙ୍କନିଧି ପ୍ରଧାନ, ପୂର୍ବତନ ଏନ୍‌ଏସି ଉପାଧକ୍ଷ ନୀଳାଞ୍ଚଳ ବାରିକି ପ୍ରମୁଖ ଉପସ୍ଥିତ ଥିଲେ। ଏହି କୃଷି ରଥ ବ୍ଲକର ବିଭିନ୍ନ ପଞ୍ଚାୟତ ବୁଲି କୃଷି ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରାଇବ ବୋଲି ଏଗ୍ରିକଲଚର ଅଫିସ ପକ୍ଷରୁ କୁହାଯାଇଛି। ସେହିପରି ବେଗୁନିଆପଡ଼ା ବ୍ଲକରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କୃଷି ରଥ ଉଦ୍‌ଘାଟନ କରିଛନ୍ତି। ଏଥିସହ ଚଢେୟା ଚଢେୟାଣୀ ନାଚ ମାଧମରେ ମଧ ସଚେତନ କରାଯାଇଥିଲା। ବ୍ଲକ ଅଧକ୍ଷା ପ୍ରତିନିଧି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ସହକାରୀ ଜିଲା କୃଷି ଅଧିକାରୀ ରାମ ଶଙ୍କର ରାଓ, ବ୍ଲକ କୃଷି ଅଧିକାରୀ ରାମଲାଲ ସମଦ ପ୍ରମୁଖ ଉପସ୍ଥିତ ଥିଲେ।

### ପାରିତୋଷିକ ବୃଦ୍ଧି ନେଇ କନିଷ୍ଠ ଶିକ୍ଷକଙ୍କ ସ୍ମାରକ ପତ୍ର

ଧରାକୋଟ,୧।୧୧(ଡି.ଏନ୍.ଏ.): ଧରାକୋଟ ବ୍ଲକର କନିଷ୍ଠ ଶିକ୍ଷକମାନଙ୍କ ପାରିତୋଷିକ ବୃଦ୍ଧି ଏବଂ ଚୁକ୍ତିଭିତ୍ତିକ ନିୟମରେ ଅନ୍ତର୍ଭୁକ୍ତ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସ୍ଥାନୀୟ ବିଡିଓ ଓ ବିଇଓଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘ ଚାରି ବର୍ଷ ଧରି କନିଷ୍ଠ ଶିକ୍ଷକମାନେ ସରକାରୀ କାର୍ଯ୍ୟରେ ଯୋଗଦେଇଥିଲେ ମଧ ଦରମା ବୃଦ୍ଧି ନ ହେବା ଏବଂ ଗତ ୧୧ରେ କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ସୁବିଧା ସୁଯୋଗ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ତୁରନ୍ତ ପ୍ରଦାନ କରିବା, କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଅତି କୁଶଳୀ ହୋଇଥିବାରୁ ସର୍ବନିମ୍ନ ଦରମା ୧୬ହଜାର ଟଙ୍କା ପ୍ରଦାନ କରିବା ସହ ଏହାକୁ ପିଛିଲା ଭାବେ ୨୦୧୬ରୁ ଲାଗୁ କରିବା ପାଇଁ ସଂଘର ଦାବି ରହିଛି । ଦାବି ପୂରଣ ନ ହେଲେ ସଂଘ ରାଜ ରାସ୍ତାକୁ ଓହ୍ଲାଇବା ସହ ଭୁବନେଶ୍ୱରସ୍ଥିତ ସଚିବାଳୟ ସମ୍ମୁଖରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ସଂଘର ସଭାପତି ତୁଷାରକାନ୍ତ ମଲ୍ଲିକ, ସମ୍ପାଦକ ପ୍ରଦୀପ କୁମାର ନାୟକ, ଉପସଭାପତି ଗୁରୁ ଚରଣ ସ୍ୱାଇଁ ମିଳିତ ବିବୃତି ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସ୍ତରର କାର୍ଯ୍ୟରତ ୨୧ ଜଣ କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

### ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା

ବୁଗୁଡ଼ା,୧।୧୧(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ମିଶନ ଶକ୍ତି ତରଫରୁ ସ୍ଥାନୀୟ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବିପିଏମ୍ ଗଙ୍ଗାଧର ମିଶ୍ର, ବିପିସି ସାନୁଜ ଜେନା, ସିଡିପିଓ ରଞ୍ଜିତା ତ୍ରିପାଠୀ, ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପରିଚାଳକ ପବିତ୍ର କୁମାର ହୋତା, ଏକ୍ସିସ୍ ବ୍ୟାଙ୍କ୍ କ୍ଷେତ୍ରାଧିକାରୀ ସରୋଜ ଶୁଭକାନ୍ତ ସ୍ୱାଇଁ, ଅଞ୍ଚଳ ପରିଦର୍ଶିକା ନଳିନୀ ମହାରଣା ଓ ସରସ୍ୱତୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସମନ୍ୱୟ ମେଳାର ଆବଶ୍ୟକତା ଓ ଏସଏଚଜି ମହିଳାମାନେ ବ୍ୟାଙ୍କରୁ ଋଣ ନେଇ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ୯୧ଟି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀକୁ ୧ କୋଟି ୮୪ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ଏଥିରେ ଶତାଧିକ ମହିଳା ଯୋଗ ଦେଇଥିଲେ।

# ମାଟି ବଦଳରେ ଇଲେକ୍ଟ୍ରିକ୍ ଦୀପର ଚାହିଦା

ଗିରିଧାରୀ ପରିଛା
ପାରଳାଖେମୁଣ୍ଡି,୧।୧୧ (ଡି.ଏନ୍.ଏ.)



କୁମ୍ଭକାରଙ୍କ ଦ୍ୱାରା ପ୍ରସ୍ତୁତ ମାଟିଦୀପ ।

ପାଖେଇ ଆସୁଛି ଆଲୋକର ପର୍ବ ଦୀପାବଳି। ରଙ୍ଗିନ ଆଲୋକର ସଜ୍ଜା ସହିତ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପ ଜାଳି ଆତ୍ମାର ସଦ୍‌ଗତି କାମନା କରନ୍ତି। ସମୟ ବଦଳିବା ସହ ବଦଳିଛି ଗ୍ରାହକଙ୍କ ଚାହିଦା । ଏବେ ମାଟି ଦୀପର ସ୍ଥାନ ନେଇଛି ଇଲେକ୍ଟ୍ରିକାଲ ଦୀପ ଲିଟୁ। ଅନ୍ୟ ପଟେ କରୋନା କଟକଣା ଯୋଗୁ ଦୀପାବଳିର ବାଣ ଫୁଟାଇବା ଓ ବିକ୍ରି ଉପରେ ସରକାର କଟକଣା ଲଗାଇଛନ୍ତି। ତେଣୁ ଲୋକେ ମାଟିଦୀପ କିଣିବାରେ ଆଉ ସେତେଟା ଆଗ୍ରହ ଦେଖାଉ ନାହାନ୍ତି। ଗୋଟିଏ ପଟେ କରୋନାରେ ଜୀବନ ଜୀବିକା ହରାଇ ପେଷି ହେଉଛନ୍ତି ପାରଳାଖେମୁଣ୍ଡିର କୁମ୍ଭକାର। ତଥାପି ଦୀପାବଳିରେ କିଛି କୁମ୍ଭାର ଦୀପ ବିକି କରୋନାର କୋରଡା ମାଡ଼ରୁ କିଛିଟା ତ୍ରାହି ପାଇବା ପାଇଁ ଆଶା ରଖିଛନ୍ତି। ବର୍ତ୍ତମାନ କୁମ୍ଭାର ସମ୍ପ୍ରଦାୟର ଅନେକ ପରିବାର ନିଜ କୁଳବୃତ୍ତି ଛାଡି ଅନ୍ୟ ବୃତ୍ତି ଆପଣେଇଲେଣି ତ ଆଉକିଛି ନିଜ ଭୋକ ମେଣ୍ଟେଇବା ପାଇଁ ଦାଦନ ସାଜି ପଡ଼ୋଶୀ ଆନ୍ଧ୍ର, ତାମିଲନାଡୁ, କୋଲକାତା ଚାଲିଗଲେଣି। ପୂର୍ବେ ପାରଳାଖେମୁଣ୍ଡିର ୨୦୦ରୁ ଅଧିକ ପରିବାର ମାଟିରେ ସାମଗ୍ରୀ ତିଆରି କରି ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ଏବେ ଆର୍ଥିକ ସ୍ଥିତିକୁ ସୁଧାରିବାକୁ ନିଜ କୌଳିକ ବୃତ୍ତିରୁ ଦୂରେଇ ଜନ୍ମମାଟି ଛାଡ଼ି କେବଳ ହାତଗଣତି କିଛି ପରିବାର ରହିଛନ୍ତି। ପୂର୍ବରୁ ଦୀପାବଳି ଆସିଲେ ପାରଳାଖେମୁଣ୍ଡିର କୁମ୍ଭାର ବିଭିନ୍ନ ରଙ୍ଗବେରଙ୍ଗର ଦୀପ ସହ କୁମ୍ଭି ହାଣ୍ଡି, ମଥାପି, ବିଜୁଳି ଆଦି ବାଣ ସାମଗ୍ରୀ କରି ବର୍ଷସାରା ଅଚିନ୍ତାରେ ଚଳିପାରିବା ଭଳି ରୋଜଗାର କରିପାରୁଥିଲେ। ଆନ୍ଧ୍ରରୁ ଶହ ଶହ ଲୋକେ ପାରଳାଖେମୁଣ୍ଡିକୁ ଦୀପାବଳିରେ ମାଟି ସାମଗ୍ରୀ କିଣିବା ପାଇଁ ଆସୁଥିଲେ । ଏବେ ଆଉ ସେ ଉତ୍ସାହ ଦେଖିବାକୁ ମିଳୁନି। ସମୟ ଏମିତି ହେଇଛି, ଯେଉଁ କିଛି ପରିବାର ମାଟି ତିଆରି ଦୀପ ଓ ଅନ୍ୟାନ୍ୟ ସାମଗ୍ରୀ କରିଛନ୍ତି, ତାହା ବିକ୍ରି ହୋଇପାରିବ କି ନାହିଁ ବୋଲି ଆଶଙ୍କାରେ ଅଛନ୍ତି । କୁମ୍ଭାରମାନେ ନିଜ କାରିଗରି କଳାର ପ୍ରଚାର ପ୍ରସାର ଏବଂ ଆର୍ଥିକ ସହାୟତା ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଆବଶ୍ୟକ ବୋଲି କୁମ୍ଭାର ଲୋକନାଥ ବେହେରା, ରାମଚନ୍ଦ୍ର ବେହେରା, ଯୁଗଳ ବେହେରା, ତପନ ବେହେରା, ଗଣେଶ ବେହେରା ପ୍ରମୁଖ କହିଛନ୍ତି। ନଚେତ୍ ଆଗାମୀ ଦିନରେ କୁମ୍ଭାରମାନଙ୍କ କୌଳିକ ବୃତ୍ତି ଧୀରେ ଧୀରେ ଲୋପ ପାଇଯିବ।

## ମୁଣ୍ଡମରାଇରେ କୋଠିଶାଳ ପର୍ବ ଉଦ୍‌ଯାପିତ

ଧରାକୋଟ,୧।୧୧(ଡି.ଏନ୍.ଏ.)



ଗଞ୍ଜାମ ଜିଲାର ବହୁ ପୁରାତନ କୋଠିଶାଳ ଯାତ୍ରା ମୁଣ୍ଡମରାଇରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଣ୍ଡମରାଇ ଗ୍ରାମବାସୀ ଓ ଯୁବଗୋଷ୍ଠୀ ଏବଂ କୋଠିଶାଳ ପୂଜା କମିଟିର ମିଳିତ ସହଯୋଗରେ ଏହି ପର୍ବ ଅନୁଷ୍ଠିତ ହୋଇଯାଇଛି। ଦଶହରାଠାରୁ ଆରମ୍ଭ ହୋଇଥିବା ପର୍ବ କାର୍ତ୍ତିକ ମାସ ସୋମବାର ଉଦ୍‌ଯାପନୀ ହୋଇଥିଲା। ଏଥିରେ ଯୋଗଦେଇ ପୁରାଣ ଶାସ୍ତ୍ର ଉପରେ ତର୍କକରି ଦର୍ଶକ ତଥା ସ୍ରୋତାଙ୍କୁ ମନୋରଞ୍ଜନ ଯୋଗାଇବା ସହ ହଜିଯାଉଥିବା ଲୋକନୃତ୍ୟ ଏବଂ ପରମ୍ପରାର ଯାତ୍ରା ବଜାୟ ରଖିବା ନେଇ ଆଗ୍ରହ ଦେଖାଇବା ପାଇଁ ସହଯୋଗ କାମନା କରିଥିଲେ। ଉଦ୍‌ଯାପନୀ ପର୍ବରେ ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ଆସିକା ଏମ୍ପି ପ୍ରମିଳା ବିଷୋୟୀ, ବ୍ଲକ ଅଧକ୍ଷା ରୀନା ଗୌଡ଼ ଯୋଗଦେଇଥିଲେ। ଏହାସହ ଧରାକୋଟ ଅଞ୍ଚଳର ତାଳପାଟଣା, ଘୋଡାପଲୀ, ପଳ ଉପଲୀ ସହ ବିଭିନ୍ନ ଗ୍ରାମରେ କୋଠିଶାଳ ପର୍ବ ବିଧିବିଧାନ ଅନୁଯାୟୀ ଶେଷ ହୋଇଛି।

## ସ୍ୱତନ୍ତ୍ର ନାଟ୍ୟ କର୍ମଶାଳା ଆୟୋଜିତ

ପାରଳାଖେମୁଣ୍ଡି,୧।୧୧(ଡି.ଏନ୍.ଏ.):

ପାରଳାଖେମୁଣ୍ଡି ଅଗ୍ରଣୀ ନାଟ୍ୟ ସଙ୍ଗଠନ କ୍ରିଏଟିଭ ଆର୍ଟସ ଦ୍ୱାରା ସ୍ଥାନୀୟ କବିଚନ୍ଦ୍ର ସାହି ସ୍ଥିତ କବିଚନ୍ଦ୍ର ପାଠାଗାରଠାରେ ଏକ ସ୍ୱତନ୍ତ୍ର ନାଟ୍ୟ କାର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ ଯୋଗ ଦେଇ ଓଡ଼ିଆ ନାଟକ ଇତିହାସରେ ପାରଳାର ଭୂମିକା, ଆଧୁନିକ ଓଡ଼ିଆ ନାଟକ, ଭାରତୀୟ ନାଟକ ଶୈଳୀ ଓ ବିଶ୍ୱର ବିଭିନ୍ନ ଦେଶର ନାଟକର ବିଷୟବସ୍ତୁକୁ ବୁଝାଇଥିଲେ। ସେହିପରି ଫ୍ରାନ୍ସ, ଇଟାଲୀ, ସୁଇଜରଲ୍ୟାଣ୍ଡ, ଫିନଲ୍ୟାଣ୍ଡ ଆଦି ଦେଶର କଳାକାର ଆଉ ଦର୍ଶକ ଓ ଆମ ଦେଶରେ କଳାକାର, ଦର୍ଶକଙ୍କ ମଧ୍ୟରେ କିପରି ପ୍ରଭେଦ ରହିଛି ଆଲୋଚାନା କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଟ୍ୟକାର ତଥା ନିର୍ଦ୍ଦେଶକ ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ, କ୍ରିଏଟିଭ ଆର୍ଟସର ସଭାପତି ନୃସିଂହ ଚରଣ ପଟନାୟକ, ନିର୍ଦ୍ଦେଶକ ଅର୍ଜୁନ ନାୟକ, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦୁଇଟି ପର୍ଯ୍ୟାୟରେ ଆୟୋଜନ ହୋଇଥିଲା। ଉଭୟ ପର୍ଯ୍ୟାୟକୁ ଅନୁଷ୍ଠାନର ସମ୍ପାଦକ ମନୋଜ ପାଢ଼ୀ ସଂଯୋଜନା କରିଥିଲେ, କ୍ରିଏଟିଭ ଆର୍ଟସ ପକ୍ଷରୁ ନାଟ୍ୟକାର ସୁବୋଧଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ରାଜପଥରେ କାର୍‌କୁ ଦୁର୍ବୃତ୍ତଙ୍କ ଟେକାମାଡ଼

ଦାରିଙ୍ଗବାଡ଼ି,୧।୧୧(ଡି.ଏନ.ଏ)



ଦାରିଙ୍ଗବାଡ଼ି ଥାନା ଜାତୀୟ ରାଜପଥର ଗୁଡ଼ିବାଲି ଛକଠାରେ ଦୁର୍ବୃତ୍ତମାନେ ଏକ କାର ଉପରକୁ ଟେକାମାଡ଼ କରିଛନ୍ତି। ରବିବାର ବିଳମ୍ବିତ ରାତିରେ କ.ନୂଆଗାଁ ଅଞ୍ଚଳରୁ ଏକ କାର୍ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ହଠାତ ଗୁଡ଼ିବାଲି ଛକରେ ଉକ୍ତ କାରକୁ ଦୁର୍ବୃତ୍ତମାନେ ଟେକାମାଡ଼ କରିଥିଲେ। ଫଳରେ ଚାଳକ ଭୟଭିତ ହୋଇପଡ଼ିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଶବ୍ଦ ଶୁଣି ସେଠାରୁ ଦୁର୍ବୃତ୍ତମାନେ ଦୌଡ଼ି ପଳାଇଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଏକ କାର ଆସି ଅଟକି ସେମାନଙ୍କ ଅବସ୍ଥା ପଚାରି ବୁଝିଥିଲେ। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ କହିଛନ୍ତି। ସୂଚନାଯୋଗ୍ୟ, ୨ ବର୍ଷ ତଳେ ମଧ ଏଭଳି ଏକ ବରଯାତ୍ରୀ ଗାଡ଼ିକୁ ଦୁର୍ବୃତ୍ତମାନେ ଟାର୍ଗେଟ କରି ଟେକାମାଡ଼ କରିଥିଲେ। ତେବେ ଶୀଘ୍ର ପୋଲିସ ଦୁର୍ବୃତ୍ତମାନଙ୍କୁ ଖୋଜି ବାହାର କରିବା ପାଇଁ ସାଧାରଣରେ ଦାବି ହୋଇଛି । ନ ହେଲେ ପର୍ଯ୍ୟଟକ ଦାରିଙ୍ଗବାଡ଼ି ଆସିବାକୁ ଭୟ କରିବେ ବୋଲି ମତପ୍ରକାଶ ପାଇଛି।

## ଦାୟିତ୍ୱ ନେଲେ ୪ ପ୍ରଶାସନିକ ଅଧିକାରୀ


ରଞ୍ଜନ ପୃଷ୍ଟି


ନୀଳ ମାଧବ ଭୋଇ


ସାରଦା ପ୍ରସନ୍ନ ପଣ୍ଡା


ପ୍ରକାଶ କୁମାର ମିଶ୍ର

ଛତ୍ରପୁର,୧।୧୧(ଡି.ଏନ୍.ଏ.)

ଗଞ୍ଜାମ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଭାବେ ପ୍ରିୟରଞ୍ଜନ ପୃଷ୍ଟି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହାପୂର୍ବରୁ ଛତ୍ରପୁର ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ଛତ୍ରପୁର ଉପଜିଲାପାଳ ଭାବେ ନୀଳମାଧବ ଭୋଇ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହାପୂର୍ବରୁ ଛତ୍ରପୁର ତହସିଲଦାର ରହିଥିଲେ। ଛତ୍ରପୁର ପୂର୍ବତନ ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଛତ୍ରପୁର ବିଡିଓ ଭାବେ ସାରଦା ପ୍ରସନ୍ନ ପଣ୍ଡା ମଧ ଦାୟିତ୍ୱ ଗ୍ରହଣ କରଛନ୍ତି। ଏହାପୂର୍ବରୁ ସେ ଗଜପତି ଜିଲା ମୋହନା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ । ସେହିପରି ଛତ୍ରପୁର ତହସିଲଦାର ଭାବେ ପ୍ରକାଶ କୁମାର ମିଶ୍ର ମଧ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ କବିସୂର୍ଯ୍ୟନଗର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ।

## ୫ରେ ବାଜିବ ସୁନାମି ସାଇରନ, ମକଡ୍ରିଲ

ଛତ୍ରପୁର,୧।୧୧(ଡି.ଏନ୍.ଏ.):

ଭାରତ ମହାସାଗର ସ୍ତରୀୟ ସୁନାମୀ ପ୍ରସ୍ତୁତି କାର୍ଯ୍ୟକ୍ରମ ଅନ୍ତର୍ଗତ ସୁନାମୀ ମକ୍‌ଡ୍ରିଲ ନିମନ୍ତେ ଗଞ୍ଜାମ ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରିୟରଞ୍ଜନ ପୃଷ୍ଟିଙ୍କ ଅଧକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାର ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଓ ଚିକିଟି ବ୍ଲକ ସୁନାମୀ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି । ଓସ୍‌ଡମାର ନିର୍ଦ୍ଦେଶାବଳୀ ଅନୁଯାୟୀ, ଆଇଓଟିଆର୍ ନିୟମ ପ୍ରକାରେ ସୁନାମୀ ଉପରେ ଆସନ୍ତା ୫ ତାରିଖରେ ଜିଲାର ଉପରୋକ୍ତ ୪ ବ୍ଲକର ୧୨ଟି ଗ୍ରାମ ଓ ଗୋପାଳପୁର ଏନ୍‌ଏସିର ଗୋଟିଏ ୱାର୍ଡରେ ଜନ ସଚେତନତା ନିମନ୍ତେ ମକଡ୍ରିଲ କରାଯିବ। ଏହାପୂର୍ବରୁ ସଚେତନତା କାର୍ଯ୍ୟକ୍ରମ ବିଷୟରେ ସେଠାକାର ଲୋକଙ୍କୁ ଅବଗତ କରାଯିବ । ସୁନାମୀ ପ୍ରସ୍ତୁତି ସମ୍ପର୍କରେ ପ୍ରାଚୀରରେ ଚିତ୍ର ମାଧ୍ୟମରେ, ପୋଷ୍ଟର, ଲୋକନୃତ୍ୟ, ପାଲା, ଦାଶକାଠିଆ ମାଧ୍ୟମରେ ମଧ ସଚେତନ କରାଯିବ। ଜିଲାର ଭେଙ୍କଟରାୟପୁର ମଧ ସୁନାମୀ ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ଆଇ.ଏନ.ସି.ଓ.ଆଇ.ଏସ. ୫ ତାରିଖ ପୂର୍ବାହ୍ନ ସାଢ଼େ ୯ଟାରେ ଡମି ସୁନାମୀ ବୁଲେଟିନ ପ୍ରେରଣ କରିବ। ଏସ.ଇ.ଓ.ସି. ସାଇରନ ବଜାଇ ସମସ୍ତଙ୍କୁ ସତର୍କ ବାର୍ତ୍ତା ଦେବ। ଏହାପରେ ଏହି ବାର୍ତ୍ତାକୁ ଫୋନ, ଇ-ମେଲ, ଫ୍ୟାକ୍ସ ଜରିଆରେ ସମସ୍ତ ବ୍ଲକକୁ ପ୍ରେରଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଓଡ୍ରାଫ ଟିମ, ଅଗ୍ନିଶମ ସେବା ବାହିନୀ ମକ ଡ୍ରିଲ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିବେ ।

## ୫ ମାସ ହେଲା ଗାଁ ବାହାରେ ପରିବାର

ଛତ୍ରପୁର,୧।୧୧(ଡି.ଏନ୍.ଏ.)

### ରାସ୍ତା କାମକୁ ନେଇ ଆକ୍ରମଣ, ନ୍ୟାୟ ପାଇଁ ଗୁହାରି


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପରିବାର।

ରାସ୍ତା କାମକୁ ନେଇ ଆକ୍ରମଣ କରାଯିବାରୁ ଛତ୍ରପୁର ବ୍ଲକ ଅଗସ୍ତିନୂଆଗାଁର ଶଶି ତରେଇଙ୍କ ପରିବାର ୫ ମାସ ହେଲେ ଗାଁ ବାହାରେ ରହୁଛନ୍ତି। ନ୍ୟାୟ ପ୍ରଦାନ ପାଇଁ ଉକ୍ତ ପରିବାର ସୋମବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଗୁହାରି କରିଛନ୍ତି। ସେମାନେ କହିଛନ୍ତି, ରାସ୍ତା କାମକୁ ନେଇ ଗତ ଏପ୍ରିଲ ୨୪ ତାରିଖରେ ଗାଁର କେତେଜଣ ଯୁବକ ଶିଶିଙ୍କ ଘରେ ପଶି ସଂଘବଦ୍ଧ ଭାବେ ଦୁଇ ପୁଅ ସନ୍ତୋଷ ଓ ପ୍ରଶାନ୍ତଙ୍କୁ ମାଡ଼ ମାରିବା ସହ ବାଇକ୍ ଭଙ୍ଗାରୁଜା କରିଥିଲେ। ଘରେ ଥିବା ଟଙ୍କା, ସୁନା ଅଳଙ୍କାର ମଧ ସେମାନେ ନେଇଯାଇଥିବା ଘଟଣାର ପରଦିନ ଅର୍ଥାତ୍ ୨୫ ତାରିଖରେ ଗଞ୍ଜାମ ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେବେ ଏ ପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ଗାଁରେ ରହିଲେ ଘରଦ୍ୱାର ଭାଙ୍ଗି ଦେବାକୁ ଧମକ ଦିଆଯାଇଥିବାରୁ ଶଶିଙ୍କ ପରିବାର ଦୟନୀୟ ଅବସ୍ଥାରେ ଗଞ୍ଜାମ ସହରରେ ରହିବାକୁ ବାଧ ହେଉଛନ୍ତି। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଛତ୍ରପୁର ଅଦାଲତରେ ଅଗଷ୍ଟ ୭ ତାରିଖରେ ୱାନ୍ ସିସି ମାମଲା ଶଶିଙ୍କ ପରିବାର ପକ୍ଷରୁ ରୁଜୁ ହୋଇଛି। ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଗାଁରେ ରହିବାକୁ ବନ୍ଦୋବସ୍ତ କରିବାକୁ ଜିଲାପାଳଙ୍କୁ ଶଶିଙ୍କ ପରିବାରବର୍ଗ ଅନୁରୋଧ କରିଛନ୍ତି।

## ସାପାରୀବାସୀଙ୍କୁ ବାଲିଚୁଆଁ ଭରସା


ଚୁଆଁ ପାଣି ସଂଗ୍ରହ କରୁଛନ୍ତି ମହିଳାମାନେ।

ତୁମୁଡ଼ିବନ୍ଧ,୧।୧୧ (ଡି.ଏନ.ଏ.)

ଗ୍ରାମାଞ୍ଚଳର ପାନୀୟ ଜଳ ସମସ୍ୟାକୁ ଦୂର କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ କୁର୍ତ୍ତମଗଡ଼ ପଞ୍ଚାୟତ ସାପାରୀ ଗ୍ରାମରେ ଏହି ଯୋଜନା ସ୍ୱପ୍ନ ପାଲଟିଛି। ଫଳରେ ଗ୍ରାମବାସୀ ନିକଟ ଜଡ଼ିକ୍ଲିଭ ନଦୀପଟ୍ଟାର ବାଲିଚୁଆଁକୁ ଭରସା କରିଥାଆନ୍ତି। ମହିଳାମାନେ ହାଣ୍ଡି, ବାଲଟି ଧରି ପିଇବା ପାଣି ପାଇଁ ଅଧ କିମି ବାଟ ଯାଇ ଜଡ଼ିକ୍ଲିଭ ନଦୀପଟ୍ଟାରୁ ବାଲିଚୁଆଁ ଖୋଳି ଗୋଳିଆ ପାଣି ଫିଙ୍ଗି କିଛି ସମୟ ଅପେକ୍ଷା କରି ଭଲ ପାଣି ଆଣିଥାଆନ୍ତି। ତେବେ ଦିନକର ପିଇବା ପାଣି ଆଣିବା ପାଇଁ ଦୁଇଘଣ୍ଟାରୁ ଅଧିକ ସମୟ ଲାଗିଥାଏ। ଏହା ପୁଣି ସ୍ୱଚ୍ଛ ପାଣି ନୁହେଁ। ସାପାରୀ ଗ୍ରାମବାସୀଙ୍କ କହିବାନୁସାରେ, ୩୫ ପରିବାର ଉକ୍ତ ଗ୍ରାମରେ ବସବାସ କରନ୍ତି। ଜନସଂଖ୍ୟା ପ୍ରାୟ ୨୫୦। ୧୯୮୪ରେ ଏକ ନଳକୂପ ଖୋଳା ଯାଇଥିଲା। ତାହା ୨୦୦୮ରେ ଅଚଳ ହୋଇଗଲା। ସେବେଠାରୁ ଗ୍ରାମବାସୀ ପିଇବା ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ କୁର୍ତ୍ତମଗଡ଼ ପଞ୍ଚାୟତରେ ତଥା ତୁମୁଡ଼ିବନ୍ଧ ବ୍ଲକ ଅଧିକାରୀମାନଙ୍କୁ କହିଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଗ୍ରାମବାସୀ ବାଧ ହୋଇ ଚୂଆପାଣିକୁ ବ୍ୟବହାର କରୁଥିବା କହିଛନ୍ତି। ବିଷଶଷକରି ଜଳବାହିତ ବିଭିନ୍ନ ରୋଗରେ ପଡ଼ିଥାଉ ବୋଲି ଯୋଶେଫ ଦିଗାଲ କହିଛନ୍ତି। ଏ ସମ୍ପର୍କରେ ତୁମୁଡ଼ିବନ୍ଧ ବିଡିଓ ରିନା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ସାପାରି ଗାଁର ପାନୀୟ ଜଳ ବାବଦରେ ଆବଶ୍ୟକ ପଦକ୍ଷେପ ନିଆଯିବ।

## ଦରଦାମ ବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ

ଛତ୍ରପୁର/ପାରଳାଖେମୁଣ୍ଡି/ତୁମୁଡିବନ୍ଧ
ରାଇକିଆ/ଚକାପାଦ
୧।୧୧(ଡି.ଏନ୍.ଏ.)

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର


ଛତ୍ରପୁରରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଉଛି ।

କେନ୍ଦ୍ର ସରକାରଙ୍କ ଭୁଲ ଆର୍ଥିକ ପରିଚାଳନା ନୀତି ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ, ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଦର ବଢ଼ିଚାଲିଛି। ଏହାର ପ୍ରତିବାଦରେ ସୋମବାର ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାରେ ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେଡି ନେତ୍ରୀ, ନେତା ଓ କର୍ମୀମାନେ ଜିଲାପାଳ, ଉପଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ରାଲି ସହର ପରିକ୍ରମା କରି ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ଏକ ପ୍ରତିବାଦ ସଭା କରାଯାଇ ଦର ବୃଦ୍ଧି ପ୍ରତ୍ୟାହାର ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭଞ୍ଜନଗରରେ ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆସିକା ବ୍ଲକରେ ବିଜେଡି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓ ରୋସନ ଶତପଥୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ବିଧାୟିକା ମଞ୍ଜୁଲା ସ୍ୱାଇଁଙ୍କ ନେତୃତ୍ୱରେ ବିକ୍ଷୋଭରେ ଏମପି ପ୍ରମିଳା ବିଷୋୟୀ, ଯୁବ ବିଜେଡି ଗଞ୍ଜାମ ଜୋନ ଅଧକ୍ଷ ନଚିକେତା ସ୍ୱାଇଁ, ଶିବ ନାହାକ ପ୍ରମୁଖ ସାମିଲ ଥିଲେ। ସେହିପରି ଗଜପତି ଜିଲାରେ ମଧ ମହିଳା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗୋଷାଣି ବ୍ଲକ ସମ୍ମୁଖରେ ବିଜେଡି ମହିଳା ଉପସଭାପତି ସଂଯୁକ୍ତା ବେହେରାଙ୍କ ନେତୃତ୍ୱରେ ବିଡ଼ିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗଜପତି ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ରାଜଜେମା କଲ୍ୟାଣୀ ଗଜପତି, ବିଜେଡି ଯୁବ ସଭାପତି ଏସ. ଲିଙ୍ଗରାଜଙ୍କ ସମେତ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆର୍. ଉଦୟଗିରି ବ୍ଲକରେ ମଧ ଏହି ବିକ୍ଷୋଭ କରାଯାଇଥିଲା। କନ୍ଧମାଳ ଜିଲା ତୁମୁଡିବନ୍ଧ, ରାଇକିଆ, ଚକାପାଦ ଆଦି ବ୍ଲକ ସମ୍ମୁଖରେ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଛି। ତୁମୁଡିବନ୍ଧ ବ୍ଲକ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ମହିଳା ବିଜେଡିର ସଭାନେତ୍ରୀ ରେଣୁଳା ମହାନ୍ତି ପରିଚାଳନା କରିଥିଲେ। ରାଇକିଆ ବ୍ଲକରେ ମହିଳା ବିଜେଡି ବ୍ଲକ ସଭାନେତ୍ରୀ ଶୀତଲ ନାୟକଙ୍କର ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର ଦିଆଯାଇଛି। ପ୍ରତିବାଦ ସଭାକୁ ବ୍ଲକ ସଭାପତି ରାଜମୋହନ ଦିଗାଳ ସଂଯୋଜନା କରିଥିଲେ। ଜିଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ଜୟାନନ୍ଦ ନାୟକଙ୍କ ସମେତ ବହୁ କର୍ମୀମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୪ ପରିବାରକୁ ବାସନ୍ଦ ଅଭିଯୋଗ

**ଭଞ୍ଜନଗର,୧।୧୧(ଡି.ଏନ୍.ଏ.):** ବେଲଗୁଣ୍ଠା ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମର ୪ଟି ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ କୌଣସି ମାମଲା ରୁଜୁ କରାଯାଇ ନ ଥିଲେ ମଧ ଥାନାଧିକାରୀ ପ୍ରକାଶ ସାହୁ ସୋମବାର ସନ୍ଧ୍ୟାରେ ଟିକରପଡ଼ା ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଯୋଗାଯୋଗ ବେଳେ ଥାନାଧିକାରୀ କହିଛନ୍ତି। ୪ ପରିବାରଙ୍କ ଅଭିଯୋଗ ପ୍ରକାରେ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ୧୦୦ ୟୁନିଟ୍ ରକ୍ତ ସଂଗ୍ରହ

**ଆର.ଉଦୟଗିରି,୧।୧୧(ଡି.ଏନ.ଏ.):** ଆର.ଉଦୟଗିରି ଗ୍ରାମର ରାଜସ୍ୱ ଡାକ ବଙ୍ଗଳାଠାରେ ବିଜେଡି ତରଫରୁ ଏକ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରରେ ବିଜେଡିର ଜିଲା ଯୁବ ଛାତ୍ର ସଂଗଠନର ସଭାପତି ଜିତୁ ଏବଂ ତାଙ୍କ ଟିମ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପୂଜାରୀ ପରିଚାଳନା କରିଥିଲେ। ସ୍ଥାନୀୟ ବିଜେଡି ଛାତ୍ର ସଙ୍ଗଠନର ଆଇଡି କନ୍ଭେନର ଦୀପକ ପାଣି ଓ ଯୁବ ଛାତ୍ର ସଂଗଠନ ସଭାପତି ସହଯୋଗ କରିଥିଲେ ।

### ଗୋରୁଙ୍କୁ ରାସ୍ତାରେ ଛାଡ଼ିଲେ ଜରିମାନା

**ପାରଳାଖେମୁଣ୍ଡି,୧।୧୧: (ଡି.ଏନ୍.ଏ.):** ପାରଳାଖେମୁଣ୍ଡି ପୌରାଞ୍ଚଳରେ ଗୋରୁଙ୍କୁ ସର୍ବସାଧାରଣ କିମ୍ବା ରାସ୍ତାକୁ ଛାଡ଼ିଲେ ମାଲିକମାନେ ଜରିମାନା ଭରିବେ ବୋଲି ପୌରପରିଷଦ ପକ୍ଷରୁ କୁହାଯାଇଛି । ତେବେ ଏହି ନିୟମ ପୂର୍ବରୁ ରହିଥିଲେ ମଧ କଡାକଡି ଭାବେ ପୌରପରିଷଦ ତରଫରୁ ପାଳନ କରାଯାଉ ନ ଥିଲା। ନୂତନ ନିୟମ ଅନୁଯାୟୀ ଗୃହପାଳିତ ପ୍ରାଣୀଙ୍କୁ ନିଜ ନିଜ ଆୟତ୍ତରେ ରଖି ପାଳନ କରିବେ। ଯଦି ରାସ୍ତା କଡ଼ରେ ବାନ୍ଧନ୍ତି କିମ୍ବା ଛାଡନ୍ତି ତେବେ ଏ ବାବଦରେ ମାଲିକମାନେ ଜରିମାନା ଭରିବେ ବୋଲି ସ୍ପଷ୍ଟ କରାଯାଇଛି । ନୂତନ ଧାର୍ଯ୍ୟ କରାଯାଇଥିବା ଜରିମାନା ହେଲା ପ୍ରଥମ ଥର ୧ହଜାର ଟଙ୍କା, ଦ୍ୱିତୀୟ ଥର ୨ ହଜାର ଟଙ୍କା ଓ ତୃତୀୟ ଥରରେ ୩ହଜାର ଟଙ୍କା ଜରିମାନା ଆଦାୟ ହେବ। ଏହା ସହ ଗୃହପାଳିତ ପ୍ରାଣୀଙ୍କୁ କାର୍ଯ୍ୟାଳୟ ତରଫରୁ ବିକ୍ରି କରିଦିଆଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି।

### ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ସମ୍ବର୍ଦ୍ଧନା

**ରମ୍ଭା,୧।୧୧:** ଖଲ୍ଲିକୋଟ ଅବଦୁଲ କଲାମ ଜନ କଲ୍ୟାଣ ପରିଷଦ ପକ୍ଷରୁ ଦକ୍ଷିଣାଞ୍ଚଳ (ଡିଆଇଜି) ଆରକ୍ଷୀ ଅଧୀକ୍ଷକ ସତ୍ୟବ୍ରତ ଭୋଇଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ନିକଟରେ ଡ. ଏପିଜେ ଅବଦୁଲ କଲାମଙ୍କ ବାର୍ଷିକୋତ୍ସବ ସମୟରେ ଉନ୍ମୋଚିତ ପୁସ୍ତକ ସ୍ମୃତି ସୁଧା, ମୋମେଣ୍ଟ ଓ ଫୁଲତୋଡ଼ା ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପ୍ରାକ୍ତନ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଶିକ୍ଷୟିତ୍ରୀ ଦୀପିକା ଦାଶ, ଗଣମାଧ୍ୟମ ପ୍ରତିନିଧି ନୀଳାଞ୍ଚଳ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଦିଗପହଣ୍ଡିରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

■ସାମାନ୍ୟ ବର୍ଷାରେ ଘରେ ପଶୁଛି ନର୍ଦ୍ଦମା ପାଣି
■ବର୍ଷାଜଳ ନିଷ୍କାସନ ପାଇଁ ପଦକ୍ଷେପ ନ ନେଲେ ଆନ୍ଦୋଳନ

**ଦିଗପହଣ୍ଡି,୧।୧୧(ଡି.ଏନ୍.ଏ.)**

ଦିଗପହଣ୍ଡି ସହରରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ସାମାନ୍ୟ ବର୍ଷାରେ ନାଳ ନର୍ଦ୍ଦମା ପାଣି ଲୋକଙ୍କ ଘରେ ପଶୁଛି। ତ୍ରୁଟିପୂର୍ଣ୍ଣ ଡ୍ରେନ ନିର୍ମାଣ କାରଣରୁ ବର୍ଷାଜଳ ଡ୍ରେନ୍‌ଗୁଡିକରୁ ତଳମୁଣ୍ଡକୁ ଯାଇପାରୁନି। ବର୍ଷାଜଳ ନିଷ୍କାସନ ପାଇଁ ଏନ୍‌ଏସି କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରା ନ ଯିବା କାରଣରୁ ସାହି, ବସ୍ତି ଏବଂ କଲୋନୀଗୁଡ଼ିକରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି। ଅନେକ କଲୋନୀ ସାହିଗୁଡ଼ିକରେ ଥିବା ଘର ଚାରିପଟେ ଦୀର୍ଘଦିନ ଧରି ବର୍ଷାଜଳ ସହ ଆବର୍ଜନା ପାଣି ଜମି ରହୁଛି। ପାଣି ନିଷ୍କାସନ ପାଇଁ ଏନ୍‌ଏସି ପରିମଳ କର୍ମଚାରୀମାନଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ଜନ ଅସନ୍ତୋଷ ଲାଗି ରହିଛି। ସମସ୍ୟାର ସ୍ଥାୟୀ ସମାଧାନ କରାନଗଲେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ପୂର୍ବତନ କାଉନ୍‌ସିଲର ଅଶ୍ୱିନୀ କୁମାର ଦାସ, ଏମ୍. ତ୍ରିନାଥ ପ୍ରମୁଖ ଚେତାବନୀ ଦେଇଛନ୍ତି। ଦିଗପହଣ୍ଡି ଏନ୍‌ଏସି ୱାର୍ଡ ନଂ.୩ ଅଧୀନ ପିଏଚ୍‌ଡି ରୋଡ୍ କଡ଼ରେ ଥିବା ବିଭିନ୍ନ କଲୋନୀ ସମେତ ବାଲାଜୀ ନଗର ୱାର୍ଡ ନଂ . ୧୦ ଅଧୀନ ରାଜନଗର, ରାଣୀସାହି, ଆନନ୍ଦ ନଗର ଆଦି ସହରର ଅର୍ଦ୍ଧାଧିକ ସାହିରେ ଠିକ୍ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଅନେକ ଘରର ଲୋକେ ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅନୁଦାନରେ ଡ୍ରେନ୍ ନିର୍ମାଣ ପ୍ରକଳ୍ପ ନିର୍ମାଣ ହେଉଛି। ମାତ୍ର ତାହା ଠିକ ଭାବେ କାର୍ଯ୍ୟକାରୀ ହେଉନାହିଁ। ଡ୍ରେନ୍‌ଗୁଡ଼ିକର ଆବର୍ଜନା ନିୟମିତ ସଫା ହେଉନାହିଁ। ଫଳରେ ସ୍ୱଳ୍ପ ବର୍ଷା ପାଣି ଡ୍ରେନ୍‌ରେ ଯିବା ବଦଳରେ ଲୋକଙ୍କ ଘରେ ପଶୁଛି। ଏନେଇ ଲୋକେ ବାରମ୍ବାର ଏନ୍‌ଏସି କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ଏ ସମ୍ପର୍କରେ ଭାରପ୍ରାପ୍ତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଦିଗପହଣ୍ଡି ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଶୀଘ୍ର ଡ୍ରେନ୍‌ଗୁଡ଼ିକର ମରାମତି, ଆବର୍ଜନା ସଫେଇ ଏବଂ ବିଭିନ୍ନ ଅଞ୍ଚଳରେ ଜମା ରହିଥିବା ବର୍ଷାଜଳ ନାଳ ନର୍ଦ୍ଦମା ପାଣି ନିଷ୍କାସନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ, ଜଣେ ଗୁରୁତର


ଘର କାନ୍ଥ ଓ ଛାତ ଫାଟିଛି।

**ବ୍ରହ୍ମପୁର ଅଫିସ ,୧।୧୧**

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଚର୍ଚ୍ଚରୋଡ ସ୍ଥିତ ଏକ ଘରେ ସୋମବାର ରାତି ପ୍ରାୟ ୯ଟାରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସୁନୀଲ ଦାସ। ତାଙ୍କୁ ଉଦ୍ଧାର କରି ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ଲେଖିବା ସୁଦ୍ଧା ସେ ଚେତାଶୂନ୍ୟ ଥିବା ଜଣାପଡିଛି।

ସୂଚନା ଅନୁସାରେ, ଚର୍ଚ୍ଚରୋଡ୍‌ରେ ଭି. ଭାସ୍କର ପାତ୍ର ରହୁଛନ୍ତି। ସନ୍ଧ୍ୟାରେ ସେ ଘରେ ଅନୁପସ୍ଥିତ ଥିଲେ। ପୁଅ ପ୍ରଶାନ୍ତ, ବୋହୂ ସୁମିତା ଓ ନାତି ସମୀର ଥିଲେ। ସୁମିତା ରାତି ପ୍ରାୟ ୯ଟା ବେଳେ ପ୍ରଥମ ମହଲାରେ ଥିବା ରୋଷେଇ ଘରେ ଚା' ତିଆରି କରୁଥିଲେ। ଏହି ସମୟରେ ଗ୍ୟାସ୍ ସରି ଯାଇଥିଲା। ସେ ଅନ୍ୟ ଏକ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ଆଣି ଚା ତିଆରି କରିବା ସମୟରେ ହଠାତ୍ ଲିକ୍ ହୋଇଥିଲା। ତାହା ବନ୍ଦ ନ ହେବାରୁ ତଳକୁ ଆସି ସ୍ୱାମୀଙ୍କୁ କହିଥିଲେ। ତାଙ୍କ ଘର ନିକଟରେ ଏକ ଗ୍ୟାସ୍ ଚୁଲା ମରାମତି ଦୋକାନ ଅଛି। ଏଣୁ ପ୍ରଶାନ୍ତ ଦୋକାନର ଜଣେ କର୍ମଚାରୀ ସୁନୀଲଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ସୁନୀଲ ଆସି ରୋଷେଇ ଘର କବାଟ ଖୋଲିବା କ୍ଷଣି ହଠାତ୍ ସିଲିଣ୍ଡର୍ ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ସେ ଗୁରୁତର ହୋଇପଡିଥିଲେ। ଏଥିରେ ଘର ଛାତ ଫାଟିବା ସହ ଅନ୍ୟ ଆସବାବପତ୍ର ଭାଙ୍ଗିରୁଜିଯାଇଛି।

## ୯୦ ମହିଳା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କଲେ ବାଚସ୍ପତି


ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ କରୁଛନ୍ତି ବାଚସ୍ପତି।

**ଦିଗପହଣ୍ଡି,୧।୧୧(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ପରିସରରେ ସୋମବାର ସମନ୍ୱୟ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୯୦ ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ ୧ କୋଟି ୪୦ ହଜାର ୮୦୦ ଟଙ୍କା ଋଣ ପ୍ରଦାନ କରିଥିଲେ। ଏପରି ମେଳା ଜରିଆରେ ବ୍ଲକର ସମସ୍ତ ଏସ୍‌ଏଚ୍‌ଙ୍କୁ ଋଣ ପ୍ରଦାନ କରାଯିବ। ଏ ଦିଗରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସିଡିପିଓ ସହଯୋଗ କରିବେ ବୋଲି ବାଚସ୍ପତି ମହିଳାମାନଙ୍କୁ ଆଶ୍ୱାସନା ଦେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବିଡିଓ ହଳଧର ଶବର, ସିଡିପିଓ ପୁଷ୍ପାଞ୍ଜଳି ସତପଥୀ ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ଲକ ବିଜେଡି ସଭାପତି ଉଦୟନାଥ ସ୍ୱାଇଁ, କେ. ହରିବନ୍ଧୁ ରେଡ୍ଡୀ, ଏମ୍. ନିରଞ୍ଜନ ରେଡ୍ଡୀ, ବି. କ୍ରିଷ୍ଣାରାଓ ସୁବୁଦ୍ଧି, ବିଭୂତି ଭୂଷଣ ମହାପାତ୍ର, ସରୋଜ କୁମାର ଜେନା, କୀର୍ତ୍ତିଚନ୍ଦ୍ର ଗୌଡ଼, ରାମକୃଷ୍ଣ ପାଢ଼ୀଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ, ଅଙ୍ଗନୱାଡି ସଭାନେତ୍ରୀ ପି.ବିଜୟଲକ୍ଷ୍ମୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହା ପରେ ବାଚସ୍ପତି ଗଣିଆନାଳଠାରେ ମୋ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରଥିଲେ। କାର୍ଯ୍ୟକ୍ରମରେ ବିଜେଡି ଯୁବନେତା ବିଜୟ ପ୍ରଧାନଙ୍କ ନେତୃତ୍ୱରେ ଅଶୋକ କୁମାର ଶତପଥୀ, କୈଳାସ ପଣ୍ଡା, ବିଜୟ କୁମାର ପଣ୍ଡା, ପ୍ରସନ୍ନ ବିଷୋୟୀ, ପ୍ରହଲ୍ଲାଦ ଭୂୟାଁ, ଅରୁଣ ସାହୁ, ମନୋଜ ଲେଙ୍କା, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମହାନବମୀ ପୂଜା ଖର୍ଚ୍ଚ ସମୀକ୍ଷା ବୈଠକ

**ଖଜୁରୀପଡ଼ା/ବଲସକୁମ୍ପା, ୧।୧୧(ଡି.ଏନ.ଏ.)**

କନ୍ଧମାଳ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ବରାଳ ଦେବୀଙ୍କ ମହାନବମୀ ଓ ଦଶହରା ପୂଜାର ଆୟବ୍ୟୟ ସମୀକ୍ଷା କରାଯାଇଛି। ରବିବାର ମା' ବରାଳ ଦେବୀ ମନ୍ଦିର ପରିଚାଳନା କମିଟି ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ସମ୍ପାଦକ ସଞ୍ଜୟ କୁମାର କହଁରଙ୍କ ଆହ୍ୱାନକ୍ରମେ ଏହି ବୈଠକ ମନ୍ଦିର ପରିସରରେ ହୋଇଥିଲା। ବୈଠକରେ ରାଜସ୍ୱ ନୀରିକ୍ଷକ ଅଧିକାରୀ ଅମିୟ ଭୂଷଣ ରାମ, ସୁପରଭାଇଜର ସଚ୍ଚିଦାନନ୍ଦ ନାୟକ ଏବଂ ମନ୍ଦିର ପରିଚାଳନା କମିଟିର ସହ ସମ୍ପାଦକ ବରୁଣ ମଲ୍ଲିକ, ଉପ ସଭାପତି ଗୌତମ ପ୍ରଧାନ, କୋଷାଧକ୍ଷ ଅନ୍ତର୍ଯ୍ୟାମୀ କହଁର, ସେବାୟତ ଦିଲ୍ଲୀପ କୁମାର ଦଳବେହେରା, ଉଦ୍ଧବ ବିଶୋଇ, ସେବକ ରଘୁନାଥ ସାହାଣୀ ସମେତ ସମସ୍ତ ସଦସ୍ୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସମ୍ପାଦକ ସଞ୍ଜୟ ପୂର୍ବ ଅଧିବେଶନ ପାଠ କରିବା ପରେ ଗତ ମହାନବମୀ ଓ ଦଶହରା ପୂଜାର ସମସ୍ତ ଆୟବ୍ୟୟ ହିସାବ କରାଯାଇଥିଲା। ମନ୍ଦିର ପରିଚାଳନା ତଦାରଖ କମିଟିଦ୍ୱାରା ପ୍ରତ୍ୟେକ ଗୃହୀତ ବିଲ ବିବରଣୀର ଆଲୋଚନା କରାଯାଇଥିଲା।

## ଡେଙ୍ଗୁ ସଚେତନତା କଲେ କଲେଜ ଛାତ୍ର

**ପାତ୍ରପୁର,୧।୧୧(ଡି.ଏନ.ଏ.):** ସାମନ୍ତିଆପଲ୍ଲୀସ୍ଥିତ ଭରତ ପତି ମହାବିଦ୍ୟାଳୟର ଛାତ୍ରମାନେ ଡେଙ୍ଗୁ ସଚେତନ କରୁଛନ୍ତି। ପାତ୍ରପୁର ବ୍ଲକ ଯେଭଳି ଡେଙ୍ଗୁମୁକ୍ତ ହେବ ସେ ନେଇ ଛାତ୍ରମାନେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ସଚେତନ କରାଉଛନ୍ତି। ସୋମବାର ଖାରିଆଗୁଡାଠାରେ ଥିବା ଡୋକି ସନ୍ନ୍ୟାସୀ ମହାବିଦ୍ୟାଳୟ , ସଂସ୍କୃତ କଲେଜ, ଖାରିଆଗୁଡ଼ା ହାଇସ୍କୁଲ ଏବଂ ସୁରଙ୍ଗୀ ହାଇସ୍କୁଲରେ ସଚେତନ କରିଥିଲେ। ଏହା ଏକ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଛାତ୍ରମାନେ କହିଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 33-KUR-TRD-OT-2021-22, ତା.28.10.2021ରିଖ

**କାର୍ଯ୍ୟର ନାମ :** ଛତ୍ରପୁର (CAP) ଷ୍ଟେସନ ଠାରେ 24 କିମ୍ବା 26 କୋଚ୍ ଲମ୍ବ ବିଶିଷ୍ଟ ଟ୍ରେନ୍‌ଗୁଡ଼ିକୁ ସ୍ଥାନ ଯୋଗାଇ ଦେବା ପାଇଁ ପ୍ଲାଟଫର୍ମର ପ୍ରଶସ୍ତୀକରଣ ସହିତ ଅପ୍ ଏବଂ ଡାଉନ୍ ମେନ୍ (Main) ଲାଇନ୍‌ଗୁଡ଼ିକ ମଧ୍ୟରେ ପ୍ଲାଟଫର୍ମ ନଂ. 3 ଏବଂ 4 ର ସମ୍ପ୍ରସାରଣ ସମ୍ବନ୍ଧୀୟ OHE ରୂପାନ୍ତରଣ ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,88,42,010.41

ବିଡ୍ ଦାଖଲ ହେବା ତାରିଖ ଓ ସମୟ : ତା.19.11.2021ରିଖ 1300 ଘଟିକା ପର୍ଯ୍ୟନ୍ତ

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-506/M/21-22

## ଅନ୍ଧବିଶ୍ୱାସ, କୁସଂସ୍କାର ରୋକିବାକୁ ସଚେତନତା


ଶିକ୍ଷୟିତ୍ରୀ ସୁରଭୀ କୁସୁମ ଲତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଭଞ୍ଜନଗର,୧।୧୧(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ବଡ଼କୋଦଣ୍ଡା ଜବାହାର ଉଚ୍ଚ ବିଦ୍ୟାଳୟରେ ଅନ୍ଧ ବିଶ୍ୱାସ ଏବଂ କୁସଂସ୍କାର ରୋକିବା ନିମନ୍ତେ ରବିବାର ଏକ ସଚେତନତା ସଭା ହୋଇଥିଲା। ବୈଜ୍ଞାନିକ ଡ଼.ବିନୋଦ ଚନ୍ଦ୍ର ସାବତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ, ଡ଼.ଦିଲୀପ କୁମାର ମହାପାତ୍ର, ଇକୋ କ୍ଲବ ଜିଲା ସଂଯୋଜକ ଡ଼.ଶଙ୍କର ନାରାୟଣ ବେଞ୍ଚ ଯୋଗଦେଇ ଲୋକେ ସଚେତନ ହେଲେ ଅନ୍ଧ ବିଶ୍ୱାସକୁ ନେଇ ହେଉଥିବା ନିର୍ଯ୍ୟାତନା କମିବ ବୋଲି କହିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରବୀନ୍ଦ୍ର ଗୌଡ଼ ବିଜ୍ଞାନ ଉପରେ ଆଧାରିତ ତଥ୍ୟଭିତ୍ତିକ କିଛି ଚିତ୍ର ଦେଖାଇଥିଲେ। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗଣପତି ସାବତ ଫାଉଣ୍ଡେଶନ ଏବଂ ଜିଲା ବିଜ୍ଞାନ ଏକାଡ଼େମୀର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଶିକ୍ଷକ ଗଣେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଛାତ୍ରୀଛାତ୍ର ଦ୍ୱାରା ଏକ କ୍ଷୁଦ୍ର ନାଟକ ପ୍ରଦର୍ଶିତ ହୋଇଥିଲା।

# ପ୍ରଥମ ଦିନରେ ପରିଚୟ ପ୍ରଦାନ

### ଯୁକ୍ତ ୩ ପାଠ୍ୟକ୍ରମ ଆରମ୍ଭ

**ବ୍ରହ୍ମପୁର ଅଫିସ,୧।୧୧**

ବ୍ରହ୍ମପୁରରେ ସୋମାବାରଠାରୁ ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନରେ ୨୦୨୧-୨୩ ଶିକ୍ଷାବର୍ଷର ଯୁକ୍ତ ୩ ପ୍ରଥମ ବର୍ଷ ପାଠ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ,ମହାମୟୀ ମହିଳା ମହାବିଦ୍ୟାଳୟ ଓ ସହର ଉପକଣ୍ଠସ୍ଥ ସିଟି ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ପାଠ୍ୟକ୍ରମର ପ୍ରଥମ ଦିନରେ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପିକାଙ୍କ ମଧ୍ୟରେ ପରିଚୟ ଆଦାନପ୍ରଦାନ ହୋଇଥିଲା। ପ୍ରଥମ ଦିନରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ଓ ନିଜ ନଜ ବିଭାଗର ନିୟମ ସମ୍ପର୍କରେ ଅବଗତ କରାଯାଇଥିଲା, ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ପାଠ୍ୟ ଖସଡ଼ା ଆଲୋଚନା ହୋଇଥିଲା। ଶଶୀ ଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ପ୍ରଥମ ଦିନରେ କଳା, ବିଜ୍ଞାନ ଓ ଗଣିତ ସମସ୍ତ ବିଭାଗର ମାତ୍ର ୧୦% ପ୍ରତିଶତ ଛାତ୍ରୀ ଉପସ୍ଥିତ ରହିଥିଲେ। ଏହା ଉପସ୍ଥିତ ଛାତ୍ରୀଙ୍କୁ ନେଇ ନିଜ ନିଜ ବିଭାଗର ପ୍ରଥମ ସୂଚନା ସମ୍ପର୍କରେ ଅବଗତ କରାଇବା ନିମେନ୍ତେ ହ୍ୱାଟସ ଅଫ ଗ୍ରୁପ୍ କରାଯାଇଥିବା ଉଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସୁଧାକର ଦାସ କହିଛନ୍ତି। ସେହିପରି ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ମଧ ପ୍ରଥମ ଦିନରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଶ୍ରେଣୀଗୃହରେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟାପକ ଅଧ୍ୟାପିକାଙ୍କ ମଧ୍ୟରେ ପରିଚୟ ପ୍ରାଦନ ହୋଇଥିବା ବେଳେ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପରିସରରେ ଶୃଙ୍ଖଳିତ ଆଚରଣ ସମ୍ପର୍କରେ ଅବଗତ କରାଯାଇଥିବା ଅଧକ୍ଷା ପ୍ରଫେସର ପ୍ରମିଳା ଖାଡ଼ଙ୍ଗା ସୂଚନା ଦେଇଛନ୍ତି।


ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ବାଣିଜ୍ୟ ବିଭାଗରେ ପ୍ରଥମ ଦିନରେ ପାଠ୍ୟଖସଡ଼ା ଆଲୋଚନା ।

**OFFICE OF THE DIVISIONAL FOREST OFFICER, BALANGIR FOREST DIVISION**

**Advertisement No. 5960** **Dtd.30.10.2021**

Resume/Bio-data are invited from the eligible candidate for filling of the vacancy for the following post to be engaged through Service Provider and Partner NGO from 30.10.2021 to 15.11.2021 by the Office of the undersigned under the Scheme MGNREGS & AJY. The candidate will be selected through skill test and interview to be conducted by the office of the undersigned for which they will be called for after short listing of all Resume/Bio-data received at this end. The date of Test/Interview will be intimated to the shortlisted candidate later on. The Resume/Bio-data should be submitted in the Drop Box placed in the office of the undersigned on or before **5.00 P.M. of 15.11.2021**. No other mode of submission will be entertained. The details regarding educational qualification, competencies, responsibility, experience required for the post can be browsed from District NIC portal **www.balangir.nic.in**.

**Vacancies**

| Sl. No. | Name of the Post | No. of Vacancy |
|---|---|---|
| 01 | Data Entry Operator | 04 Nos. |
| 02 | Development Officer under AJY Scheme | 03 Nos. |
| 03 | Team Leader under AJY Scheme | 01 No. |

**Sd./- Divisional Forest Officer**
**Bolangir Forest Division**

**FOREST DEPARTMENT, ODISHA**
**OFFICE OF THE DIVISIONAL FOREST OFFICER, JHARSUGUDA FOREST DIVISION**
**Email: dfo.jharsuguda@gov.in, Ph.: 06645-295040**

**TENDER CALL NOTICE**

**Tender Call Notice No. 274** **Dated: 31.10.2021**

**Sub.: Tender Call Notice for Construction of Civil Works at Jharsuguda Froest Division.**

Sealed tenders are invited from eligible contractors ("A", "B", "C" & "D" Class Contractor) with valid licence for execution of building and other work under the establishment of Jharsuguda Forest Division during the year 2021-22 so as to reach in the O/o. the Divisional Froest Officer, Jharsuguda Forest Division on or before 15.11.2021 upto 05.00 P.M. through Registered/ Speed Post/Courier Service/By Hand.

The application form of tender containing Technical Bid & Financial Bid information and terms and conditions for Construction of Civil works at Jharsuguda Froest Division can be downloaded from **www.dfojharsuguda.org / www.jharsuguda.nic.in** and also can be obtained from the Head Clerk, Office of the Divisional Forest Officer, Jharsuguda Forest Division, Jharsuguda from 31.10.2021 to 15.11.2021 during office hours on production of tender document cost. Tender document cost as mentioned in tender documents in shape of **Non-refundable Demand Draft from any State Bank of India drawn in favour of "Division Forest Officer, Jharsuguda Forest Division"** in the sealed bid document should be submitted.

The **Technical bids will be opened on 16th November 2021 at 11.00 A.M. & Financial Bid will be opened on 17th November 2021 at 11.00 A.M.** in presence of the bidder or his authorized representatives in the office of the undersigned. Final selection of the bidder shall be done on L1 basis on quality of work. The undersigned reserves the right to reject any or all tender without assigning any reason thereof.

**Sd./- Divisional Forest Officer**
**Jharsuguda Forest Division**

idco | ODISHA NEW OPPORTUNITIES **No.CAD-1672**

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
**Bid Identification No. Civil/EST-29/2021-22**

**Notice No. 18334** **Dt.28.10.2021**

**QUOTATION CALL NOTICE THROUGH e-Procurement**

1 Name of the Work: Supply & Installation of Kitchen Unit with Ventilation System & LPG System to North Stand (D-Block) of Athletic Stadium Campus, Bhubaneswar.
2 Value of the Work: Rs.41.92 lakhs (Approx.)
3 Period of Completion: 1 (One) Calendar Month
4 Availability of tender (online bidding)
(i) Start Date: 18.00 hours of Dt.03.11.2021.
(ii) End Date: 15.00 hours of Dt.12.11.2021.
(iii) Opening Date: 16.00 hours of 12.11.2021.

Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.

**Sd./- Chief General Manager (Civil)**
**IDCO, Bhubaneswar**
OIPR-14003/11/0097/2122

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**NOTICE INVITING TENDER**

**Tender Notice Nos. TPWODL/SA/O/SU/ 050 & TPWODL/SR/O/SU/ 052**

TP Western Odisha Distribution Limited, invites tender (in 2part bidding) from eligible vendors for the following packages :

1. **Rate Contract for Supply of AAA conductors of various sizes.**
2. **Purchase Order for supply of 400Amp LT Feeder Protection Box with HRC based.**

Interested bidders to submit Tender Participation Fee and Authorization Letter by e-mail on or before **11th November 2021, 15:00Hrs**, in order to become eligible to participate in the bidding process.

All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.

For detailed tender documents you may visit Tender section of TPWODL website: **www.tpwesternodisha.com**.

**Sd /- Chief-Contracts and Stores**

**ତହସିଲଦାରଙ୍କ କାର୍ଯ୍ୟାଳୟ, ବାଙ୍ଗିରିପୋଷି, ଜିଲ୍ଲା: ମୟୂରଭଞ୍ଜ**

ନୋଟିସ ସଂଖ୍ୟା: ୨୨୦୦ ତା୨୯।୧୦।୨୦୨୧

**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ (ନିଲାମ ଇସ୍ତାହାର)**

No. F-202: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ୍ – ୨୦୧୭ ଅନୁଯାୟୀ ବାଙ୍ଗିରିପୋଷି ତହସିଲ ଅନ୍ତର୍ଗତ ନାଫ୍ରି ପଥର ଖାଦାନ ନଂ. ୧ ଉତ୍ସର (ଲଘୁ ଖଣିଜ ଦ୍ରବ୍ୟ) ଆସନ୍ତା ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରେ ନିଲାମ କରାଯିବାର ସ୍ଥିରୀକୃତ ହୋଇଅଛି। ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ତେଣୁ ଆବେଦନକାରୀ ଫର୍ମ – "M" ପୂରଣ କରି ୩ କପି ସହ ଏହି ତହସିଲ ପତ୍ର ସଂଖ୍ୟା ୨୧୯୨ ସୈରାତ ତା୨୯।୧୦।୨୦୨୧ରିଖରେ ଦିଆଯାଇଥିବା ସର୍ତ୍ତାବଳୀ ମୁତାବକ ତା୨୩।୧୧।୨୦୨୧ରିଖ ଦିବା ୫ ଘଟିକା ସୁଦ୍ଧା ଆବେଦନ କରିପାରିବେ। ଏହି ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ମୟୂରଭଞ୍ଜ Website: **www.mayurbhanj.nic.in**ରେ ଉପଲବ୍ଧ ଅଟେ। ଏତଦ୍‌ବ୍ୟତୀତ ଏ ସମ୍ପର୍କରେ ସମସ୍ତ ତଥ୍ୟାବଳୀ ତହସିଲଦାରଙ୍କ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ମିଳିପାରିବ।

ସ୍ୱା./– ତହସିଲଦାର, ବାଙ୍ଗିରିପୋଷି
OIPR-24037/11/0001/2122

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୪,୭୬,୧୦,୮୬୭ | ୫୦,୧୭,୭୭୬ | ୨୨,୪୨,୫୭,୮୨୫ |
| ଭାରତ | ୩,୪୨,୮୫,୮୧୪ | ୪,୫୮,୪୭୦ | ୩,୩୬,୬୮,୫୬୦ |
| ଓଡ଼ିଶା | ୧୦,୪୧,୭୭୩ | ୮୩୩୬(+୫୩) | ୧୦,୨୯,୫୮୫ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଲୁଟି ନେଲେ ୧୫ ଲକ୍ଷ ଟଙ୍କାର ଗହଣା

**ବାସୁଦେବପୁର/ପଦ୍ମପୁର, ୧।୧୧(ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ସୁଦର୍ଶନପୁର ପଞ୍ଚାୟତର ମାଛହାଟ ଛକଠାରେ ଜଣେ ଗହଣା ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୩ ଦୁର୍ବୃତ୍ତ ପ୍ରାୟ ୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହିତ ନଗଦ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଗହଣା ବ୍ୟବସାୟୀ ତାପସ କୁମାର ସାହୁ ରବିବାର ରାତିରେ ଦୋକାନ ବନ୍ଦ କରି ବାହାରକୁ ଆସିଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ଏକ ବାଇକ୍ ଯୋଗେ ଆସି ଛକି ରହିଥିବା ୩ ଯୁବକ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କ ଗୋଡ଼କୁ ଲକ୍ଷ୍ୟ କରି ଗୁଳିଚାଳନା କରିଥିଲେ ମଧ ତାଙ୍କ ଦେହରେ ବାଜି ନ ଥିଲା। ପରେ ଦୁର୍ବୃତ୍ତମାନେ ତାଙ୍କଠାରୁ ଗହଣା ଓ ଟଙ୍କା ଥିବା ବ୍ୟାଗକୁ ଛଡ଼ାଇ ନେଇ ବାସୁଦେବପୁର ଅଭିମୁଖେ ପଳାଇଥିଲେ। ପୋଲିସ ତଦନ୍ତ ଜାରି ରଖିଛି। ଘଟଣାସ୍ଥଳରୁ ଗୋଟିଏ ଅଫୁଟା ଗୁଳି ଓ ଗୋଟିଏ ଖୋକା ଜବତ ହୋଇଛି। ସେହିପରି ପଦ୍ମପୁର ବଜାରରେ ଥିବା ମା' କନକ ସୁନ୍ଦରୀ ହାର୍ଡଓ୍ୱାର ଷ୍ଟୋରରୁ ତାଲା ଭାଙ୍ଗି ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ରଙ୍ଗ ଓ ଲୌହ ଉପକରଣ ଚୋରି ହୋଇଥିବା ସର୍ତ୍ତରପୁର ଗ୍ରାମର କରୁଣାକର ସେଠୀ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି।

### ୨୨ ଆଞ୍ଚଳିକ ଭାଷାରେ କଥା ଶିଖିବେ ଛାତ୍ରୀଛାତ୍ର: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ଦେଶରେ ଦୈନନ୍ଦିନ ବ୍ୟବହୃତ ହେଉଥିବା ସାଧାରଣ କଥା ଗୁଡ଼ିକୁ ଏଣିକି ୨୨ଟି ଆଞ୍ଚଳିକ ଭାଷାରେ ସ୍କୁଲ ଛାତ୍ରୀଛାତ୍ରମାନେ ଶିଖିପାରିବେ। ଏଥିପାଇଁ ମଙ୍ଗଳବାର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା 'ଏକ ଭାରତ ଶ୍ରେଷ୍ଠ ଭାରତ' ଅନ୍ତର୍ଗତ ଭାଷା ସଙ୍ଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ସେ ଭାଷା ସଂଗ୍ରାମ ମୋବାଇଲ ଆପ୍ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ ମୋବାଇଲ କୁଇଜ୍ ଗେମ୍ ଆପ'ର ଶୁଭାରମ୍ଭ ମଧ କରିଛନ୍ତି। ସୋମବାର ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆୟୋଜିତ ଏହି ସ୍ୱତନ୍ତ୍ର ଲୋକାର୍ପଣ ସମାରୋହରେ ଧର୍ମେନ୍ଦ୍ର କହିଛନ୍ତି, ଶୁଭାରମ୍ଭ ହୋଇଥିବା ଭାଷା ସଙ୍ଗମ ଭାଷାର ଏକତା ମାଧମରେ ବିବିଧ ଭାଷାକୁ ପ୍ରୋତ୍ସାହନ ପ୍ରଦାନ କରିବ।

# ପ୍ରଥମ ଭର୍ଚୁଆଲ କୋର୍ଟରୁମ୍ ଉଦ୍‌ଘାଟିତ

- ଅନୁଗୋଳ, ନୟାଗଡ଼ରେ ଖୋଲିଲା
- ଖୁବ୍‌ଶୀଘ୍ର ସବୁ ଜିଲାରେ ଖୋଲିବ
- ଇ- କଷ୍ଟୋଡି ସାର୍ଟିଫିକେଟ ସିଷ୍ଟମ

**କଟକ ଅଫିସ,୧।୧୧**

ଅନୁଗୋଳ ଓ ନୟାଗଡ଼ ଜିଲାରେ ରାଜ୍ୟର ପ୍ରଥମ ମଡେଲ ଭର୍ଚୁଆଲ କୋର୍ଟରୁମ୍ ଉଦ୍‌ଘାଟିତ ହୋଇଯାଇଛି। ସୋମବାର ଭିଡିଓ କନଫରେନ୍ସ ମାଧମରେ ସୁପ୍ରିମକୋର୍ଟ ବିଚାରପତି ତଥା ଇ-କମିଟି ଚେୟାରମ୍ୟାନ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ପ୍ରଥମ ମଡେଲ ଭର୍ଚୁଆଲ କୋର୍ଟରୁମ୍‌କୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ଇ- କଷ୍ଟୋଡି ସାର୍ଟିଫିକେଟ ସିଷ୍ଟମ ଏବଂ କେସ୍ ସଂକ୍ରାନ୍ତ ସୂଚନା ପ୍ରଦାନ ଲାଗି ଅଟୋମେଟେଡ୍ ଇ-ମେଲ୍ ସର୍ଭିସର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ଜଷ୍ଟିସ ଚନ୍ଦ୍ରଚୂଡ଼ ଉଭୟ କୋର୍ଟରେ ଅବସ୍ଥାପିତ ଅନୁଗୋଳ ଜିଲାଜଜ୍ ଭାଗ୍ୟଲକ୍ଷ୍ମୀ ରଥ ଓ ନୟାଗଡ଼ ଜିଲାଜଜ୍ ରୂପଶ୍ରୀ ଚୌଧୁରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ଏହି ମହିଳା ବିଚାରପତି ଦ୍ୱୟ ସଭିଙ୍କ ପାଇଁ ରୋଲ୍ ମଡେଲ। ଇ-କୋର୍ଟରୁମ୍ ଅତ୍ୟାଧୁନିକ ବ୍ୟବସ୍ଥା ଦ୍ୱାରା ଜନସାଧାରଣଙ୍କର ଭାରତୀୟ ନ୍ୟାୟିକ ବ୍ୟବସ୍ଥା ଉପରେ ଭରସା ଆସିବ। ସେହିପରି ଇ-କଷ୍ଟୋଡି ସାର୍ଟିଫିକେଟ ସିଷ୍ଟମ ଏବଂ ଅଟୋମେଟେଡ ଇ ମେଲ୍ ସର୍ଭିସ ଦ୍ୱାରା ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିବ।

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚୁଆଲ କୋର୍ଟରୁମ୍‌ର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଭର୍ଚୁଆଲ କୋର୍ଟ ରୁମ୍ ମାଧମରେ କିପରି ଏକାଧିକ କୋର୍ଟ ଯୋଡ଼ିହୋଇପାରିବେ, ସେ ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ଦିନରେ ସମସ୍ତ ଜିଲାରେ ଭର୍ଚୁଆଲ କୋର୍ଟରୁମ୍ ଖୋଲାଯିବ। ଫଳରେ ମାମଲାଗୁଡ଼ିକ ପଡ଼ି ନ ରହି ଶୀଘ୍ର ସମାଧାନ ହୋଇପାରିବ ବୋଲି ମୁଖ୍ୟ ବିଚାରପତି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଚାରପତି ବିଶ୍ୱଜିତ ମହାନ୍ତି, ହାଇକୋର୍ଟ ଆଇଟି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କମିଟି ଅଧକ୍ଷ ଜଷ୍ଟିସ ସଙ୍ଗମ କୁମାର ସାହୁ, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଏସିଏସ୍ ସଞ୍ଜୀବ ଚୋପ୍ରା, ପୋଲିସ ମହାନିର୍ଦ୍ଦେଶକ ଅଭୟ, ଜେଲ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ସମେତ ଆଇନଜୀବୀ ଓ ବରିଷ୍ଠ ଅଧିକାରୀମାନେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିଲେ।




# ମୁଖ୍ୟମନ୍ତ୍ରୀଙ୍କ କୁଚିଣ୍ଡା ଗସ୍ତ ଆଜି

**ସ୍ମାର୍ଟ କାର୍ଡ ବଣ୍ଟନ ଶୁଭାରମ୍ଭ କରିବେ**

**କୁଚିଣ୍ଡା/ସମ୍ବଲପୁର, ୧।୧୧(ଡି.ଏନ.ଏ./ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସମ୍ବଲପୁର ଜିଲାର କୁଚିଣ୍ଡା ଗସ୍ତରେ ଆସିବେ। ସ୍ଥାନୀୟ ମୁକୁନ୍ଦି ଷ୍ଟାଡିୟମଠାରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ଓହ୍ଲାଇ ମାତ୍ର ୪୫ ମିନିଟ ମଧରେ କାର୍ଯ୍ୟକ୍ରମ ସାରି ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଥିବା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଉକ୍ତ ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବେ। ପରେ ବାଇପାସ୍ ରୋଡ୍ ଭେଡେନ ଓ ଖର୍ଲା ନଦୀ ଉପରେ ନବ ନିର୍ମିତ ସେତୁ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ମିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ସରକାରୀ ଉଚ୍ଚବିଦ୍ୟାଳୟରେ ସ୍ମାର୍ଟ ଶିକ୍ଷାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ। ସୁରକ୍ଷା ପାଇଁ ୧୮ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବା ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ଷ୍ଟାଡିୟମଠାରୁ ଶହେ ମିଟର ପର୍ଯ୍ୟନ୍ତ ବ୍ୟାରିକେଟ କରି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ବିଜୁ ସ୍ମାର୍ଟ କାର୍ଡର ଶୁଭାରମ୍ଭ ପରେ ସ୍ଥାନୀୟ ଟାଉନ ହଲ ଓ ସଇଡାଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଅପରାହ୍ନରେ ବକ୍ସମାଠାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ବାମରା ବ୍ଲକରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜମନକିରା ବ୍ଲକରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ସ୍ମାର୍ଟକାର୍ଡ ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି।

# ୩୪ ବର୍ଷ ପରେ ବିଧବା ହେଲେ ମହିଳା

- ୧୯୮୭ରୁ ସ୍ୱାମୀଙ୍କ ସନ୍ଧାନ ମିଳୁନାହିଁ
- ପଳାଶପତ୍ରରେ ଶେଷକୃତ୍ୟ ସମ୍ପନ୍ନ

**ନାଉଗାଁ,୧।୧୧(ସ୍ୱ.ପ୍ର.)**

ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଦୀର୍ଘ ୩୪ ବର୍ଷ ବିତିବା ପରେ ସୋମବାର ଜଣେ ବିଧବା ହୋଇଛନ୍ତି। ସାମାଜିକ ରୀତିନୀତି ଅନୁସାରେ ପଳାଶପତ୍ରକୁ କୋକେଇରେ ବାନ୍ଧି ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକର ଶିଖର ପଞ୍ଚାୟତ ଅନ୍ତର୍ଗତ ପାଟେଣୀ ଗାଁର ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଉକ୍ତ ଗାଁର ବେଣୁଧର ଜେନା କୋଲକାତାସ୍ଥିତ ଏକ ଝୋଟ ମିଲରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ପାଟେଣୀସ୍ଥିତ ଘରେ ସ୍ତ୍ରୀ ଶୋଭାରାଣୀ ୨ ପୁଅ ନୃସିଂହ, ମିଟୁଚନ୍ଦ୍ର ଏବଂ ଝିଅଙ୍କ ସହ ରହୁଥିଲେ। ୧୯୮୭ ଦଶହରା ସମୟରେ ବେଣୁଧର ଘରକୁ ଫେରି ଝିଅକୁ ବାହାଦେବାପାଇଁ ଯୋଜନା କରିଥିଲେ। ମାତ୍ର ଆଉ ଫେରି ନ ଥିଲେ। ଏପରିକି ତାଙ୍କର ଖୋଜଖବର ମିଳି ନ ଥିଲା। ଘର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ବିଫଳ ହୋଇଥିଲେ। ପରେ ଶୋଭାରାଣୀ ପାଟେଣୀ ଗ୍ରାମରେ ଝିଅକୁ ବିବାହ କରିଦେଇଥିଲେ। ଇତିମଧରେ ପୁଅ ଦୁହେଁ ବଡ଼ ହୋଇ ନବରଙ୍ଗପୁରରେ ବ୍ୟବସାୟ କରୁଛନ୍ତି। ମାତ୍ର ବହୁ ସମୟରେ ଘରେ ବିଭିନ୍ନ ଅଘଟଣ ହେଉଥିବାରୁ ପଡ଼ୋଶୀଙ୍କ ପରାମର୍ଶକ୍ରମେ ପରିବାର ସଦସ୍ୟ ପୁରୀ ଶ୍ରୀମନ୍ଦିର ମୁକ୍ତିମଣ୍ଡପର ବ୍ରାହ୍ମଣଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ହିନ୍ଦୁ ରୀତିନୀତି ଅନୁସାରେ ବେଣୁଧରଙ୍କ ଶୁଦ୍ଧିକ୍ରିୟା କରିବାକୁ ସ୍ଥିର କରାଯାଇଥିଲା।

ଏନେଇ ମୃତବ୍ୟକ୍ତି ଯିବାପରି ଏକ କୋକେଇ ତିଆରି କରାଯାଇ ସେଥିରେ ୩୬୦ ପଳାସପତ୍ର ରଖାଯାଇ ଧଳା ଲୁଗାରେ ଆବରଣ କରାଯାଇଥିଲା। ଏହାକୁ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବଡ଼ ପୁଅ ନୃସିଂହ ମୁଖାଗ୍ନି ଦେଇଥିଲେ। ଏହା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।




ପଞ୍ଚାୟତଠାରୁ ୨ ହଜାର ଟଙ୍କାର ଭତ୍ତା ବନ୍ଦ କରି ବ୍ଲକ୍ ପକ୍ଷରୁ ମାସିକ ଦରମା ଦେବା ସହ ୮ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ରାଜ୍ୟ ଏସ୍‌ଇଏମ୍ ଓ ଗ୍ରାମୀଣ ପାନୀୟ ଜଳ ଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ସୋମବାର ନବୀନ ନିବାସ ଅଭିମୁଖେ ଯାଉଥିବା ବିକ୍ଷୋଭ ଶୋଭାଯାତ୍ରା।

# ପ୍ରସନ୍ନଙ୍କ ଆୟ ବହିର୍ଭୂତ ସମ୍ପତ୍ତି ୭ କୋଟି

- ୩ଦିନ ପରେ ସ୍ପଷ୍ଟ କଲା ଭିଜିଲାନ୍ସ
- ସ୍ତ୍ରୀ ଓ ପରିବାର ସଦସ୍ୟଙ୍କ ନାମରେ ମାମଲା
- ରିମାଣ୍ଡରେ ଅଣାଯାଇ ଅଧିକ ଖୋଳତାଡ଼ ହୋଇପାରେ

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

ବହୁଚର୍ଚ୍ଚିତ ମନୀଷ ଅନୁରାଗ ହତ୍ୟା ମାମଲା ପରେ ବିବାଦ ଘେରକୁ ଆସି ଜେଲରେ ଥିବା ବହିଷ୍କୃତ କନଷ୍ଟେବଳ ପ୍ରସନ୍ନ ବେହେରାଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ପରିମାଣ ସ୍ପଷ୍ଟ ହୋଇଛି। ଯାଞ୍ଚର ୩ଦିନ ପରେ ସୋମବାର ଭିଜିଲାନ୍ସ ପକ୍ଷରୁ ତାଙ୍କ ବିପୁଳ ସମ୍ପତ୍ତିର ହିସାବ ଦିଆଯାଇଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, ଯାଞ୍ଚବେଳେ ପ୍ରସନ୍ନ ଓ ତାଙ୍କ ପରିବାର ଲୋକଙ୍କ ନାମରେ ବହୁ କୋଟିର ସମ୍ପତ୍ତି ଠାବ କରାଯାଇଥିଲା। ଏଥିରୁ ୬ କୋଟି ୯୭ ଲକ୍ଷ ୧୫ ହଜାର ୫୭ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି, ଯାହା ପ୍ରସନ୍ନଙ୍କ ଆୟର ୨୨୧ ଶତକଡ଼ା। ତେଣୁ ଭିଜିଲାନ୍ସ ପ୍ରସନ୍ନ, ତାଙ୍କ ସ୍ତ୍ରୀ ଓ ପରିବାରସଦ୍ୟଙ୍କ ନାମରେ ମାମଲା (ନଂ.୩୨/୨୧) ରୁଜୁ କରିଛି। ପ୍ରସନ୍ନ ଜଣେ ସାଧାରଣ କନଷ୍ଟେବଳ ହୋଇଥିଲେ ବି କିପରି ଏତେ ପରିମାଣର ସମ୍ପତ୍ତି ଉପାର୍ଜନ କଲେ ତାହା ସମସ୍ତଙ୍କୁ ଚକିତ କରିଛି। ପ୍ରସନ୍ନଙ୍କୁ ରିମାଣ୍ଡରେ ଆଣି ଆୟବହିର୍ଭୂତ ସମ୍ପତ୍ତି ଠୁଳର ଖିଅ ଖୋଜିବାକୁ ଚେଷ୍ଟା କରିପାରେ ବୋଲି ଶୁଣାଯାଉଛି। ଅପରପକ୍ଷରେ ପ୍ରସନ୍ନଙ୍କ ସ୍ତ୍ରୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ମଧ ଭିଜିଲାନ୍ସ ପଚରାଉଚରା କରିବ। କୁହାଯାଉଛି, ପ୍ରସନ୍ନଙ୍କ ଏହି କଳାସାମ୍ରାଜ୍ୟ ସହ କେତେଜଣ ବଡବଡିଆ ଅଧିକାରୀଙ୍କର ମଧ ସମ୍ପୃକ୍ତି ରହିଛି। ତାଙ୍କ ଦ୍ୱାରା ହିଁ ପ୍ରସନ୍ନ କୋଟିପତି ହୋଇଛନ୍ତି। ତେଣୁ ଭିଜିଲାନ୍ସ ଅଧିକ ଅନୁସନ୍ଧାନ କଲେ ପ୍ରସନ୍ନଙ୍କ ପଛରେ ଲୁଚିଥିବା ଏକାଧିକ ବ୍ୟକ୍ତିଙ୍କ ଚେହେରା ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି।

ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ହତ୍ୟା ମାମଲାରେ ପ୍ରସନ୍ନ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ତମାଣ୍ଡୋ ଥାନା ପାତ୍ରପଡ଼ା ଅଞ୍ଚଳରେ ଥିବା ହୋଟେଲ ସାଉଥ୍ ସିଟିର ବାର୍‌କୁ ଭାଇଙ୍କ ନାଁରେ ଲିଜ୍‌ରେ ନେଇ ସେଠାରେ ବିନା ଲାଇସେନ୍ସରେ କୋଭିଡ୍ ନିୟମ ଉଲ୍ଲଂଘନ କରି ବିଳମ୍ବିତ ରାତି ଯାଏ ମଦ ଆସର ସହ ନାଚଗୀତ ଆୟୋଜନ କରୁଥିଲେ। ସେ ଭୁବନେଶ୍ୱର ହାବିଲ୍‌ଦାର ଓ କନଷ୍ଟେବଳ ସଂଘ ସମ୍ପାଦକ ଥିବାରୁ ନିୟମକୁ ଖାତିର କରୁ ନ ଥିଲେ। ଏଥିସହ ପୂର୍ବରୁ ତାଙ୍କ ବିରୋଧରେ ୮ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଓ ୫ ଆପରାଧିକ ମାମଲା ମଧ ରହିଥିଲା। ସମସ୍ତ ପ୍ରମାଣ ମିଳିବା ପରେ ଡିସିପି ତାଙ୍କୁ ଗତ ୨୨ ତାରିଖରେ ନିଲମ୍ବିତ କରିଥିଲେ। ୨୩ ତାରିଖରେ ତାଙ୍କୁ ଗିରଫ କରାଯିବା ପରେ ୨୪ରେ ଚାକିରିରୁ ବହିଷ୍କାର କରାଯାଇଥିଲା।

ସେପଟେ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅର୍ଥାତ ୨୮ ଅକ୍ଟୋବରରେ ଭିଜିଲାନ୍ସ ଟିମ୍ ସକାଳେ ପ୍ରସନ୍ନଙ୍କ କଳ୍ପନାସ୍ଥିତ ସରକାରୀ ବାସଭବନ, ଖୋର୍ଦ୍ଧା ନୂଆପଡ଼ାରେ ଥିବା ପୈତୃକ ଘର, ଲିଙ୍ଗିପୁରସ୍ଥିତ ଫର୍ନିଚର ୱାର୍କଶପ୍, ତମାଣ୍ଡୋ ଥାନା ଡୁମୁଡୁମାସ୍ଥିତ ସ୍ୱାର୍କ ଫର୍ନିଚର୍ ଓ ସାଉଥ୍‌ସିଟି ବାର୍‌ରେ ଚଢ଼ାଉ କରିଥିଲା। ଡୁମୁଡୁମାରେ ୨୫ ଏକର ଜାଗାରେ ୨ କୋଟି ଟଙ୍କାର ସ୍ୱାର୍କ ଫର୍ନିଚର ଶୋ' ରୁମ୍ ଠାବ ହୋଇଥିଲା। ସେହିପରି ୪୫ ଲକ୍ଷ ଟଙ୍କାରେ ଖୋର୍ଦ୍ଧା ନୂଆପଡ଼ାରେ ଫ୍ଲାଟ୍, ସୁନ୍ଦରପଦାରେ ତାଙ୍କ ପୁତୁରାଙ୍କ ନାମରେ ୨୪ ଲକ୍ଷ ଟଙ୍କାର ଫ୍ଲାଟ୍, ପ୍ରସନ୍ନଙ୍କ ନାମରେ ୫୦ ଲକ୍ଷ ଟଙ୍କାର ବୀମା ରସିଦ୍, ୪ଟି ଚାରିଚକିଆ ଗାଡ଼ି, ଦୁଇଟି ବାଇକ୍, ୨୧ ପାସ୍ ବୁକ୍ ପାଇଥିଲା ଭିଜିଲାନ୍ସ।

### ଡାକ୍ତରଙ୍କ ସାଢ଼େ ୭ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**କଟକ ଅଫିସ,୧।୧୧:** ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମେଡିସିନ ସ୍ପେଶାଲିଷ୍ଟ ଡା. ଧ୍ରୁବଚରଣ ନାଥଙ୍କ ୭ଲକ୍ଷ ୫୫ ହଜାର ୪୨୭ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯିବ। ଏନେଇ ଗତ ୩୦ ତାରିଖରେ କଟକ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡା. ନାଥଙ୍କ ବିରୋଧରେ ୧୯୯୬ ମେ ୧୦ରେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନରେ ଏକ ମାମଲା (ନଂ.୧୬/୯୬) ରୁଜୁ ହୋଇଥିଲା। ତଦନ୍ତ ପରେ ୧୯୯୯ ସେପ୍ଟେମ୍ବର ୨୮ରେ ଭିଜିଲାନ୍ସ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ପରେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଭିଜିଲାନ୍ସ ପକ୍ଷରୁ କଟକ ସ୍ୱତନ୍ତ୍ର କୋର୍ଟରେ ଏକ ମାମଲା (ନଂ. ୦୨/୨୦୧୯) ରୁଜୁ ହୋଇଥିଲା। କୋର୍ଟ ଏହି ମାମଲାର ବିଚାର କରି ନାଥଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି ନିର୍ଦ୍ଦେଶ ଦେଇଛନ୍ତି।

# ଶୋଭାଯାତ୍ରା ବେଳେ ଟଳିପଡ଼ିଲେ ମହିଳା

**ଭାଜପା ମହିଳା କର୍ମୀଙ୍କୁ ମାଡ଼ ଅଭିଯୋଗ**

**ଅନୁଗୋଳ ଅଫିସ, ୧।୧୧**

ତୈଳ, ରନ୍ଧନ ଗ୍ୟାସ୍ ସହ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ବିରୋଧରେ ସୋମବାର ଅନୁଗୋଳ ବିଜୁ ମହିଳା ସଙ୍ଗଠନ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ବେଳେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅନୁଗୋଳ ସହର ରାଧାରମଣପଡ଼ାର ହିନ ସାହୁଙ୍କ ସ୍ତ୍ରୀ ବନିତା ସାହୁ(୬୦)। ଡେଲି ମାର୍କେଟରୁ ମେଡିକାଲ ଛକ ମଝିରେ ବନିତା ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ବନିତାଙ୍କ ଝିଅ ବବୁଲୁ ସାହୁ କହିଛନ୍ତି, ଶୋଭାଯାତ୍ରାରେ ସାମିଲ ହେବାକୁ ବିଜେଡି କର୍ମୀମାନେ ସକାଳେ ମା'ଙ୍କୁ ଘରୁ ଡାକି ନେଇଥିଲେ। କିଭଳି ତାଙ୍କର ମୃତ୍ୟୁ ହେଲା ତାହା ଜାଣିପାରୁନୁ। ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ କହିଛନ୍ତି, ମହିଳା ଜଣଙ୍କ ବିଜେଡି କର୍ମୀ। ଶୋଭାଯାତ୍ରା ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି, ଥାନାରେ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅନ୍ୟପକ୍ଷରେ ମୃତ ବନିତାଙ୍କୁ ଦେଖିବାକୁ ମେଡିକାଲ ଶବାଗାର ନିକଟକୁ ଯାଇଥିବା ରାଧାରମଣପଡ଼ା ବାସିନ୍ଦା ତଥା ଭାଜପା କର୍ମୀ ମଞ୍ଜୁ ସାହୁଙ୍କୁ ସେଠାରେ ବିଜୁ ଯୁବ ବାହିନୀ ସଦସ୍ୟ ଅବିନାସ ସାହୁ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଅନୁଗୋଳ ପୋଲିସ ନଂ. ୫୬୬/୨୧ରେ ଏକ ମାମଲା ରୁଜୁ କରିଛି। ସେହିପରି ଅବିନାଶ ମଧ ମଞ୍ଜୁଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ମଞ୍ଜୁ ପାଟିତୁଣ୍ଡ ସହ ତାଙ୍କୁ ଠେଲାପେଲା କରିଥିବା ଅଭିନାଶ ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭାଜପା ମହିଳା ମୋର୍ଚ୍ଚା ରାସ୍ତାକୁ ଓହ୍ଲାଇବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର, ମୋର୍ଚ୍ଚା ଜିଲା ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ରୋଜାଲିନ୍ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ବିଜେଡି ଜିଲା ସଭାପତି ବସ୍ତିଆ କହିଛନ୍ତି, ଅଭିନାଶ କାହାକୁ ମାରଧର କରିନାହାନ୍ତି।

# ଖୋଲିଲା ଶିମିଳିପାଳ

- ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର କ୍ରୀଡ଼ା ବ୍ୟବସ୍ଥା
- ଆକର୍ଷଣ ସାଜିଛି ମାଉଣ୍ଟେନ ସାଇକେଲିଂ

**ବାରିପଦା ଅଫିସ,୧।୧୧**

ବର୍ଷା ଯୋଗୁ ଜୁନ୍ ୧୫ରୁ ବନ୍ଦ ଥିବା ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ସୋମବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପ୍ରଥମ ଦିବସରେ ବାରିପଦାର ପିଠାବଟା ଓ ଯଶିପୁରର କାଳିଆଣି ତନଖି ଫାଟକ ଦେଇ ସକାଳ ୬ଟାରୁ ୯ଟା ମଧରେ ୩୪ଟି ଗାଡ଼ିରେ ମୋଟ ୧୯୩ ପର୍ଯ୍ୟଟକ ଅଭୟାରଣ୍ୟ ମଧକୁ ପ୍ରବେଶ କରିଛନ୍ତି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରନ ଓ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ୍ ଗୌଡ଼ା, ରେଞ୍ଜର ଓ କର୍ମଚାରୀମାନେ ଉପସ୍ଥିତ ରହି ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦ ପ୍ରମୋଦ ଓ ରହଣୀ ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍. ଜଗଜୟାନନ୍ଦ ପ୍ରକାଶ କରିଛନ୍ତି।

ଶିମିଳିପାଳରେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଜାମୁଆଣି, କୁମାରୀ, ଗୁଡୁଗୁଡ଼ିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ରାତ୍ରିଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା କରାଯାଇଛି। ଏଠାରେ ରହିବା ପାଇଁ ଅଗ୍ରିମ ଅନ୍‌ଲାଇନ ବୁକିଂ କରିବାକୁ ପଡ଼ିବ। ପ୍ରତିବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଚଳିତ ବର୍ଷ ଆଗନ୍ତୁକଙ୍କ ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଦୁଃସାହସିକ କ୍ରୀଡ଼ା, ଜଙ୍ଗଲ ସଫାରି ଓ ମାଉଣ୍ଟେନ୍ ସାଇକେଲିଂ ଭଳି ନୂଆ ଧରଣର କ୍ରୀଡ଼ା ବ୍ୟବସ୍ଥା କରିଛନ୍ତି। ଏହା ବ୍ୟତୀତ ଶିମିଳିପାଳ ଭିତରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଭଲିବଲ, ବ୍ୟାଡମିଣ୍ଟନ, କ୍ୟାରମ୍, ଚେସ ଆଦି ଖେଳର ବ୍ୟବସ୍ଥା କରାଯାଇଛି। ଅଭୟାରଣ୍ୟ ଭିତରକୁ ପଶିବା ପାଇଁ ସାଥିରେ ଗାଇଡ୍ ନେବା ବାଧ୍ୟତାମୂଳକ କରାଯାଇଛି। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଟକଣା ଜାରି ହୋଇଛି। ଅପରାହ୍ନ ୩ଟା ପୂର୍ବରୁ ସମସ୍ତ ପର୍ଯ୍ୟଟକଙ୍କୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ପୂର୍ବରୁ ଚହଲା ସ୍ଥାନକୁ ଛାଡ଼ିବା ପାଇଁ ନିର୍ଦ୍ଦେଶ ରହିଛି। କୌଣସି କାରଣବଶତଃ ଗାଡ଼ି ଖରାପ ହେଲେ ପର୍ଯ୍ୟଟକମାନଙ୍କୁ ବାରିପଦା ଓ ଯଶିପୁର ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରିବା ପାଇଁ ଅଗ୍ରିମ ଟଙ୍କା ଜମା କରିବାକୁ ନିୟମ ରହିଛି। ମାସ୍କ ପିନ୍ଧିବା ସହ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୧୯-୨୦ ବର୍ଷରେ ଓଡ଼ିଶାରୁ ୨୮ହଜାର ୮୬୦ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୦-୨୧ରେ ୪୩ହଜାର ୩୫୮ ପର୍ଯ୍ୟଟକ ଏହି ଅଭୟାରଣ୍ୟ ବୁଲିବାକୁ ଆସିଛନ୍ତି। ସେଥିରୁ ୨କୋଟି ୩୫ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଅନ୍ୟ ବର୍ଷ ତୁଳନାରେ ପର୍ଯ୍ୟଟକଙ୍କ ଆଗମନ ଦିନକୁ ଦିନ ବୃଦ୍ଧି ପାଉଛି ବୋଲି ଶିମିଳିପାଳ କର୍ତ୍ତୃପକ୍ଷ କହିଛନ୍ତି।




ଶିମିଳିପାଳକୁ ପ୍ରବେଶ କରୁଥିବା ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

## ପ୍ରଥମ ପୃଷ୍ଠାରୁ

### କମର୍ସିଆଲ ଗ୍ୟାସ୍...

୨,୧୩୩ ଟଙ୍କା ଛୁଇଁଛି। ଏହା ପୂର୍ବରୁ ଅକ୍ଟୋବର ପହିଲାରେ କମର୍ସିଆଲ ଏଲ୍‌ପିଜି ଦର ୪୩.୫ ଟଙ୍କା ବଢ଼ିଥିଲା। କମର୍ସିଆଲ ଗ୍ୟାସ ଦର ବୃଦ୍ଧି ଯୋଗୁ ହୋଟେଲ ଏବଂ ରେଷ୍ଟୁରାଣ୍ଟର ଖାଦ୍ୟ ମହଙ୍ଗା ହେବ। ସେହିଭଳି ଇଟେରୀ ଏବଂ ମିଠା ପ୍ରସ୍ତୁତ କରୁଥିବା ସଂସ୍ଥାଗୁଡ଼ିକ ଏହି ଦର ବୃଦ୍ଧି ଦ୍ୱାରା ପ୍ରଭାବିତ ହେବେ ବୋଲି କୁହାଯାଇଛି। ଗତ ମାସରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ଦର ୧୫ ଟଙ୍କା ବଢ଼ିଥିଲା। ନୂଆଦିଲ୍ଲୀ ଏବଂ ମୁମ୍ବାଇରେ ୧୪.୨ କିଲୋ ବିଶିଷ୍ଟ ଅଣ ସବ୍‌ସିଡି ଏଲ୍‌ପିଜି ସିଲିଣ୍ଡର ପିଛା ଦର ୮୯୯.୫୦ ଟଙ୍କା ରହିଛି।

### ଜିଏସ୍‌ଟି ଆଦାୟ...

ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ପରୋକ୍ଷ ଟିକସ ଆଦାୟର ଏହି ଧାରା ଜାରି ରହିବ ବୋଲି ଅର୍ଥ ମନ୍ତ୍ରଣାଳୟ ଆଶାବାଦୀ ରହିଛି। ଗତ ୫ ମାସ ହେବ ଟିକସ ଆଦାୟ ଲଗାତର ବୃଦ୍ଧି ହେଉଥିବାରୁ ଅର୍ଥ ବ୍ୟବସ୍ଥାରେ ସୁଧାର ତ୍ୱରାନ୍ୱିତ ହେଉଛି ବୋଲି ସରକାର କହିଛନ୍ତି। ଅକ୍ଟୋବରରେ ସାମଗ୍ରୀ ଆମଦାନୀରୁ ଟିକସ ୩୯% ବଢ଼ିଛି। ସେହିଭଳି ଇ-ୱେ ବିଲ୍ କାଢ଼ିବା କ୍ଷେତ୍ରରେ ମଧ ବେଶ୍ ଉନ୍ନତି ପରିଲକ୍ଷିତ ହୋଇଛି। ବର୍ତ୍ତମାନ ଅଟୋମୋବାଇଲ ଶିଳ୍ପରେ ସେମି କଣ୍ଡକ୍ଟର ଅଭାବ ଦେଖାଯାଇଛି। ଯଦି କାର ଏବଂ ଅନ୍ୟ ସାମଗ୍ରୀ ବିକ୍ରି ପ୍ରଭାବିତ ରହେ ତେବେ ମଧ ଟିକସ ଆଦାୟରେ ଉନ୍ନତି ଧାରା ଜାରି ରହିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଜିଏସ୍‌ଟି ଠକେଇ ଉପରେ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି ହୋଇଛି। ଫଳରେ ଏହାର ପ୍ରଭାବ ମଧ ଟିକସ ଆଦାୟ ଉପରେ ଦେଖାଯାଇଛି। ଗତ ଗୋଟିଏ ବର୍ଷ ମଧରେ ସାମଗ୍ରୀ ଓ ସେବା ଟିକସ ନେଟ୍‌ୱର୍କ(ଜିଏସ୍‌ଟିଏନ୍) ଏହାର କ୍ଷମତାକୁ ବୃଦ୍ଧି କରିଛି। ବିଶେଷକରି ୟୁଜର ଅଭିଜ୍ଞତା ଉନ୍ନତ କରିବା ଦିଗରେ ଜିଏସ୍‌ଟିଏନ୍ କାର୍ଯ୍ୟକ୍ରମ ଜାରି ରଖିଛି। ସେହିଭଳି ଜିଏସ୍‌ଟି ଆଦାୟ ଉନ୍ନତ ହେଲେ ଏହା ସରକାରଙ୍କୁ ବିତ୍ତୀୟ କ୍ଷେତ୍ରରେ ମଧ ସହାୟତା କରିବ ବୋଲି ଆଶା କରାଯାଉଛି।

### ଦୀପାବଳିରେ...

ଦର୍ଶନ ବନ୍ଦ ରହିବ, ମାତ୍ର ନୀତିକାନ୍ତି ଯଥାବିଧି ହେବ। ସେହିପରି ସିଂହଦ୍ୱାର ସମ୍ମୁଖରେ କାଉଁରିଆ କାଠି ଜାଳିବା ଉପରେ କଟକଣା ସହ ବୀରଗୋବିନ୍ଦପୁରସ୍ଥିତ ଦକ୍ଷିଣକାଳୀ ପୀଠରେ ୧୪୪ ଧାରା ଜାରି କରାଯିବ।

ସୌନ୍ଦର୍ଯ୍ୟ

# ସ୍ମୋକି ମେକ୍‌ଅପ୍

ଦୀପାବଳିରେ ସ୍ମୋକି ଆଇ ମେକ୍‌ଅପ୍ କରି ଆପଣ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ...

- ପ୍ରଥମେ ଆଖିରେ ଆପଣଙ୍କ ମନପସନ୍ଦର ଆଇସ୍ୟାଡୋ ପ୍ରାଇମର୍ ଲଗାନ୍ତୁ। ଆଇସ୍ୟାଡୋକୁ ନିଜ ଆଙ୍ଗୁଠିରେ କିମ୍ବା ବ୍ରସ୍‌ରେ ଆଖିପତାରେ ଲଗାଇପାରିବେ।
- ଅଧିକ ଆକର୍ଷଣୀୟ ଦେଖାଯିବା ପାଇଁ ଗାଢ଼ ଆଇସ୍ୟାଡୋ ଲଗାଇପାରିବେ। ସ୍ମୋକି ଆଇଜ୍ ମେକ୍‌ଅପ୍ ନେଉଥିଲେ କଳା ରଙ୍ଗର ଆଇଲାଇନର୍ ଲଗାନ୍ତୁ।
- ଯଦି ଗ୍ରୀନ୍ ସ୍ମୋକି ଆଇଜ୍ ମେକଅପ୍ ନେଉଛନ୍ତି ତେବେ ଗ୍ରୀନ୍ କଲର୍ କ୍ରିମ୍ ବେସ୍ ଲଗାନ୍ତୁ।
- ଯେଉଁ ରଙ୍ଗର ମେକଅପ୍ ନେବାକୁ ଚାହୁଁଛନ୍ତି ସେହି ରଙ୍ଗର କ୍ରିମ୍ ବେସ୍ ଲଗାନ୍ତୁ। ଆଉ ଗୋଟିଏ ବ୍ରସ୍ ନେଇ କଲର୍‌କୁ ଭଲଭାବେ ମିଶାନ୍ତୁ। ପରେ ଆଉ ଏକ ବ୍ରସ୍ ଦ୍ୱାରା ଆପଣଙ୍କ ଆଖିର କ୍ରିଜ୍ ଲାଇନରେ ଟ୍ରାଞ୍ଜିସନ୍ କଲର୍ ଲଗାନ୍ତୁ। ଏହାଦ୍ୱାରା ମେକ୍‌ଅପ୍ ଅଧିକ ଡାର୍କ ଦେଖାଯିବ।
- ଯେଉଁ କଲରର ସ୍ମୋକି ଆଇଜ୍ କରୁଛନ୍ତି ସେହି କଲରର୍ ଆଇସ୍ୟାଡୋ ମଧ୍ୟ ଲଗାନ୍ତୁ। ସ୍ମୋକି ଆଇଜ୍ ମେକଅପ୍‌କୁ ଭଲଭାବେ ଆଖି ଚାରିପାଖରେ ମିଶାଇବା ଦରକାର। ଏହାପରେ ୱାଟର୍ ପ୍ରୁଫ୍ କାଜଲ୍ ଲଗାଇ ଶେପ୍ ଦିଅନ୍ତୁ। ଶେଷରେ ମସ୍କାରା ଲଗାଇ ଆଖିର ଏକ ସୁନ୍ଦର ଲୁକ୍ ଦିଅନ୍ତୁ।





# ମା’ ଓ ଶିଶୁର ପୋଷଣ

ସୁସ୍ଥ ମା’ ପେଟରୁ ଜନ୍ମ ନିଏ ସୁସ୍ଥ ସମାଜ। ଏଇଠୁ ଅଙ୍କୁରିତ ହୁଏ ସୃଷ୍ଟିର ପ୍ରଥମ ମୂଳଦୁଆ। ଯେକୌଣସି ଦେଶର ଭବିଷ୍ୟତ ନିର୍ଭର କରେ ମା’ ଓ ଶିଶୁର ସୁସ୍ଥତା ଉପରେ। ତେଣୁ ଭବିଷ୍ୟତକୁ ସମୃଦ୍ଧ କରିବାକୁ ହେଲେ ଏମାନଙ୍କର ସୁସ୍ଥତା ନିହାତି ଆବଶ୍ୟକ। ଆଉ ସୁସ୍ଥତା ଲାଗି ସର୍ବପ୍ରଥମେ ଲୋଡ଼ା ସ୍ୱାସ୍ଥ୍ୟ ପାଇଁ ଠିକ୍ ମାତ୍ରାରେ ପୋଷଣ...

**ଡା. ସ୍ୱପ୍ନେଶ୍ୱର ପଣ୍ଡା**

**ଆ**ଜି ଅକ୍ଟୋବର ୨ ତାରିଖକୁ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଷଷ୍ଠ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ଓ ଶ୍ରୀଧନ୍ୱନ୍ତରୀ ଜୟନ୍ତୀ ଉତ୍ସବ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ଉପଲକ୍ଷେ ସୁସ୍ଥ ଜୀବନ ଲାଗି ପୋଷଣର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଏହି ଅବସରରେ ମା’ ଓ ଶିଶୁର ପୋଷଣକୁ ନେଇ ବିଶେଷ ଉପସ୍ଥାପନା...

ଗର୍ଭବତୀ ମହିଳା, ଶିଶୁ ଓ ରୋଗୀମାନଙ୍କ ପାଇଁ ପ୍ରୋଟିନର ଆବଶ୍ୟକତା ବହୁତ ବେଶି। ତେଣୁ ଶରୀରରେ ଉପଯୁକ୍ତ ପୋଷଣ ନିମନ୍ତେ ସେମାନେ ସର୍ବଦା ସୁଷମ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଉଚିତ। ଶସ୍ୟ, ଛୁଇଁ ଜାତୀୟ ପରିବା, ବାଦାମ, ତୈଳ ଜାତୀୟ ଖାଦ୍ୟ, କ୍ଷୀର ଜାତୀୟ ପଦାର୍ଥ, ଚୂନା ମାଛ, ଅଣ୍ଡା ଓ ସୋୟାବିନ୍‌ରୁ ଶତକଡ଼ା ୪୦ ଭାଗ ପ୍ରୋଟିନ ମିଳେ। କ୍ଷୀର, ଛେନା, ଲହୁଣି, ଘିଅ ପ୍ରଭୃତି ଚର୍ବି ଜାତୀୟ ଖାଦ୍ୟରେ ଭିଟାମିନ୍ ଏ, ଡି, ଇ ଏବଂ କେ ରହିଥାଏ। ୧ ଗ୍ରାମ ଚର୍ବି ଜାତୀୟ ଖାଦ୍ୟ ୯ କିଲୋ କ୍ୟାଲୋରି ପ୍ରଦାନ କରେ। ସିମ୍ଲା ଓ ଲଙ୍କା, ପାଳଙ୍ଗ, ବଥୁଆ, ସୋରିଷ ଶାଗ, ପତ୍ର କୋବି, ପିଆଜ ଷଣ୍ଢା, ମେଥି, ମୂଳାଶାଗ, ଧନିଆପତ୍ର, ଅଁଳା, କଦଳୀ ଭଣ୍ଡା, ଚଣାଶାଗ, ଅଙ୍ଗୁର, ନାସପାତି, ପିଜୁଳି ଆଦି ହାଡ଼ ଓ ଦାନ୍ତ ମଜଭୁତ କରେ, ଦୃଷ୍ଟିଶକ୍ତି ବୃଦ୍ଧି କରେ।

ସାଧାରଣତଃ ମହିଳା ଓ ଶିଶୁମାନେ ଅପପୁଷ୍ଟିର ଶିକାର ହେବା ଫଳରେ ସେମାନଙ୍କ ରକ୍ତରେ ହିମୋଗ୍ଲୋବିନ୍ ପରିମାଣ କମିଯାଏ; ଯାହା ଫଳରେ ଗର୍ଭବତୀ ମହିଳା ଓ ଗର୍ଭସ୍ଥ ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ସମସ୍ୟା ସୃଷ୍ଟି କରିଥାଏ। ମହିଳାମାନେ ସାଧାରଣତଃ ଶୋଥା ଦେଖାଯାଆନ୍ତି। ହାଲିଆ ଲାଗିବା, ଦୁର୍ବଳତା, ମୁଣ୍ଡ ବୁଲାଇବା, ଅଣନିଃଶ୍ୱାସୀ ଅନୁଭବ କରନ୍ତି। ମୁହଁ ଦେହରେ ଫୁଲା ଦେଖାଯାଏ। ସବୁଜ ପନିପରିବା, ଆମ୍ବ, ପିଜୁଳି, କମଳା ଓ ମିଠା ଲେମ୍ବୁ, ଡାଲିଜାତୀୟ ଖାଦ୍ୟ, ରାଶି, ଗୁଡ଼, ଗାଈ କ୍ଷୀର, ଅଶ୍ୱଗନ୍ଧା ରସାୟନ, ଶିଳାଜତ୍ତୁ ରସାୟନ, ବ୍ରାହ୍ମୀ ବଟିକା ପ୍ରଭୃତି ଔଷଧ ସେବନ କରିବା ଦ୍ୱାରା ପ୍ରାକୃତିକ ଉପାୟରେ ଏହାର ପ୍ରତିରୋଧ କରାଯାଇପାରିବ।

ସୁଷମ ଖାଦ୍ୟ ହିଁ ଶରୀରକୁ ଆବଶ୍ୟକୀୟ ଉପାଦାନ ଯୋଗାଇବା ସହ ଏନ୍‌ଜାଇମ୍, ହରମୋନ ଓ ଆଣ୍ଟିବଡ଼ି ଗଠନ କରିବା ସହ ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

ଖଣିଜ ଲବଣ ଯେପରି କି କ୍ଷୀର କ୍ୟାଲସିୟମ୍ ଖାଦ୍ୟସାର ଓ ପ୍ରୋଟିନ୍‌ର ଏକ ମହତ୍ତ୍ୱପୂର୍ଣ୍ଣ ଉତ୍ସ। ପୁଷ୍ଟିହୀନତାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଜନସ୍ୱାସ୍ଥ୍ୟ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିଚାର କରି ସୁଷମ ଖାଦ୍ୟ ଗ୍ରହଣ ନିମନ୍ତେ ପରାମର୍ଶ ଦେଇଛନ୍ତି।

କିଶୋରୀ ଗର୍ଭବତୀଙ୍କର ସ୍ୱତନ୍ତ୍ର ଭାବେ ଯତ୍ନ ନେବା ଆବଶ୍ୟକ। ଖାଦ୍ୟରେ ଉପଯୁକ୍ତ ପୋଷଣ ମିଳିଲେ ସେମାନଙ୍କ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧିପାଇବ। ୧୮ବର୍ଷରୁ କମ୍ ୩୫ବର୍ଷରୁ ଅଧିକ ବୟସରେ ପ୍ରଥମ ଗର୍ଭଧାରଣ କଲେ ମହିଳାଙ୍କ କ୍ଷେତ୍ରରେ ବହୁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବାର ସମ୍ଭାବନା ରହିଥାଏ। ରକ୍ତହୀନତା, ଉଚ୍ଚ ରକ୍ତଚାପ, ଥାଲାସେମିଆ, ମଧୁମେହ, ଥାଇରଏଡ, ହୃଦ୍‌ରୋଗ, ପେଟରେ ଅଧିକ ଯନ୍ତ୍ରଣା କିମ୍ବା ପେଟରେ ପିଲା ନ ବୁଲିବା ଭଳି ଲକ୍ଷଣଗୁଡ଼ିକ ଗର୍ଭାବସ୍ଥାରେ ବିପଦପୂର୍ଣ୍ଣ ହୋଇଥିବାରୁ ଠିକ୍ ଚିକିତ୍ସା, ଖାଦ୍ୟପେୟ ଓ ବିଶ୍ରାମ ଆବଶ୍ୟକ। ମା’ର ପ୍ରଥମ କ୍ଷୀର ହଳଦିଆ ଓ ବହଳିଆ କଷକ୍ଷୀର ଯାହାକୁ କୋଲେଷ୍ଟ୍ରମ କହନ୍ତି, ତାହା ଶିଶୁକୁ ପିଆଇବା ନିହାତି ଆବଶ୍ୟକ। ଏହି କ୍ଷୀର ଶିଶୁକୁ ଅନେକ ସଂକ୍ରମଣରୁ ରକ୍ଷା କରିବା ସହ ତା’ର ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ସୃଷ୍ଟି କରେ।

ଶିଶୁଟି ମାତୃ ଗର୍ଭରେ ସଞ୍ଚାର ହେବା ଓ ଜନ୍ମ ହେବା ପରଠାରୁ ପୂର୍ଣ୍ଣ ବୟସ ପ୍ରାପ୍ତି ପର୍ଯ୍ୟନ୍ତ ମା’ ଓ ଶିଶୁର ଉତ୍ତମ ପୋଷଣ ଆବଶ୍ୟକ। କୁପୋଷଣ ହେତୁ ଶିଶୁଟି ଦୁର୍ବଳ ହୋଇପଡ଼େ। ସେହିପରି ବିବିଧ ଖଣିଜ ଲବଣ ଅଭାବରୁ ରକ୍ତହୀନତା, ହୃଦ୍‌ରୋଗ ସ୍ମରଣ ଶକ୍ତି ହ୍ରାସ ପାଏ।

ବିଶେଷ କରି ଶାଗ ଜାତୀୟ ଖାଦ୍ୟରୁ ଖଣିଜ ଲବଣ ଗାଜରରେ ପ୍ରଚୁର ଜୀବସାର କାଞ୍ଜିଅଁଳା, ଲେମ୍ବୁ, ସଜନାଶାଗ ଆଦିରେ ଜୀବସାର ‘ଗ’ ମିଳିଥାଏ। କଦଳୀ, ବ୍ରୋକଲି, ବନ୍ଧାକୋବି, ଭେଣ୍ଡି, ପୋଟଳ ପ୍ରଭୃତି ତଟକା ସବୁଜ ପରିବା ମା’ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ପୋଷଣ ଯୋଗାଇ ଦେଇଥାଏ। ବ୍ରାହ୍ମୀ ରସାୟନ, ଚ୍ୟବନ ପ୍ରାଶ, ଅଶ୍ୱଗନ୍ଧା ରସାୟନ, ଯଷ୍ଟିମଧୁ, ମଣ୍ଡୁକପର୍ଣ୍ଣି, ଆମଳକୀ, ରକ୍ତପୁରିଣୀ ଶାଗ ପ୍ରଭୃତି ଶରୀରକୁ ପୋଷଣ ଯୋଗାଇବାରେ ସାହାଯ୍ୟ କରିଥାଏ। ତେଣୁ ଆମେ ସଚେତନ ହୋଇ ପ୍ରାକୃତିକ ଉପାୟରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପାଇଁ ଚେଷ୍ଟା କରିବା ଉଚିତ।

*-ରାଜବୈଦ୍ୟ, ସାଇଲୋ ଗୋବିନ୍ଦପୁର କଟକ, ମୋ:୯୪୩୭୦୩୬୨୬୫*







ଫ୍ୟାଶନ୍

# ଟ୍ରାଡିଶନାଲ ଲୁକ୍

ଦୀପାବଳିରେ ସମସ୍ତେ ଘର ସଜାଇବା ସହ ନିଜକୁ ମଧ୍ୟ ନୂଆ ଲୁକ୍ ଦେବାକୁ ପଛାନ୍ତି ନାହିଁ। ଏହି ଉତ୍ସବରେ ମହିଳାମାନେ ବିଭିନ୍ନ ପ୍ରକାରର ଶାଢ଼ି ପିନ୍ଧି ନିଜକୁ ନୂଆ ଲୁକ୍ ଦେଇଥାନ୍ତି। କେଉଁ ଶାଢ଼ି ପିନ୍ଧିଲେ ନିଜକୁ ଭିନ୍ନ ଲୁକ୍ ଦେଇପାରିବେ, ଜାଣି ରଖନ୍ତୁ...

- ଶାଢ଼ି ମଧ୍ୟରେ ବନାରସୀ ହ୍ୟାଣ୍ଡଲୁମ୍ ଶାଢ଼ି ବେଶ୍ ଲୋକପ୍ରିୟ। ଗୋଲ୍ଡ ଏବଂ ସିଲ୍‌ଭର୍ କଲର୍ ବର୍ଡ଼ର ଥିବା ଶାଢ଼ି ଆପଣ କିଣିପାରିବେ, ଯାହା ଆପଣଙ୍କୁ ଗର୍‌ଜିଅସ୍ ଲୁକ୍ ଦେବ। ଏହା ସହ ଆପଣ ମ୍ୟାଚିଙ୍ଗ୍ କରି ଅଳଙ୍କାର ବି ଲଗାଇପାରିବେ।
- ଯେ କୌଣସି ପର୍ବପର୍ବାଣିରେ କାଞ୍ଜିଭରମ୍ ସିଲକ୍ ଶାଢ଼ିର ଚାହିଦା ଅଧିକ ରହିଥାଏ। ଏହାର ସୁନ୍ଦର ଡିଜାଇନ୍ ପାଇଁ ଏହାକୁ ମହିଳାମାନେ ବେଶି ପସନ୍ଦ କରିଥାନ୍ତି। ରେଡ୍ କଲର୍ ବର୍ଡର ଥିବା ୟେଲୋ କଲର୍ ଶାଢ଼ି ଆପଣ ଏହି ଦିନେ ପିନ୍ଧି ପାରିବେ।
- ଯେହେତୁ ଦୀପାବଳି ଆମର ଏକ ପ୍ରମୁଖ ପର୍ବ, ତେଣୁ ଟ୍ରାଡିଶନାଲ୍ ଡିଜାଇନ୍ ଶାଢ଼ି ମଧ୍ୟ ଆମେ ପିନ୍ଧିପାରିବା। ଶାଢ଼ି ସହ ଟ୍ରାଡିଶ୍‌ନାଲ୍ ମେକ୍ ଅପ୍ ବି ବେଶ୍ ସୁନ୍ଦର ଲାଗିବ।
- ଭାରତୀୟ ପରମ୍ପରା ଅନୁସାରେ ସମ୍ବଲପୁରୀ ଶାଢ଼ିର ବି ଢେର୍ ଆକର୍ଷଣ ରହିଛି। ତେଣୁ ପଶାପାଲି ବର୍ଡର ଥିବା ଶାଢ଼ି ସହ ମେଟାଲିକ୍ ଜୁଏଲେରି ବି ଆପଣ ଲଗାଇ ପାରିବେ।
- ସାଧାରଣତଃ ସିନ୍ଥେଟିକ୍ ଶାଢ଼ିଗୁଡ଼ିକ ପତଳା ଓ ହାଲ୍‌କା। ଇଅରିଙ୍ଗସ୍, ନେକଲେସ୍ ଓ ସ୍ୟାଣ୍ଡେଲ୍‌କୁ ଶାଢ଼ି ସହ ମ୍ୟାଚ୍ କରି ଆମେ ଏହି ଦିନ ପିନ୍ଧିପାରିବା। ଏହା ଆପଣଙ୍କୁ ଷ୍ଟାଇଲିସ୍ ଓ ମଡର୍ନ ଲୁକ୍ ଦେଇପାରିବ।



ଘର ସଜାଇବାକୁ ସମସ୍ତଙ୍କୁ ଭଲ ଲାଗେ। ଦୀପାବଳିରେ ଆପଣ ଘର ସଜାଉଥିଲେ ଏଥିରେ ରୋଷେଇ ଘରକୁ ସାମିଲ କରିବାକୁ ଭୁଲନ୍ତୁ ନାହିଁ..

# ସଜାନ୍ତୁ ରୋଷେଇ ଘର





- ଆପଣ ନିଜ କିଚେନକୁ କ୍ଲାସିକ୍ କିମ୍ବା ଲାଇଟ୍ କଲରରେ ସଜାଇ ପାରିବେ। କିଚେନ୍‌ରେ ସୁନ୍ଦର କୋଟେସନ୍ ସହ କିଛି ପେଣ୍ଟିଙ୍ଗର ଫ୍ରେମ ଟାଙ୍ଗନ୍ତୁ। ଥାକମାନଙ୍କରେ କିଛି ରୁପା କିମ୍ବା ରୁପା ଭଳି ଦିଶୁଥିବା ସାମଗ୍ରୀ ରଖନ୍ତୁ। ଏହା ରୋଷେଇ ଘରକୁ ୟୁନିକ ଲୁକ୍ ଦେବ।
- ଆପଣଙ୍କର ଯଦି ରୋଷେଇ ଘରକୁ କଲର୍ କରିବାକୁ ସମୟ ନାହିଁ ତେବେ ଆପଣ ଡ୍ରାମ୍ସ ଏବଂ ଫର୍ନିଚରକୁ ସଜାଇ ପାରିବେ। ଡ୍ରାମ୍ସ ଦ୍ୱାରା କିଚେନକୁ ଟ୍ରାଡିଶନାଲ ଲୁକ୍ ଦିଅନ୍ତୁ। ଏହାସହ ଫର୍ନିଚରକୁ ମଧ୍ୟ କଲର କରିପାରିବେ।
- ରୋଷେଇ ଘରକୁ ସୁନ୍ଦର ଫୁଲରେ ସଜାଇ ପାରିବେ। ଝରକା ପାଖରେ ଫୁଲକୁଣ୍ଡ ରଖନ୍ତୁ। ଫୁଲ ବ୍ୟତୀତ ଫୁଲଦାନୀରେ ଅନ୍ୟ ଗଛ ରଖିଲେ ତାହା ନୂଆ ଲୁକ୍ ଦେଇପାରିବେ।
- ବାସନ ଷ୍ଟାଣ୍ଡରେ ଅତିଥିମାନଙ୍କୁ ପରଷିବା ପାଇଁ ରଙ୍ଗବେରଙ୍ଗର ଶର୍ଙ୍ଗ ପ୍ଲେଟ୍ କିମ୍ବା ଡିଜାଇନର ଥାଳି, କପ୍ ଆଣି ସଜାଡି ରଖନ୍ତୁ।
- ମର୍ଡନ କିଚେନ୍ ନ ଥିଲେ ରୋଷେଇ ଘର ସୁନ୍ଦର କରିବାକୁ କାଠର ବାସନ ଷ୍ଟାଣ୍ଡ ବା ଥାକ ଲଗେଇ ପାରିବେ। ଏହା ସହ ବିଭିନ୍ନ ଡିଜାଇନର ଟାଇଲ୍ ଲଗାଇଲେ ରୋଷେଇ ଘରର ସୁନ୍ଦରତା ବେଶି ବଢ଼ିବ ।
- ରୋଷେଇ ଘରର ତାଜାରେ ଯଦି ଘରୋଇ ବ୍ୟବହାର୍ଯ୍ୟ ଜିନିଷ ଅସଜଡା ହୋଇ ପଡିଛି ତେବେ ତା’ ଉପରେ ପରଦା ଢାଙ୍କି ଦିଅନ୍ତୁ। ଏହା କଭର୍ ହୋଇ ରହିବା ସହ ଏଥିରେ ବେଶି ତେଲ ଆଉ ମଇଳା ଲାଗିବନି।

ଖାଦ୍ୟରୁଚି

# କାଲାକନ୍ଦ

**ଆବଶ୍ୟକ ସାମଗ୍ରୀ:** ପନିର- ୨୫୦ଗ୍ରାମ, ଖୁଆ- ୨୫୦ ଗ୍ରାମ, ଅଳେଇଚ ଗୁଣ୍ଡ - ୧ ଚାମଚ, ପିସ୍ତା- ୧ ଚାମଚ (କଟା ହୋଇଥିବା), କାଜୁ- ୧ ବଡ଼ ଚାମଚ, କ୍ରିମ୍- ଅଧା କପ୍, କ୍ଷୀର- ଅଧା କପ୍, ଚିନି- ଦେଢ଼ କପ୍, ଆବଶ୍ୟକ ଅନୁସାରେ ଘିଅ।

**ପ୍ରଣାଳୀ:**କାଲାକନ୍ଦ ତିଆରି କରିବା ପାଇଁ ସମାନ ପରିମାଣର ପନିର ଓ ଖୁଆ ନିଅନ୍ତୁ। ପ୍ରଥମେ ପନୀରକୁ ଗୁଣ୍ଡ କରି ସେଥିରେ ଖୁଆକୁ ଭଲଭାବେ ମିଶାନ୍ତୁ। ପନିର ବଦଳରେ ଛେନା ମଧ୍ୟ ନେଇପାରିବେ। ଏବେ ଗ୍ୟାସ ଲଗାଇ ସେଥିରେ କଡେଇ ବସାନ୍ତୁ। କଡେଇରେ ଅଳ୍ପ ଘିଅ ଗରମ କରି ସେଥିରେ କ୍ରିମ୍ ଓ କ୍ଷୀରକୁ ପକାଇ ଗୋଳାନ୍ତୁ। ଏବେ ପନିର ଓ ଖୁଆର ମିଶ୍ରଣକୁ ସେଥିରେ ପକାଇ ମିଡିୟମ ଫ୍ରେମରେ ରଖନ୍ତୁ। ଏହାପରେ ଚିନି ମିଶାନ୍ତୁ। ମିଶ୍ରଣରେ ଚିନି ଭଲଭାବେ ମିଶିଯିବା ପରେ ମିଶ୍ରଣ ଗାଢ଼ ହେବା ପର୍ଯ୍ୟନ୍ତ ଲଗାତର ଗୋଳାନ୍ତୁ। ମିଶ୍ରଣ ଗାଢ଼ ହୋଇଯିବା ପରେ ସେଥିରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଏବେ ଏହି ମିଶ୍ରଣକୁ ଏକ ବଡ଼ ପ୍ଲେଟ୍‌କୁ କାଢି ଦିଅନ୍ତୁ। ଥଣ୍ଡା ହେବା ପରେ ସେଥିରେ ବାଦାମ ଓ ପିସ୍ତା ପକାଇ ସଜାନ୍ତୁ। ଏବେ ଫ୍ରିଜ୍‌ରେ ରଖି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କାଲାକନ୍ଦ। ଫ୍ରିଜରୁ ବାହାର କରି ଏହାକୁ ଛୋଟ ଛୋଟ ଖଣ୍ଡରେ କାଟି ଖାଇବାକୁ ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ମଙ୍ଗଳବାର, ନଭେମ୍ବର ୨/୨୦୨୧ Berhampur, Tuesday, November 2/ 2021

# ୨୦୨୦ ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତାଙ୍କୁ ଟ୍ରଫି

**ନୂଆଦିଲ୍ଲୀ,୧।୧୧**

୨୦୨୦ ବର୍ଷ ପାଇଁ ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତାଙ୍କୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ସମ୍ବର୍ଦ୍ଧିତ କରିଛନ୍ତି। ଏ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଠାକୁର କ୍ରୀଡ଼ାବିତମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଛନ୍ତି। ଗତବର୍ଷ ଅବଶ୍ୟ କରୋନା ମହାମାରୀ ପାଇଁ ଖେଳାଳିମାନଙ୍କୁ ଭର୍ଚୁଆଲ ଉତ୍ସବରେ ସମ୍ମାନୀତ କରାଯାଇଥିଲା। ତେବେ ପୂର୍ବରୁ ସବୁ ପୁରସ୍କାର ବିଜେତାଙ୍କୁ ଅର୍ଥିକ ରାଶି ପ୍ରଦାନ କରାଯାଇ ସାରିଥିଲା। କିନ୍ତୁ ମହାମାରୀ କାରଣରୁ ଟ୍ରଫି ଓ ମାନ ପତ୍ର ପ୍ରଦାନ କରାଯାଇ ନ ଥିଲା। ଏଥର ଠାକୁର ସମସ୍ତଙ୍କୁ ଟ୍ରଫି ଓ ମାନପତ୍ର ସହ ସମ୍ମାନୀତ କରିଛନ୍ତି।

ଗତ ବର୍ଷ ଅଗଷ୍ଟ ୨୯ ତାରିଖରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ୭୪ଟି ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଥିଲା। ଏଥିରେ ୫ଟି ମେଜର ଧ୍ୟାନଚାନ୍ଦ ଖେଳରତ୍ନ ଓ ୨୭ଟି ଅର୍ଜୁନ ପୁରସ୍କାର ସାମିଲ ରହିଥିଲା। ସୋମବାର ଆୟୋଜିତ ଏହି ଉତ୍ସବରେ ଯୋଗ ଦେଇଥିବା ଜଣାଶୁଣା କ୍ରୀଡ଼ାବିତ୍‌ମାନେ ହେଲେ ମହିଳା ହକି ଅଧିନାୟିକା ରାନୀ ରାମପଲ, ତାରକା ରେସଲର ଭିନେଶ ଫୋଗତ ଓ ୨୦୧୬ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଥଙ୍ଗାଭେଲୁ ମେରିୟାପ୍ପାନ। ଏହି ଖେଳାଳିମାନେଙ୍କୁ ଖେଳରତ୍ନ ପ୍ରଦାନ କରାଯାଇଛି। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟିନୀ ଲଭଲିନା ବୋରଗୋହେନ, କ୍ରିକେଟର ଇଶାନ୍ତ ଶର୍ମା, ଧାବିକା ଦୂତୀ ଚାନ୍ଦ, ଆର୍ଚର ଅତନୁ ଦାସ ଓ ବ୍ୟାଡମିଣ୍ଟନ ତାରକା ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଚନ୍ଦ୍ରଶେଖର ଶେଟ୍ଟୀଙ୍କୁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଛି।


ନୂଆଦିଲ୍ଲୀରେ ଆୟୋଜିତ ଉତ୍ସବରେ ୨୦୨୦ ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତାଙ୍କ ସହ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର।

## ୨୦୨୧ ବର୍ଷ ପୁରସ୍କାର ପ୍ରଦାନ ପରେ

୨୦୨୧ ବର୍ଷ ପାଇଁ ଜାତୀୟ କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା କ୍ରୀଡ଼ାବିତଙ୍କୁ ପରେ ସମ୍ବର୍ଦ୍ଧିତ କରାଯିବ। ତେବେ କେଉଁ ଦିନ ପୁରସ୍କାର ପ୍ରଦାନ କରାଯିବ ସେ ନେଇ ନିଷ୍ପତ୍ତି ନିଆଯାଇପାରିନାହିଁ। ସାଧାରଣତଃ ଏହି ପୁରସ୍କାର ଜାତୀୟ କ୍ରୀଡ଼ା ଦିବସ ତଥା କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅଗଷ୍ଟ ୨୯ରେ ପ୍ରଦାନ କରାଯାଇଥାଏ। ତେବେ ଟୋକିଓ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସରେ ଖେଳାଳିଙ୍କ ପ୍ରଦର୍ଶନକୁ ଭିତ୍ତି କରି ଏଥର ପୁରସ୍କାର ପ୍ରଦାନ କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ କୁହାଯାଇଥିଲା। ତେଣୁ ଚଳିତ ବର୍ଷ ପୁରସ୍କାର ପ୍ରଦାନ ବିଳମ୍ବିତ ହୋଇଛି। ଏହି ପୁରସ୍କାର ଏବେ ଆଗାମୀ ୧୩ କିମ୍ବା ୨୮ ତାରିଖରେ ବା ଏହି ଦୁଇ ଦିନରେ ଭାଗ କରି ପ୍ରଦାନ କରାଯିବାର ସମ୍ଭାବନା ଅଛି ବୋଲି ପାରା ବ୍ୟାଡମିଣ୍ଟନ ଆଥଲେଟ ତଥା ଟୋକିଓ ପାରା ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ସୂଚନା ଦେଇଛନ୍ତି।

ଜାତୀୟ କ୍ରୀଡ଼ା ପୁରସ୍କାର ଏକ ସମ୍ମାନଜନକ ପୁରସ୍କାର। ୫ ବର୍ଷର କଠିନ ପରିଶ୍ରମ ଓ ଅଧ୍ୟବସାୟ ପରେ ଖେଳାଳିଙ୍କୁ ଏହି ପୁରସ୍କାର ଦିଆଯାଇଥାଏ ବୋଲି ଠାକୁର କହିଛନ୍ତି। ପୁରସ୍କାର ଜିତିଥିବା ସବୁ କ୍ରୀଡ଼ାବିତ୍‌ଙ୍କୁ ଠାକୁର ଅଭିନନ୍ଦନ ଜଣାଇଛନ୍ତି। ପୁରସ୍କୃତ ହୋଇଥିବା ଖେଳାଳିଙ୍କ ଯାତ୍ରା ଏହିଠାରେ ଶେଷ ହୋଇନାହିଁ। ଆଗକୁ ସେମାନେ ଦେଶ ପାଇଁ ଆହୁରି ଗର୍ବ ଓ ଗୌରବ ଆଣିଦେବେ ବୋଲି ଠାକୁର ଆଶା ପ୍ରକାଶ କରିଛନ୍ତି। କ୍ରୀଡ଼ା ପ୍ରତିଭା ଚିହ୍ନଟ ଓ ବିକାଶ ପାଇଁ ସରକାରଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ଓ ଏହା ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି। ଏହି ଅବସରରେ କ୍ରୀଡ଼ା ସଚିବ ସୁଜାତା ଚର୍ତୁବେଦୀ, ଯୁବ ବ୍ୟାପାର ବିଭାଗ ସଚିବ ଉଷା ଶର୍ମା ଓ ମନ୍ତ୍ରଣାଳୟର ଅନ୍ୟ ଅଧିକାରୀଙ୍କ ସମେତ ସ୍ପୋର୍ଟ୍ସ ଅଥରିଟୀ ଅଫ୍ ଇଣ୍ଡିଆ (ସାଇ)ର ଅଫିସିଆଲମାନେ ଉପସ୍ଥିତ ଥିଲେ। ସେହିପରି ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍ ଟାଇମ କାଟାଗୋରୀ), ଦ୍ରୋଣାଚାର୍ଯ୍ୟ ପୁରସ୍କାର (ରେଗୁଲାର), ଧ୍ୟାନଚାନ୍ଦ ପୁରସ୍କାର, ତେନଜିଂ ନରଗେ ନ୍ୟାଶନାଲ ଆଡଭେନଚେର ପୁରସ୍କାର, ମୌଲାନା ଅବୁଲ କାଲାମ ଆଜାଦ ଟ୍ରଫି, ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର, ଆଇଡେଣ୍ଟିଫିକେଶ ଆଣ୍ଡ ନର୍ଚରିଂ ଅଫ୍ ବଡିଂ ଆଣ୍ଡ ୟଙ୍ଗ୍ ଟାଲେଣ୍ଟ ପୁରସ୍କାର, ଏନକରେଜମେଣ୍ଟ ଟୁ ସ୍ପୋର୍ଟ୍ସ ଥ୍ରୁ କର୍ପୋରେଟ୍ ସୋସିଆଲ ରେସପନ୍‌ସିବିଲିଟି ପୁରସ୍କାର, ଏମ୍ପ୍ଲୟମେଣ୍ଟ ଅଫ୍ ସ୍ପୋର୍ଟ୍ସପର୍ସନ ଆଣ୍ଡ ସ୍ପୋର୍ଟ୍ସ ୱେଲଫେୟାର ମେଜର୍ସ ଓ ସ୍ପୋର୍ଟ୍ସ ଫର ଡେଭଲପମେଣ୍ଟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି।

୨୦୨୦ ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା ତାଲିକା:

**ଖେଳରତ୍ନ:** ରୋହିତ ଶର୍ମା (କ୍ରିକେଟ), ମେରିୟାପ୍ପାନ ଥଙ୍ଗାଭେଲୁ (ପାରା–ଅଥଲେଟିକ୍ସ), ମନିକା ବାତ୍ରା (ଟେବୁଲ ଟେନିସ୍), ଭିନେଶ ଫୋଗତ (ରେସଲିଂ), ରାନୀ ରାମପଲ (ହକି)।

**ଅର୍ଜୁନ ପୁରସ୍କାର:** ଅତନୁ ଦାସ (ଆର୍ଚେରୀ), ଦୂତୀ ଚାନ୍ଦ (ଆଥଲେଟିକ୍ସ), ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ (ବ୍ୟାଡମିଣ୍ଟନ), ଚିରାଗ ଚନ୍ଦ୍ରଶେଖର ସେଟ୍ଟୀ (ବ୍ୟାଡମିଣ୍ଟନ), ବିଶେଷ ଭ୍ରିଗୁଭନଶି (ବାସ୍କେଟବଲ), ମନୀଷ କୌଶିକ (ବକ୍ସିଂ), ଲଭଲିନା ବୋରୋଗୋହେନ (ବକ୍ସିଂ), ଇଶାନ୍ତ ଶର୍ମା (କ୍ରିକେଟ), ଦୀପ୍ତି ଶର୍ମା (କ୍ରିକେଟ), ସାୱନ୍ତ ଅଜୟ ଅନନ୍ଦ (ଇକ୍ୱେଷ୍ଟ୍ରିଆନ୍), ସନ୍ଦେଶ ଝିନଗାନ (ଫୁଟବଲ), ଅାଦିତି ଅଶୋକ (ଗଲ୍ଫ), ଆକାଶଦୀପ ସିଂ (ହକି), ଦୀପିକା (ହକି), ଦୀପକ (କବାଡି), କେଲ ସାରିକା ସୁଧାକର (ଖୋ ଖୋ), ଦତ୍ତୁ ବାବନ ଗୋକାନାଲ (ରୋଇଂ), ମନୁ ଭାକର (ଶୁଟିଂ), ସୌରଭ ଚୌଧୁରୀ (ଶୁଟିଂ),ମାଧୁରିକା ପଟକାର (ଟେବୁଲ ଟେନିସ୍), ଦୀଭିଜ ଶରଣ (ଟେନିସ୍), ଶିବ କେଶବନ (ୱିଣ୍ଟର ସ୍ପୋର୍ଟ୍ସ), ଦିବ୍ୟ କକ୍ରାନ (ରେସଲିଂ), ରାହୁଲ ଆୱାରେ (ରେସଲିଂ), ସୁୟାଶ ନାରାୟନ ଜାଦବ (ପାରା ସୁଇମିଂ), ସନ୍ଦୀପ (ପାରା ଆଥଲେଟିକ୍ସ) ଓ ମନୀଶ ନରାୱାଲ (ପାରା ଶୁଟିଂ)।

# ସିନିୟର ଦଳ ସହ ଟ୍ରେନିଂରୁ ଫାଇଦା ମିଳିବ: ବିବେକ

**ବେଙ୍ଗାଲୁରୁ,୧।୧୧**

ନଭେମ୍ବର ୨୪ ତାରିଖରୁ ଭୁବନେଶ୍ୱରରେ ଜୁନିୟର ବିଶ୍ୱକପ ଆରମ୍ଭ ହେବ। ତେବେ ଭାରତୀୟ ଜୁନିୟର ଖେଳାଳିମାନେ ସିନିୟର ଦଳ ସହ ଟ୍ରେନିଂ ଜାରି ରଖିଲେ ଲାଭବାନ ହେବେ। ଏଥିରୁ ଜୁନିୟର ଦଳକୁ ବେଶ୍ ଫାଇଦା ମିଳିବ ବୋଲି ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ତଥା ତାରକା ମିଡ୍‌ଫିଲ୍ଡର ବିବେକ ସାଗର ପ୍ରସାଦ କହିଛନ୍ତି। ବିଶ୍ୱକପ୍ ପୂର୍ବରୁ ଜୁନିୟର ଖେଳାଳିମାନେ ଏହି ଟ୍ରେନିଂ ସେସନରୁ ଭଲ ଅଭିଜ୍ଞତା ହାସଲ କରିବେ।

ବେଙ୍ଗାଲୁରୁର ସାଇ କ୍ୟାମ୍ପସ୍‌ରେ ଉଭୟ ଭାରତୀୟ ପୁରୁଷ ସିନିୟର ଓ ଜୁନିୟର ଦଳ ରହୁଛନ୍ତି। ତେଣୁ ଦୁଇ ଦଳ ପରସ୍ପର ମଧ୍ୟ ମ୍ୟାଚ୍ ଖେଳିଲେ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି ହେବ। ଜୁନିୟର ବିଶ୍ୱକପ୍ ପାଇଁ ଭାରତ ଏହା ଦ୍ୱାରା ପ୍ରସ୍ତୁତି ଜୋରଦାର କରିବ ବୋଲି ସେ କହିଛନ୍ତି। ଏହି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୪ରୁ ଡିସେମ୍ବର ୫ ତାରିଖ ମଧ୍ୟରେ ଖେଳାଯିବ। ଆମ ଦଳର ପ୍ରସ୍ତୁତି ଭଲ ରହିଛି। ଅଭ୍ୟାସରେ ପ୍ରତ୍ୟେକ ଖେଳାଳି ଶତପ୍ରତିଶତ ପ୍ରଦର୍ଶନ ଦେବାକୁ ପ୍ରୟାସ କରୁଛନ୍ତି। ସିନିୟର ଦଳ ସହ ଏକାଠି ରହିବା ଓ ଅଭ୍ୟାସ କରିବାର ନିଶ୍ଚିତ ଭାବେ ଏକ ବଡ଼ ସୁଯୋଗ। ଏହାର ମ୍ୟାଚ୍ ପ୍ରାକ୍ଟିସ କରିହେବ ବୋଲି ପ୍ରସାଦ କହିଛନ୍ତି। ୨୧ ବର୍ଷୀୟ ସାଗର ଜୁନିୟର ବିଶ୍ୱକପ୍‌ରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବେ। ଚାପର କିପରି ଖେଳିବାକୁ ହେବ ସେ ନେଇ ଆମେ ସିନିୟର ଖେଳାଳିଙ୍କ ସହ ଆଲୋଚନା କରିଛୁ। ସେମାନେ ମଧ୍ୟ ସେମାନଙ୍କ ଅଭିଜ୍ଞତା ଆମ ସହ ଶେୟାର କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାରତ ବ୍ରୋଞ୍ଜ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲା ଓ ସାଗର ଏହି ଦଳର ସଦସ୍ୟ ଥିଲେ।

ଜୁନିୟର ବିଶ୍ୱକପ୍‌ରେ ପୁଲ୍ ବିରେ ଭାରତ ସମେତ କାନାଡା, ଫ୍ରାନ୍ସ ଓ ପୋଲାଣ୍ଡ ସାମିଲ ହୋଇଛନ୍ତି। ସେହିପରି ପୁଲ୍ ଏ'ରେ ବେଲଜିୟମ, ମାଲେସିଆ, ଦକ୍ଷିଣ ଆଫ୍ରିକା ଓ ଚିଲି ସାମିଲ ରହିଛନ୍ତି। ପୁଲ୍ ସି'ରେ ନେଦରଲାଣ୍ଡ୍ସ, ସ୍ପେନ, କୋରିଆ ଓ ଆମେରିକା ସାମିଲ ରହିଛନ୍ତି।


ବିବେକ ସାଗର ପ୍ରସାଦ

ପୁଲ୍ ଡି'ରେ ଜର୍ମାନୀ, ଆର୍ଜେଣ୍ଟିନା, ପାକିସ୍ତାନ, ଇଜିପ୍ଟ ସ୍ଥାନ ପାଇଛନ୍ତି।

ଜୁନିୟର ବିଶ୍ୱକପ୍‌ରେ ଭାରତ କଡ଼ା ପ୍ରତିଦ୍ୱନ୍ଦ୍ୱୀତାର ସମ୍ମୁଖୀନ ହେବ। ଭାରତ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ଉପରେ ଧ୍ୟାନ ଦେବ। ପୁଲ ବି' ଶୀର୍ଷରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ଆମେ ପ୍ରଥମେ ଚେଷ୍ଟା କରିବୁ ବୋଲି ସାଗର କହିଛନ୍ତି। ୨୦୧୬ରେ ଲକ୍ଷ୍ନୌରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍‌ରେ ସାଗର ଇଞ୍ଜୁରି କାରଣରୁ ଅଂଶଗ୍ରହଣ କରି ନ ଥିଲେ।

# ଦକ୍ଷିଣ ଆଫ୍ରିକା–ବାଂଲାଦେଶ ମୁକାବିଲା ଆଜି

**ଆବୁଧାବି,୧।୧୧**

ଟି୨୦ ବିଶ୍ୱକପ୍ ସୁପର ୧୨ ପର୍ଯ୍ୟାୟ ଗ୍ରୁପ୍–୧ର ଏକ ମୁକାବିଲାରେ ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ପରସ୍ପରକୁ ଭେଟିବେ। ମଙ୍ଗଳବାର ଖେଳାଯିବାକୁ ଥିବା ଏହି ପ୍ରଥମ ମ୍ୟାଚ୍ ଜିତି ଦକ୍ଷିଣ ଆଫ୍ରିକା ତା'ର ସେମିଫାଇନାଲ ସମ୍ଭାବନାକୁ ଆହୁରି ଦୃଢ କରିବା ଲକ୍ଷ୍ୟରେ ରହିଛି। କ୍ରମାଗତ ଦୁଇଟି ବିଜୟ ହାସଲ କରି ଦକ୍ଷିଣ ଆଫ୍ରିକା ଫର୍ମକୁ ଫେରିବା ସହ ଆତ୍ମବିଶ୍ୱାସ ଦୃଢ କରିଛି। ଦକ୍ଷିଣ ଆଫ୍ରିକା ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୪ ପଏଣ୍ଟ ହାସଲ କରି ଗ୍ରୁପ୍–୧ର ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ବାଂଲାଦେଶ ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ କୌଣସି ପଏଣ୍ଟ ହାସଲ ନ କରି ତାଲିକାର ସର୍ବନିମ୍ନ ସ୍ଥାନ


ଅଭ୍ୟାସ ସେସନ ଅବସରରେ ପାକିସ୍ତାନ କ୍ରିକେଟ ଦଳ।

ଷଷ୍ଠରେ ରହିଛି। ବାଂଲାଦେଶ ସଂଘର୍ଷ କରୁଥିବା ବେଳେ ଦକ୍ଷିଣ ଆଫ୍ରିକା ଏହି ମୁକାବିଲାରେ ଫେଭରାଇଟ ବିବେଚିତ ହେଉଛି। ଗ୍ରୁପ୍–୧ରେ ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ମୋଟ ୬ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୧ ପରାଜୟ ସହ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍ ଦୃଷ୍ଟିକୋଣରୁ ତୃତୀୟ ସ୍ଥାନରେ ରହିଛି।

ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ଗ୍ରୁପ୍ ୨ ପଏଣ୍ଟ ତାଲକାର ଶୀର୍ଷରେ ଥିବା ପାକିସ୍ତାନ ଚତୁର୍ଥ ସ୍ଥାନରେ ଥିବା ନାମ୍ବିଆକୁ ଭେଟିବ। ୩ଟି ମ୍ୟାଚ ଖେଳି ପାକିସ୍ତାନ ସବୁଥିରେ ବିଜୟୀ ହୋଇ ୬ ପଏଣ୍ଟ ହାସଲ କରିବା ସହ ଶୀର୍ଷରେ ରହିଛି। ସେହିପରି ନାମ୍ବିଆ ୨ଟି ମ୍ୟାଚ୍ ଖେଳି ନାମ୍ବିଆ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ହାସଲ କରିଛି। ନାମ୍ବିଆକୁ ହରାଇ ପାକିସ୍ତାନ ସେମିଫାଇନାଲରେ ସ୍ଥାନ ପକ୍କା କରିବାକୁ ଲକ୍ଷ୍ୟ ରଖିଛି।

# ସିଲିକ୍‌ଙ୍କୁ ସେଣ୍ଟ ପିଟର୍ସବର୍ଗ ଟାଇଟଲ

**ସେଣ୍ଟ ପିଟର୍ସବର୍ଗ, ୧।୧୧ (ଏପି)**

ମାରିନ ସିଲିକ୍ ସେଣ୍ଟ ପିଟର୍ସବର୍ଗ ଓପନ ଟେନିସ ଟୁର୍ନାମେଣ୍ଟ ଫାଇନାଲ ଜିତିଛନ୍ତି। ଫାଇନାଲରେ ସେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୭–୬ (୩), ୪–୬, ୬–୪ ସେଟ୍‌ରେ ହରାଇ ଦେଇଛନ୍ତି। ସେଣ୍ଟ ପିଟର୍ସବର୍ଗଠାରେ ୩୩ ବର୍ଷୀୟ ସିଲିକ୍‌ଙ୍କ ଏହା ହେଉଛି ଦ୍ୱିତୀୟ ଟାଇଟଲ। ଏଠାରେ ସେ ପୂର୍ବରୁ ୨୦୧୧ରେ ଚାମ୍ପିୟନ ହୋଇଥିଲେ। ୨୦୧୪ ଓ ୨୦୧୫ରେ ମସ୍କୋରେ ବିଜୟ ପରେ ରୁଷିଆରେ ଏହା ହେଉଛି ତାଙ୍କର ଚତୁର୍ଥ ଟାଇଟଲ। ମସ୍କୋଠାରେ ଗତ ସପ୍ତାହରେ ସେ ଫାଇନାଲରେ ପରାଜିତ ହୋଇଥିଲେ। ଟୁର୍ ସ୍ତରରେ ୨୦ କିମ୍ବା ତା'ଠାରୁ ଅଧିକ ଟାଇଟଲ ଜିତିବାରେ କ୍ରୋଏସିଆର ସିଲିକ୍ ହେଉଛନ୍ତି ୬ଷ୍ଠ ସକ୍ରିୟ ଖେଳାଳି। ଅନ୍ୟମାନେ ହେଲେ ରୋଜର ଫେଡରର (୧୦୩), ରାଫାଲ ନାଡାଲ (୮୮), ନୋଭାକ ଜୋକୋଭିଚ୍ (୮୫), ଆଣ୍ଡି ମୁରେ(୪୬) ଓ ଜୁଆନ ମାର୍ଟିନ ଡେଲ୍ ପୋର୍ତ୍ତୋ। ସୂଚନାଯୋଗ୍ୟ, ଫ୍ରିଜ୍ ଗୁରୁବାର ତାଙ୍କ ୨୪ତମ ଜନ୍ମ ଦିବସରେ ନିଜ ଦେଶର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ।




# ବାୟୋ ବବଲ କ୍ଲାନ୍ତିକୁ ଦାୟୀ କଲେ ବୁମ୍‌ରା

**ଦୁବାଇ,୧।୧୧**

ଚଳିତ ଟି ୨୦ ବିଶ୍ୱକପ୍‌ରେ ଭାରତର ଖରାପ ପ୍ରଦର୍ଶନ ଜାରି ରହିଥିବା ବେଳେ ଏ ନେଇ ତର୍ଜମା, ଆଲୋଚନା ଓ ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ଭାରତୀୟ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଏ ସଂକ୍ରାନ୍ତରେ ନିଜର ମତ ରଖିଛନ୍ତି। ଭାରତର ଦୁର୍ବଳ ପ୍ରଦର୍ଶନ ପାଇଁ ସେ ବାୟୋ ବବଲଜନିତ କ୍ଲାନ୍ତିକୁ ଦାୟୀ କରିଛନ୍ତି। ଭାରତ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନଠାରୁ ହାରିବା ପରେ ନ୍ୟୁଜିଲାଣ୍ଡଠାରୁ ମଧ୍ୟ ପରାସ୍ତ ହୋଇଛି। ଭାରତ ଏପର୍ଯ୍ୟନ୍ତ ବିଜୟ ହାସଲ କରି ନ ପାରି ଖାତା ମଧ୍ୟ ଖୋଲିପାରିନାହିଁ।

ଖେଳାଳିମାନେ ବ୍ରେକ୍ ତଥା ବିଶ୍ରାମ ନେବାର ଆବଶ୍ୟକତା ରହିଛି ବୋଲି ମ୍ୟାଚ୍ ପର ଖବରଦାତା ସମ୍ମିଳନୀରେ ବୁମ୍‌ରା କହିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଦ୍ୱିତୀୟ ଲିଗ୍ ସରିବା ପରେ ଟି ୨୦ ବିଶ୍ୱକପ ମାତ୍ର କିଛିଦିନ ପରେ ଆରମ୍ଭ ହୋଇଥିଲା। ବ୍ୟସ୍ତ ବହୁଳ କ୍ରିକେଟ ଖେଳିବା ସହ ବାୟୋ ବବଲରେ ଦୀର୍ଘ ଦିନ ଅବସ୍ଥାନ କରିବା ନିହାତି କଷ୍ଟକର। କରୋନା ମହମାରୀ କାରଣରୁ ଆମେ ଯେଉଁଭଳି ଭାବେ ବବଲ୍‌ରେ ରହିଆସିଛୁ ତାହା ନିଶ୍ଚିତ ଭାବେ କଷ୍ଟକର ବୋଲି ବୁମ୍‌ରା କହିଛନ୍ତି। ଏଭଳି ସ୍ଥିତିରେ ଆମେ ପରିସ୍ଥିତ ସହ ଖାପ ଖୁଆଇବାକୁ ପ୍ରୟାସ କରୁଥିଲେ ମଧ୍ୟ ମାନସିକ ଓ ଶାରୀରିକ କ୍ଲାନ୍ତି ଖେଳାଳି ତଥା ଦଳର ପ୍ରଦର୍ଶନକୁ ପ୍ରଭାବିତ କରିଛି। ଆମେ ବାରମ୍ବାର ଗୋଟିଏ କାର୍ଯ୍ୟ କରିଆସୁଛୁ। ତେଣୁ ବହୁତ କିଛି ଜିନିଷ ଆମ ନିୟନ୍ତ୍ରଣରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ମଧ୍ୟରେ ୬ ଦିନ ଅନ୍ତର ରହିଥିଲା। ପ୍ରଥମେ ଅଧିନାୟକ ବିରାଟ କୋହଲି ଏହାକୁ ପ୍ରଶଂସା କରିଥିଲେ। ଏହା ଦ୍ୱାରା ଆମର କ୍ଲାନ୍ତି ହ୍ରାସ ହେବ ଓ ମ୍ୟାଚ୍ ପାଇଁ ଭଲ ପ୍ରସ୍ତୁତି କରିବୁ ବୋଲି କହିଥିଲେ। ତେବେ ନ୍ୟୁଜିଲାଣ୍ଡଠାରୁ ହାରିବା ପରେ ଏହି ୬ ଦିନର ଅନ୍ତରକୁ ସମାଲୋଚନା କରିଛନ୍ତି। ଦୁଇଟି ମ୍ୟାଚ୍‌ରେ ଏତେ ଦିନର ଅନ୍ତରକୁ ସେ ହାସ୍ୟାସ୍ପଦ ବୋଲି କହିଛନ୍ତି।

ବାୟୋ ବବଲରେ ରହିବା କାରଣରୁ ବେଳେ ବେଳେ ପରିବାରଠାରୁ ୬ ମାସ ଦୂରେଇ ରହିବାକୁ ପଡ଼େ। ଏହାର ପ୍ରଭାବ ମାନସିକ ସ୍ଥିତ ଉପରେ ପଡ଼େ। କିନ୍ତୁ ପଡିଆରେ ଖେଳିବା ବେଳେ ଅବଶ୍ୟ ଆମେ ଏ ସବୁ କଥା ଚିନ୍ତା କରି ନ ଥାଉ ବୋଲି ବୁମ୍‌ରା କହିଛନ୍ତି।


ଯଶପ୍ରୀତ୍ ବୁମ୍‌ରା

# ଭାରତର ଖରାପ ପ୍ରଦର୍ଶନ ପଛେ...

**ନୂଆଦିଲ୍ଲୀ, ୧।୧୧ (ପି.ଟି.)**

ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତର ନୈରାଶ୍ୟଜନ ଅଭିଯାନକୁ ନେଇ ମନରେ ନାନା ପ୍ରଶ୍ନ ଉଙ୍କି ମାରୁଛି। କେହି ବିରାଟ କୋହଲିଙ୍କ ଅଧିନାୟକତ୍ୱକୁ ଦାୟୀ କରୁଥିବା ବେଳେ ଅନ୍ୟ କେହି ଖରାପ ଦଳ ଚୟନ, ବବଲଜନିତ କ୍ଲାନ୍ତି ଓ ଆଇପିଏଲ୍ କାର୍ଯ୍ୟସୂଚୀକୁ ଦାୟୀ କରୁଛନ୍ତି। ଭାରତୀୟ ଖେଳାଳିଙ୍କ ନିକଟରେ ଲଢୁଆ ମନୋଭାବର ଅଭାବ ପରିଲକ୍ଷିତ ହୋଇଛି ବୋଲି ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ପରେ ଅଧିନାୟକ ବିରାଟ କୋହଲି ପ୍ରକାଶ କରିଛନ୍ତି। ପାକିସ୍ତାନ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ଶାହିନ ଶାହ ଆଫ୍ରିଦୀଙ୍କ ପ୍ରଥମ ୧୨ଟି ବଲର ଉପଯୁକ୍ତ ମୁକାବିଲା କରି ନ ପାରିବା ଏହାର ଏକ ନମୁନା ବୋଲି ଧରିନିଆ ଯାଇପାରେ। ମ୍ୟାଚ ବିଶ୍ଳେଷଣରେ ଭାଗ ନେଇ ଭିଭିଏସ୍ ଲକ୍ଷ୍ମଣ ତାଙ୍କ ବକ୍ତବ୍ୟରେ କହିଛନ୍ତି, ଦଳରେ ଦକ୍ଷ ସପୋର୍ଟ ଷ୍ଟାଫ ରହିଛନ୍ତି। ବୋଧହୁଏ ରଣକୌଶଳକୁ ଠିକଣାରୂପେ କାର୍ଯ୍ୟକାରୀ କରାଯାଇ ପାରି ନାହିଁ। ଏଥିରୁ ସୂଚିତ ହେଉଛି ସବୁକିଛି ଠିକ୍ ନାହିଁ। କୋହଲି ଦ୍ୱିପାକ୍ଷିକ ସିରିଜରେ ସଫଳ ରହୁଥିବା ବେଳେ ଟି୨୦ ବିଶ୍ୱକପ୍, ୫୦ ଓଭର ବିଶ୍ୱକପ୍, ଚାମ୍ପିୟନ୍ସ ଟ୍ରଫି କିମ୍ବା ଆଇପିଏଲ୍ ଭଳି ମଲ୍ଟି ଟିମ୍ ଇଭେଣ୍ଟରେ ବିଫଳ ହେଉଛନ୍ତି ତାହା ଏକ ପ୍ରଶ୍ନ। ଏଠାରେ ଗୋଟିଏ କଥା ମନକୁ ଆସିପାରେ ଦ୍ୱିପାକ୍ଷିକ ସିରିଜରେ ଗୋଟିଏ ଦଳ ବିପକ୍ଷରେ ଖେଳିବାକୁ ହୋଇଥାଏ। ସେଥିପାଇଁ ପ୍ରାୟତଃ ଏକ ପ୍ରକାର ରଣନୀତି ଆପଣାଇବାକୁ ପଡ଼ିଥାଏ। ଟୁର୍ନାମେଣ୍ଟରେ କିନ୍ତୁ ବିଭିନ୍ନ ଦଳ ପାଇଁ ଭିନ୍ନ ରଣନୀତି ପ୍ରସ୍ତୁତ କରିବାକୁ ହୋଇଥାଏ। କୋହଲି ବୋଧହୁଏ ଏଥିପାଇଁ ଟି୨୦ ବିଶ୍ୱକପ୍ ପୂର୍ବରୁ ଆଇପିଏଲ୍ ସମେତ ସୀମିତ ଓଭର କ୍ରିକେଟ ଅଧିନାୟକ ପଦବୀରୁ ଓହରିଯିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ଦଳ ଚୟନରେ ଅସ୍ଥିରତା ଦେଖାଦେଇଛି। ରବିବାର ରାତିରେ ରୋହିତ ଶର୍ମାଙ୍କ ସ୍ଥାନରେ ଇଶନ କିଶନଙ୍କୁ ବ୍ୟାଟିଂ ଓପନିଂ କରିବା ଲାଗି ପଠାଇବା ଏକ ନକାରାତ୍ମକ ରଣକୌଶଳ। ଦଳ ଚାପରେ ରହିଥିବା ଏଥିରୁ ବାରି ହୋଇପଡୁଥିଲା। ବାମହାତୀ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କ ବୋଲିଂକୁ ରୋହିତ ଠିକଣାରୂପେ ସାମ୍ନା କରିପାରିବେ କି ସେ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ବହୁଦିନ ହେଲା ଓପନିଂ କରି ଆସୁଥିବା ଜଣେ ଖେଳାଳିଙ୍କ ସାମର୍ଥ୍ୟ ଉପରେ ଭରସା ନ ରଖିବା ଖେଳ ଉପରେ ନକାରାତ୍ମକ ପ୍ରଭାବ ପକାଇବ ନିଶ୍ଚୟ ବୋଲି କ୍ରିକେଟ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ତାଙ୍କର ଏକ ସାକ୍ଷାତ୍‌କାରରେ କହିଛନ୍ତି। ୨୦୧୯ରେ ଅସ୍ତ୍ରୋପଚାର ପରଠାରୁ ହାର୍ଦ୍ଦିକ ପାଣ୍ଡ୍ୟା ସମ୍ପୂର୍ଣ୍ଣ ଫିଟ୍ ନାହାନ୍ତି। ବୋଲିଂ ପାଇଁ ସେ ସମ୍ପୂର୍ଣ୍ଣରୂପେ ଫିଟ୍ ନାହାନ୍ତି। ଦଳରେ ମୁଖ୍ୟତଃ ତାଙ୍କୁ ଜଣେ ବ୍ୟାଟ୍ସମ୍ୟାନ ଭାବେ ନିଆଯାଇଛି। ବିଶ୍ୱକପ୍ ପାଇଁ ଦଳ ମନୋନୟନ ବେଳେ ସମ୍ପୂର୍ଣ୍ଣ ଫିଟ୍ ନ ଥିବା ଏହି ଖେଳାଳିଙ୍କୁ କେଉଁ କାରଣରୁ ଦଳରେ ନିଆଗଲା ତାହା


ଅଭ୍ୟାସ ବେଳେ କୋଚ୍ ରବି ଶାସ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି ବିରାଟ କୋହଲି।

**ଟି୨୦ ବିଶ୍ୱକପ୍**

ଏକ ପ୍ରଶ୍ନ। ହାର୍ଦ୍ଦିକ ଗତ ଆଇପିଏଲ୍‌ରେ ଗୋଟିଏ ହେଲେ ଓଭର ବୋଲିଂ କରିପାରି ନାହାନ୍ତି। ସେତେବେଳେ ତାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା କହିଥିଲେ ହାର୍ଦ୍ଦିକ ସପ୍ତାହକ ମଧ୍ୟରେ ବୋଲିଂ କରିବେ। ପାକିସ୍ତାନ ବିପକ୍ଷ ମ୍ୟାଚ ବେଳେ ଅଧିନାୟକ କୋହଲି ସ୍ପଷ୍ଟ କରିଥିଲେ ଯେ, ହାର୍ଦ୍ଦିକ କେବଳ ବ୍ୟାଟିଂ କରିପାରିବେ। ହାର୍ଦ୍ଦିକ ପାକିସ୍ତାନ ବିପକ୍ଷରେ ୧୧ ବଲରୁ ୮ରନ କରିଥିବା ବେଳେ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪ ବଲ୍‌ରୁ ୨୩ ରନ କରିଥିଲେ। ଆଇପିଏଲ୍ ପରେ ଟି୨୦ ବିଶ୍ୱକପ୍ ଯୋଗୁ ଭାରତୀୟ ଖେଳାଳିଙ୍କୁ ପ୍ରାୟ ୪ମାସରୁ ଅଧିକ ସମୟ ବାୟୋ–ବବଲରେ ରହିବାକୁ ପଡ଼ିଛି। ଏଥିଯୋଗୁ ଖେଳାଳିମାନେ ମାନସିକ କ୍ଲାନ୍ତି ଅନୁଭବ କରୁଥାଇପାରନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ